R.N.I. REGN. No. 65000/96 POSTAL REGN. No. OR/BN-32/12-14

# ସମୟ SAMAYA

30th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୦୯

ତିଥି: ଅମାବାସ୍ୟା

୧୦ ଅକ୍ଟୋବର ୨୦୨୬, ଶନିବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

10 October 2026, Saturday

Bhubaneswar | Balasore | Angul | Berhampur | Sambalpur

### ରାଷ୍ଟ୍ରପତିଙ୍କୁ ଭେଟିଲେ ଇଣ୍ଡିଆ ବ୍ଲକ୍ ନେତା

# ନିର୍ବାଚନ ଜାଲିଆତି ନେଇ ସ୍ମାରକପତ୍ର

**ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ରାଷ୍ଟ୍ରପତି**



ନୂଆଦିଲ୍ଲୀ, ୯ ।୧୦ : ମୁଖ୍ୟ ନିର୍ବାଚନ କମିଶନର (ଇସିଆଇ) ଜ୍ଞାନେଶ କୁମାର ଭୋଟର ତାଲିକାରେ କରିଥିବା ଅନିୟମିତତା ଓ ନିର୍ବାଚନ ପରିଚାଳନାରେ ହୋଇଥିବା ତ୍ରୁଟି ବିଚ୍ୟୁତିକୁ ନେଇ ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଜାରି ହୋଇଛି। ଏହି କ୍ରମରେ ଆଜି ଇଣ୍ଡିଆ ବ୍ଲକ୍‌ର ୧୦ ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତିଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ସ୍ମାରକପତ୍ର ଦେଇଛନ୍ତି। ୧୦ ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତିଭବନ ଯାଇଥିବାବେଳେ ବିରୋଧୀ ଦଳର ଅନ୍ୟ ନେତାମାନେ ବିଜୟଚୌକ ଠାରେ ଧାରଣା ଦେଇଛନ୍ତି।

ରାଷ୍ଟ୍ରପତିଙ୍କୁ ସାକ୍ଷାତ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ ରାଷ୍ଟ୍ରପତି ବିରୋଧୀଙ୍କ ପକ୍ଷରୁ ହୋଇଥିବା (୯ ପୃଷ୍ଠାରେ)



# ଭାରତୀୟ ବଂଶୋଦ୍ଭବ ନଭି ପିଲ୍ଲେଙ୍କୁ ନୋବେଲ ଶାନ୍ତି

ନୂଆଦିଲ୍ଲୀ, ୯ ।୧୦ : ଜାତିଗତ ଭେଦଭାବ ବିରୋଧରେ ସଂଘର୍ଷ, ରୁଆଣ୍ଡା ଗଣହତ୍ୟା ମାମଲାର ବିଚାର ଏବଂ ବିଶ୍ୱସ୍ତରରେ ମାନବାଧିକାର ସୁରକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଦକ୍ଷିଣ ଆଫ୍ରିକାର ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ତଥା ବିଚାରପତି ନାଭାନେଥମ୍ 'ନାଭି' ପିଲ୍ଲେଙ୍କୁ ୨୦୨୬ ମସିହାର ନୋବେଲ ଶାନ୍ତି ପୁରସ୍କାର ମିଳିଛି ବୋଲି ଉପସ୍ଥାପିତ ଖବରରେ ଦର୍ଶାଯାଇଛି। ୮୫ ବର୍ଷୀୟା ପିଲ୍ଲେ ମିଳିତ ଜାତିସଂଘର ପୂର୍ବତନ ମାନବାଧିକାର ମୁଖ୍ୟ ଏବଂ ଅନ୍ତର୍ଜାତୀୟ ନ୍ୟାୟ କ୍ଷେତ୍ରରେ ଜଣେ ପରିଚିତ ବ୍ୟକ୍ତିତ୍ୱ।

୧୯୪୧ ମସିହାରେ ଦକ୍ଷିଣ ଆଫ୍ରିକାର ଡର୍ବାନ୍‌ଠାରେ ଏକ ଭାରତୀୟ (୯ ପୃଷ୍ଠାରେ)

### ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

# ସଠିକ୍, ଶୀଘ୍ର, ସରଳତା ସୂଚନା ସଞ୍ଚାରର ୩ ସ୍ତମ୍ଭ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୯ ।୧୦ (ସବ୍ୟୁ) : ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଞ୍ଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ ଏବଂ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଆଜିର ଯୁବ ବର୍ଗ ପାରମ୍ପରିକ ଗଣମାଧ୍ୟମଠାରୁ ବହୁ ଆଗରେ ରହି ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତ୍ତା ପ୍ଲାଟଫର୍ମର ବ୍ୟାପକ ବ୍ୟବହାର କରୁଛନ୍ତି। ତେଣୁ ସରକାରୀ ସଂଚାର ବା ଯୋଗାଯୋଗ ପାଇଁ ଆମକୁ ମଧ୍ୟ ସାମ୍ପ୍ରତିକ ସମୟର ଏହି ଅତ୍ୟାଧୁନିକ ଟ୍ରେଣ୍ଡଗୁଡ଼ିକୁ ଆପଣାଇବାକୁ ପଡ଼ିବ ବୋଲି ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଛନ୍ତି ଯେ ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଣ୍ଟ ବା ଇଲେକ୍ଟ୍ରୋନିକ୍ସ (୯ ପୃଷ୍ଠାରେ)

# ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ ଇଡି ଚଢ଼ାଉ

ଭୁବନେଶ୍ୱର, ୯ ।୧୦ (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ରାଜଧାନୀ ସମେତ ରାଜ୍ୟର ୯ ସ୍ଥାନରେ ଶୁକ୍ରବାର ଚଢ଼ାଉ କରିଛି । ଏସଆଇ ନିଯୁକ୍ତିରେ ୨୫ଲକ୍ଷ ଟଙ୍କା ଲେଖାଏଁ କାରବାର ହୋଇଥିବାରୁ ଦଲାଲମାନେ କୋଟି କୋଟି ଟଙ୍କା ସଂଗ୍ରହ କରି କିପରି କେଉଁଆଡେ ବିନିଯୋଗ କରିଛନ୍ତି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଇଡି ଚଢ଼ାଉ କରିଥିବା କୁହାଯାଉଛି । ଦଲାଲମାନେ କୋଟି କୋଟି ଟଙ୍କା ସଂଗ୍ରହ କରି କେଉଁ ପ୍ରକାର ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ ହୋଇଛନ୍ତି ଇଡି ଚଢ଼ାଉ ପରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

ଦଲାଲ ମୁନା ମହାନ୍ତି କଳାପଥର ବାସଭବନ ଓ ଯେଉଁଠାରେ ଅଫିସ୍ କରିଥିଲା ସେଠାରେ ଚଢ଼ାଉ କରାଯାଇଛି । ସେହିପରି ଶଙ୍କର ପୃଷ୍ଟି ଘର ଓ ଭୁବନେଶ୍ୱର ପଟିଆ ଠାରେ ଥିବା ଅଫିସ୍‌ରେ ଚଢ଼ାଉ (୯ ପୃଷ୍ଠାରେ)

# ସରିଲା ନାମାଙ୍କନ, ଆଜି ପ୍ରତ୍ୟାହାର

**୩୪୮ କଲେଜରେ ୮,୩୨୫ ନାମାଙ୍କନ ଦାଖଲ**

**୧୧୫୬ଙ୍କ ପ୍ରାର୍ଥିପତ୍ର ଖାରଜ, ୭,୧୬୯ ପ୍ରାର୍ଥୀ ବୈଧ**

**୧୬୫୩ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ**

ଭୁବନେଶ୍ୱର, ୯ ।୧୦ (ସବ୍ୟୁ): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି । ଏହାପରେ ସନ୍ଧ୍ୟା ୫ଟା ସୁଦ୍ଧା ୩୪୮ କଲେଜରେ ୮୩୨୫ ଜଣ ନାମାଙ୍କନ ଦାଖଲ କରିଛନ୍ତି । ସେଥିମଧ୍ୟରୁ ୧୧୫୬ଜଣ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ହୋଇଛି । ତେବେ ୭, ୧୬୯ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି । ଆସନ୍ତାକାଲି(ଶନିବାର) ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର କରିବାର ସୁଯୋଗ ପାଇବେ ପ୍ରାର୍ଥୀ ।

ରାଜ୍ୟରେ କେଉଁଠି ବାଜା ବାଣ ତ ଆଉ କେଉଁଠି ପାରମ୍ପରିକ ବାଦ୍ୟ ଗୀତ ଆଉ କିଏ ସାଙ୍ଗସାଥୀ (୯ ପୃଷ୍ଠାରେ)

# ମେଟ୍ରୋ ସେବା ସମ୍ପୂର୍ଣ୍ଣ ବନ୍ଦ କରନି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୯।୧୦ : ଅକ୍ଟୋବର ୧୦ରେ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ସିଜେପି ଓ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଘୋଷିତ ବିକ୍ଷୋଭକୁ ଦୃଷ୍ଟିରେ ରଖି ଟ୍ରେନ୍ ଓ ମେଟ୍ରୋ ସେବା ସମ୍ପୂର୍ଣ୍ଣ ବନ୍ଦ ନକରିବାକୁ କେନ୍ଦ୍ର ସରକାରଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯାତାୟାତ ଉପରେ କଟକଣା ଲଗାଯାଇପାରିବ, କିନ୍ତୁ ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହେବା ଉଚିତ ନୁହେଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସିପିଆଇ(ଏମ୍)ର ସାଧାରଣ ସମ୍ପାଦକ ଏମ୍.ଏ. ବେବିଙ୍କ ସମେତ ଅନ୍ୟ ଆବେଦନକାରୀଙ୍କ (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ନାନାଜୀଙ୍କ ନିଧନ ଖବର ଶୁଣି ମୁଁ ବହୁତ ଦୁଃଖିତ । ସେ ସେହି କେତେକ ବଛାବଛା କଳାକାରଙ୍କ ମଧ୍ୟରୁ ଜଣେ ଥିଲେ, ଯାହାଙ୍କୁ ଅଟକି ଦେଖିବା ପାଇଁ ଅଧିକ କିଛି କରିବାର ଆବଶ୍ୟକତା ପଡୁନଥିଲା ।

**ଅକ୍ଷୟ କୁମାର, ଅଭିନେତା**



ମୋ ପାଖରେ କହିବା ପାଇଁ ଶବ୍ଦ ନାହିଁ । ମୁଁ ଅତ୍ୟନ୍ତ ଦୁଃଖିତ । ସେ ଜଣେ ଚମତ୍କାର ଅଭିନେତା ଥିଲେ ଏବଂ ତାଙ୍କର କୌଣସି ତୁଳନା ନଥିଲା ।

**ରିତେଶ ଦେଶମୁଖ, ଅଭିନେତା**



ନାନା ପାଟେକରଙ୍କ ଦେହାନ୍ତ ଖୁବ ଦୁଃଖ ଦେଇଛି । ଭାରତୀୟ ସିନେମା ଜଣେ ବଳିଷ୍ଠ କଳାକାରଙ୍କୁ ହରେଇଲା ।

**ଜୁନିଅର ଏନଟିଆର, ଅଭିନେତା**

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ବିଶ୍ୱବ୍ୟାପୀ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ଏହାକୁ ନେଇ ରହିଥିବା ସାମାଜିକ କୁସଂସ୍କାରକୁ ଦୂର କରିବା ଲକ୍ଷ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖରେ 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ' ପାଳନ କରାଯାଏ । ୧୯୯୨ ମସିହାରେ 'ୱାର୍ଲ୍ଡ ଫେଡେରେସନ୍ ଫର୍ ମେଣ୍ଟାଲ୍ ହେଲ୍ଥ'ର ତତ୍କାଳୀନ ଉପ-ସଚିବ ଜେରାଲ୍ଡ ଲୁଇସ୍‌ଙ୍କ ଉଦ୍ୟମରେ ପ୍ରଥମ କରି ଏହି ଦିବସ ପାଳନ ଆରମ୍ଭ ହୋଇଥିଲା । ୧୯୯୪ ମସିହାରୁ ଏହାକୁ ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଆଧାରରେ ପାଳନ କରାଯାଉଛି । ଆଜିକାଲିର ଅତ୍ୟାଧୁନିକ ଓ ଚାପଗ୍ରସ୍ତ ଜୀବନଶୈଳୀରେ ଚିନ୍ତା, ଅବସାଦ ଓ ମାନସିକ ଅସୁସ୍ଥତା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଶାରୀରିକ ସ୍ୱାସ୍ଥ୍ୟ ପରି ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ମଧ୍ୟ ନିହାତି ଆବଶ୍ୟକ ହୋଇପଡ଼ିଛି । ଏହି ଦିବସର ମୁଖ୍ୟ ମହତ୍ତ୍ୱ ଓ ଆବଶ୍ୟକତା ହେଉଛି ଲୋକଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିବାକୁ ଉତ୍ସାହିତ କରିବା । କୌଣସି ଲଜ୍ଜା କିମ୍ବା ଦ୍ୱିଧା ନରଖି ଡାକ୍ତରୀ ପରାମର୍ଶ ନେବାକୁ ସଚେତନ କରିବା ଏବଂ ମାନସିକ ରୋଗୀଙ୍କ ପ୍ରତି ଆଦର ଓ ସହାନୁଭୂତିପୂର୍ଣ୍ଣ ବାତାବରଣ ତିଆରି କରିବା ।





# ବ୍ରିଟେନରେ ଗାଧୋଇବା ଉପରେ କଟକଣା

ବ୍ରିଟେନର ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି, ଏଠାରେ ଥିବା ଏକ ଆଇଲାଣ୍ଡରେ ଗାଧୋଇବା ଉପରେ କଟକଣା ଲାଗିଛି । ସୂଚନା ଅନୁସାରେ ବ୍ରିଟେନ୍‌ର ଲୁଣ୍ଡି ଦ୍ୱୀପରେ ଗୁରୁତର ଜଳସଙ୍କଟ ଦେଖାଦେବା ପରେ ସେଠାରେ ଲୋକଙ୍କ ଗାଧୋଇବା ଉପରେ କଟକଣା ଲଗାଯାଇଛି । ମାତ୍ର ୨୮ ଜଣ ସ୍ଥାୟୀ ବାସିନ୍ଦା ରହୁଥିବା ଏହି ଦ୍ୱୀପରେ ଏପ୍ରିଲ ମାସରୁ ଆଶାନୁରୂପ ବର୍ଷା ହୋଇନଥିବାରୁ ଜଳାଶୟଗୁଡ଼ିକରେ ଜଳସ୍ତର ହ୍ରାସ ପାଇ ମାତ୍ର ୧୩ ପ୍ରତିଶତକୁ ଖସି ଆସିଥିଲା । ଯାହା ଫଳରେ ବାହାରୁ ଜାହାଜ ଯୋଗେ ପାଣି ଆଣିବାକୁ ପଡୁଛି । ଅଗଷ୍ଟ ମାସରୁ ସପ୍ତାହକୁ ତିନି ଥର ପ୍ରାୟ ୪,୦୦୦ ଲିଟର ପାଣି ଜାହାଜ ମାଧ୍ୟମରେ ପଠାଯାଉଛି । ପରିସ୍ଥିତି ଜଟିଳ ହେବାରୁ ଏକ ବନ୍ୟଜନ୍ତୁ ପୋଖରୀରୁ ମଧ୍ୟ ପାଣି ପମ୍ପରେ ଉଠାଯାଉଛି । ଏହାସହ ସ୍ଥାନୀୟ ପବ୍‌ର ଶୌଚାଳୟ ବନ୍ଦ କରାଯାଇ ପର୍ଯ୍ୟଟକଙ୍କୁ ପୋଖରୀ ପାଣି ବ୍ୟବହାର ହେଉଥିବା ଅନ୍ୟ ଶୌଚାଳୟକୁ ପଠାଯାଉଛି । ଗାଧୋଇବା ପାଇଁ ବାଥ୍‌ଟବ୍‌ରେ ପାଣି ନ ଭରିବା ପାଇଁ ତାହାର ପ୍ଲଗ୍‌ଗୁଡ଼ିକୁ କାଢ଼ି ଦିଆଯାଇଛି । ସ୍ଥାନୀୟ ଲୋକେ ଗାଧୋଇବା ପାଣିକୁ ବାଲ୍ଟିରେ ଜମାଇ ଶୌଚାଳୟରେ ବ୍ୟବହାର କରୁଛନ୍ତି । ଶୀଘ୍ର ବର୍ଷା ନହେଲେ ଦ୍ୱୀପରୁ ମଣିଷ ଓ ଜୀବଜନ୍ତୁଙ୍କୁ ସ୍ଥାନାନ୍ତର କରିବାକୁ ପଡ଼ିପାରେବୋଲି ମତ ପ୍ରକାଶ ପାଇଛି ।

## ଇତିହାସ



ଆର୍.କେ. ନାରାୟଣ

୧୯୦୬- ଭାରତୀୟ ଔପନ୍ୟାସିକ ଆର୍.କେ. ନାରାୟଣଙ୍କ ଜନ୍ମ ।

୧୯୧୦- ବାରାଣସୀରେ ମଦନ ମୋହନ ମାଳବୀୟଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଖିଳ ଭାରତୀୟ ହିନ୍ଦୀ ସମ୍ମିଳନୀ ଆୟୋଜିତ ।

୧୯୬୪- ଟୋକିଓରେ ହୋଇଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍‌ର ପ୍ରଥମକରି ଦୂରଦର୍ଶନରେ ସିଧା ପ୍ରସାରଣ କରାଗଲା ।

୧୯୭୮- ପ୍ରଥମ ମହିଳା ରୂପେ ରାଷ୍ଟ୍ରୀୟ ଚେସ୍ ପ୍ରତିଯୋଗିତାରେ ରୋହିଣୀ ଖାଦିଲକର ବିଜୟୀ ।

୧୯୯୧- ଭାରତକୁ ବିଶ୍ୱ କ୍ୟାରମ୍ ପ୍ରତିଯୋଗିତା ଟାଇଟେଲ୍ ।

୧୯୯୨- କଲିକତାରେ ଦ୍ୱିତୀୟ ହୁଗଲୀ ପୁଲ୍ ବିଦ୍ୟାସାଗର ସେତୁ ଖୋଲିଲା ।

୨୦୦୫- ଆଞ୍ଜେଲା ମାର୍କେଲ୍ ଜର୍ମାନୀର ପ୍ରଥମ ମହିଳା ଚାନ୍ସେଲର ହେଲେ ।

୨୦୧୪- ଭାରତର କୈଳାଶ ସତ୍ୟାର୍ଥୀଙ୍କୁ ନୋବେଲ ପୁରସ୍କାର ପ୍ରଦାନ ଲାଗି ଘୋଷଣା ।

୨୦୨୨- ପ୍ରସିଦ୍ଧ ଭାରତୀୟ ରାଜନୀତିଜ୍ଞ, ସମାଜବାଦୀ ନେତା ତଥା ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ଦେହାନ୍ତ ।

# ଭ୍ରୂଣର ଟ୍ୟୁମର ଚିକିତ୍ସା

ଚୀନରେ ଅନେକ ସମୟରେ ବିଭିନ୍ନ ପ୍ରକାର ଡାକ୍ତରୀ ଚମତ୍କାର ଦେଖିବାକୁ ମିଳିଥାଏ, ସେହିଭଳି ଏକ ଘଟଣା ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟୁଛି । ସୂଚନା ଅନୁସାରେ ଚୀନ୍‌ର ଶେନ୍‌ଜେନ୍ ବାଓଆନ୍ ମହିଳା ଓ ଶିଶୁ ହସ୍ପିଟାଲ୍ ଏବଂ ଚାଇନିଜ୍ ୟୁନିଭରସିଟି ଅଫ୍ ହଂକଂର ଡାକ୍ତରୀ ଟିମ୍ ଗର୍ଭସ୍ଥ ଶିଶୁର ଫୁସ୍‌ଫୁସ୍‌ରେ ଥିବା ଏକ ବିପଜ୍ଜନକ ଟ୍ୟୁମରକୁ ସଫଳତାର ସହ ଛୋଟ କରିବାରେ ସଫଳ ହୋଇଛନ୍ତି । ଶିଶୁଟି କନ୍‌ଜେନିଟାଲ୍ ପଲ୍‌ମୋନାରୀ ଏୟାରୱେ ମାଲ୍‌ଫର୍ମେସନ୍ ନାମକ ଏକ ସୂକ୍ଷ୍ମ ଓ ଦୁର୍ଲଭ ରୋଗରେ ପୀଡ଼ିତ ଥିଲା । ଯାହା ଫଳରେ ଗର୍ଭାବସ୍ଥାର ୨୨ ସପ୍ତାହରେ ଶିଶୁର ଡାହାଣ ଛାତିରେ ୫ ସେମିର ଟ୍ୟୁମର୍ ହୋଇ ହୃଦ୍‌ସ୍ପନ୍ଦନ ଓ ଫୁସ୍‌ଫୁସ୍‌କୁ ଚାପି ରଖିବା ସହ ପେଟରେ ପାଣି ଜମି ଯାଇଥିଲା । ବାହାରୁ ଚିକିତ୍ସା ଅସମ୍ଭବ ଥିବାରୁ ଡାକ୍ତରମାନେ ଅଲ୍ଟ୍ରାସାଉଣ୍ଡ ଇମେଜିଂ ମାଧ୍ୟମରେ ଏକ ସୂକ୍ଷ୍ମ ନିଡଲ୍ ସାହାଯ୍ୟରେ 'ମାଇକ୍ରୋୱେଭ୍ ଆବ୍ଲେସନ୍' ପ୍ରକ୍ରିୟାରେ ପ୍ରାୟ ଦୁଇ ମିନିଟ୍ ଧରି ଉତ୍ତାପ ଦେଇ ଟ୍ୟୁମର୍‌କୁ ଭିତରୁ ନଷ୍ଟ କରିଥିଲେ । ଏହାର ତିନି ଦିନ ମଧ୍ୟରେ ଟ୍ୟୁମର୍ ସଙ୍କୁଚିତ ହେବା ସହ ପେଟରୁ ପାଣି କମି ଯାଇଥିଲା । ଏହାସହ ୩୭ ସପ୍ତାହରେ କେଜାରିଆନ୍ ସେକ୍ସନ୍ ମାଧ୍ୟମରେ ୨.୯ କିଲୋଗ୍ରାମର ଏକ ସୁସ୍ଥ ଶିଶୁ ଜନ୍ମଗ୍ରହଣ କରିଥିଲା । ଭ୍ରୂଣ ଚିକିତ୍ସା ବିଜ୍ଞାନରେ ଏହାକୁ ଏକ ବଡ଼ ସଫଳତା କୁହାଯାଉଛି । ତେବେ ଏହି ପ୍ରକ୍ରିୟାକୁ ସାଧାରଣ ଚିକିତ୍ସା ଭାବେ ଗ୍ରହଣ କରିବା ପୂର୍ବରୁ ଆହୁରି ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଡାକ୍ତରମାନେ ପ୍ରକାଶ କରିଛନ୍ତି ।



## ଛେନା ପରଟା

**ସାମଗ୍ରୀ-** ଅଟା ୫୦୦ଗ୍ରାମ, ଛେନା-୨୫୦ଗ୍ରାମ, କଞ୍ଚାଲଙ୍କା-୫ଟା, ଅଦା-ଅଳ୍ପ, ଧନିଆପତ୍ର, ଡାଲଚିନି, ତେଲ, ଲୁଣ, ଗୁଜୁରାତି ଗୁଣ୍ଡ ।

**ପ୍ରଣାଳୀ-** ଡାଲଚିନିକୁ ଗୁଣ୍ଡ କରିଦିଅନ୍ତୁ । କଞ୍ଚାଲଙ୍କା, ଅଦା, ଧନିଆପତ୍ରକୁ ଛୋଟ ଛୋଟ କରି କାଟିଦିଅନ୍ତୁ । ଛେନାରୁ ପାଣିନିଗାଡ଼ି ଭାଜନ୍ତୁ । ସେହି ଭଜାରେ ଡାଲଚିନିଗୁଣ୍ଡ ଓ କଟା ମସଲାକୁ ପକାଇ ଅଳ୍ପ ସମୟ ଭାଜନ୍ତୁ । ଅଟାଚକଟି ମଣ୍ଡା ଖୋଳ ପରି ଗଢ଼ି ସେଥିରେ ଛେନାପୁର ଦେଇ ପରଟା ଭଳି ବେଲି ସେକିଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ଛେନା ପରଟା ।

# ସେଟରେ ଗାଳି ଖାଆନ୍ତି ଦୀପିକା



ଦୀପିକା ପାଦୁକୋନ୍ ସେଟରେ ଶୁଣନ୍ତି ଗାଳି ଏଭଳି ଏକ ଷ୍ଟେଟମେଣ୍ଟ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଚଳଚ୍ଚିତ୍ର ନିର୍ମାତା ସଞ୍ଜୟ ଲୀଲା ଭଂସାଲୀଙ୍କ ସେଟ୍‌ରେ କାମ କରିବା ଶୈଳୀ ଓ ତାଙ୍କ କ୍ରୋଧକୁ ନେଇ ବରିଷ୍ଠ ଅଭିନେତା ରଜା ମୁରାଦ ଏକ ସାକ୍ଷାତକାରରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଭଂସାଲୀ ସେଟରେ ରଣବୀର ସିଂହ, ଦୀପିକା ପାଦୁକୋଣ ଓ ପ୍ରିୟଙ୍କା ଚୋପ୍ରାଙ୍କ ଭଳି ବଡ଼ ବଡ଼ କଳାକାରଙ୍କୁ ମଧ୍ୟ ଗାଳି କରିଥାଆନ୍ତି । 'ଗୋଲିୟୋଁ କି ରାସଲୀଲା ରାମ-ଲୀଲା', 'ବାଜୀରାଓ ମସ୍ତାନୀ', 'ପଦ୍ମାବତ' ଓ 'ଗଙ୍ଗୁବାଇ କାଠିଆୱାଡ଼ି' ଭଳି ସୁପରହିଟ୍ ଫିଲ୍ମରେ ଭଂସାଲୀଙ୍କ ସହ କାମ କରିଥିବା ରଜା ମୁରାଦଙ୍କ ଅନୁସାରେ, ଏହି କ୍ରୋଧ କୌଣସି ବ୍ୟକ୍ତିଗତ ଶତ୍ରୁତା ପାଇଁ ନୁହେଁ । କେବଳ ନିଜ କାମ ପ୍ରତି ଭଂସାଲୀଙ୍କ ଅତ୍ୟାଧିକ ନିଷ୍ଠା ଯୋଗୁଁ ହୋଇଥାଏ । ଭଂସାଲୀ ନିଜ ମନରେ ଯେଉଁ ସିନର ପରିକଳ୍ପନା କରିଥାନ୍ତି, ତାହାକୁ ପରଦାରେ ସେହିପରି ରୂପଦେବାକୁ ଚାହାନ୍ତି । କିନ୍ତୁ ବାରମ୍ବାର ବୁଝାଇବା ପରେ ବି ଯେତେବେଳେ କୌଣସି କଳାକାର ତାହା ନ ବୁଝନ୍ତି, ସେତେବେଳେ ସେ ରାଗିଯାଆନ୍ତି ।



# ଘୁଷୁରୀ ୱାଟର ପାର୍କ

କାମ୍ବୋଡ଼ିଆରେ ଘୁଷୁରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ୱାଟର ପାର୍କ ତିଆରି କରାଯାଇଛି, ଯେଉଁଠାରେ ୩୦ରୁ ଅଧିକ ଘୁଷୁରୀ ଏକ ବଡ଼ ପୁଲ୍‌ରେ ଗାଧୋଇବା ଓ ଖେଳୁଥିବାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏହି ପାର୍କରେ ଏକ ବଡ଼ ସୁଇମିଂପୁଲ୍, ଗୋଲାପୀ ରଙ୍ଗର ୱାଟର ସ୍ଲାଇଡ୍, ଚାରିପାଖରେ ସବୁଜିମା ଏବଂ ଘୁଷୁରୀ ମୁହଁର ଆକୃତି ଥିବା କଣ୍ଢେଇରେ ପାର୍କଟିକୁ ସଜାଯାଇଛି । ଏଠାରେ ଘୁଷୁରୀମାନେ ସ୍ଲାଇଡ୍‌ରୁ ଖସି କିମ୍ବା ସିଧାସଳଖ ପାଣିକୁ ଡେଇଁ ଖେଳୁଥିବାର ଦେଖିବାକୁ ମିଳୁଛି । ପ୍ରବଳ ଗରମ ଦିନରେ ପାଣିରେ ଗାଧୋଇବା ଦ୍ୱାରା ସେମାନଙ୍କର ଶରୀର ଥଣ୍ଡା ରହିବା ସହ ସେମାନଙ୍କ ଶ୍ୱାସକ୍ରିୟା ଠିକ ହେବାସହ ଓ ଚର୍ମର ତାପମାତ୍ରା କମିଥାଏ । ଯାହା ସେମାନଙ୍କୁ ପ୍ରଚଣ୍ଡ ଖରାରୁ ଆଶ୍ୱସ୍ତି ଦେଇଥାଏ । ସୋସିଆଲ ମିଡିଆରେ ଏହି ୱାଟର ପାର୍କର ଭିଡିଓ ଭାଇରାଲ ହେଉଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳର ଘୁଷୁରୀଙ୍କ ପାଇଁ ନା କାହାର ବ୍ୟକ୍ତିଗତ ଘୁଷୁରୀଙ୍କ ପାଇଁ ନିର୍ମାଣ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ ।



**ମେଷ:** ଅଯଥା ଅଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ଗୁରୁଜନଙ୍କ ଆଶିର୍ବାଦ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ।

**ବୃଷ:** ମାନସସମ୍ମାନ ଲାଭ, ଶୁଭଖବର, ବ୍ୟବସାୟରେ ଉନ୍ନତି, ସମ୍ପର୍କରେ ସୁଧାର, ସମ୍ପତ୍ତିଲାଭ, ଦେବଦର୍ଶନ, ଶତ୍ରୁ ପରାଜିତ, ଦେବଦର୍ଶନରେ ସନ୍ତୁଷ୍ଟ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ।

**ମିଥୁନ:** ଖର୍ଚ୍ଚବୃଦ୍ଧି, ପାରିବାରିକ ଶାନ୍ତି, ଦ୍ରବ୍ୟକ୍ରୟ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ବ୍ୟବସାୟରେ ସନ୍ତୁଷ୍ଟ, ଅଯଥା କଳହ, କର୍ମକ୍ଷେତ୍ରେ ପରିଶ୍ରମ, ଋଣ କରିପାରନ୍ତି, ଶରୀର ସୁସ୍ଥ। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ।

**କର୍କଟ:** ଆୟ ଉତ୍ତମ ରହିବ, ଶୁଭଖବର, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଶୁଭକାର୍ଯ୍ୟକୁ ନେଇ ଶୁଭ ଆଲୋଚନା, ବନ୍ଧୁଲାଭ, ସ୍ୱାସ୍ଥ୍ୟସମସ୍ୟା, ଅଯଥା ଖର୍ଚ୍ଚ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ।

**ସିଂହ:** କର୍ମକ୍ଷେତ୍ରେ ଖୁସି, ବନ୍ଧୁସାହାଯ୍ୟ, ଦାମ୍ପତ୍ୟସୁଖ, ଶରୀର ସୁସ୍ଥ, ଅର୍ଥଲାଭ, ଗୃହେ ଉତ୍ସବ, ସମ୍ପର୍କରେ ସୁଧାର, ବିଦ୍ୟାରେ ସଫଳ, ଦେବଦର୍ଶନ, ମାନସିକ ଶାନ୍ତି। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା-୯, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**କନ୍ୟା:** ଆୟବୃଦ୍ଧି, ଋଣ ପରିଶୋଧ, ପୁରାତନ ବନ୍ଧୁଦର୍ଶନ, ଦୂରଯାତ୍ରା, ଶୁଭ ଆଲୋଚନା, ସମସ୍ୟା ସମାଧାନ, ଅଯଥା କଳହ, ପାରିବାରିକ ସହଯୋଗ, ଶରୀର ସୁସ୍ଥ, କାର୍ଯ୍ୟ ସଫଳ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ମା' ଭଗବତୀ।

**ତୁଳା:** ଯାତ୍ରାରେ ସତର୍କ, ମାନସିକ କଷ୍ଟ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟ କଳହ, ଅର୍ଥସମସ୍ୟା, ଶରୀର ସୁସ୍ଥ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ। ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ଶଙ୍କର ଭଗବାନ।

**ବିଛା:** ଦ୍ରବ୍ୟଲାଭ, ଶୁଭଖବର, ଦେବକାର୍ଯ୍ୟରେ ଆଗ୍ରହ, ବାଣିଜ୍ୟେ ଲାଭ, ଶତ୍ରୁସମସ୍ୟା ସମାଧାନ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ଶରୀର ସୁସ୍ଥ, ପରିବାରରେ ଖୁସିଖବର। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ବିଷ୍ଣୁ ଭଗବାନ।

**ଧନୁ:** ସୁସମ୍ବାଦ ପ୍ରାପ୍ତି, କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ପୁରାତନ ବନ୍ଧୁଲାଭ, ଦୂରଯାତ୍ରା ସଫଳ, ସାମାଜିକ ପ୍ରତିଷ୍ଠା, ଗୃହେ ସମସ୍ୟା, ମାନସିକ ଶାନ୍ତି। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା।

**ମକର:** କର୍ମକ୍ଷେତ୍ରେ ଶାନ୍ତି, ମନରେ ଉତ୍ସାହ ଟିକେ କମ୍ ରହିବ, ଶରୀର ଅସୁସ୍ଥ, ଅର୍ଥହାନି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଦାମ୍ପତ୍ୟଖୁସି, ସନ୍ତାନଲାଭ। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୪, ଆରାଧନା- ମା' ଦକ୍ଷିଣକାଳୀ।

**କୁମ୍ଭ:** କିଛି କାର୍ଯ୍ୟରେ ବିବାଦ, ଶୁଭ ଆଲୋଚନା, ଅର୍ଥଲାଭ, ପାରିବାରିକ ଶାନ୍ତି, ଅଯଥା ଖର୍ଚ୍ଚ, ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ମାନସିକ ଅଶାନ୍ତି, ଦୂରଯାତ୍ରାରେ ଆନନ୍ଦ, ସନ୍ତାନଲାଭ। ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ।

**ମୀନ:** ଦୂରଯାତ୍ରା ସଫଳ, ମାନସିକ ଶାନ୍ତି, ଅର୍ଥଲାଭ, ସମସ୍ୟା ସମାଧାନ, ଦେବଦର୍ଶନ, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ,ଶତ୍ରୁ ପରାଜିତ, ପାରିବାରିକ ଖୁସି, ସନ୍ତାନଲାଭ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ଗ୍ରାମଦେବତୀ।

**ଆଶ୍ୱିନ କୃଷ୍ଣ ପକ୍ଷ ଅମାବାସ୍ୟା**
**୧୦.୧୦.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ବିଧାନସଭା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟ): ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବାକରି ନିଜର ସେବା ମନୋବୃତ୍ତିକୁ ଯେଉଁଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବା ପାଇଁ ସର୍ବଦା ତତ୍ପର ଥିଲେ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଏବଂ ଚିନ୍ତା-



ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳନ ଅବସରରେ ଆଜି ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ ଓ ଶ୍ରୀ ଛବି ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା, ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଆଇନଜୀବୀ ପଦ ମର୍ଯ୍ୟାଦାର ଅପବ୍ୟବହାର

# ୩ ବର୍ଷ ପାଇଁ ଆଇନ ପେଷାରୁ ନିଲମ୍ବିତ ହେଲେ ମିନତି ରଥ

କଟକ,(ସବ୍ୟ): ଘରେ ଭଡ଼ାରେ ରହୁଥିଲେ । ଭଡ଼ା ଦେଉନଥିଲେ । ଭଡ଼ା କଥା କହିଲେ ପାଲଟା ଘର ମାଲିକଙ୍କୁ ଧମକଚମକ ଦେଉଥିଲେ । ଶାରିରୀକ ଆଘାତ ମଧ୍ୟ ପହଞ୍ଚାଇଥିଲେ । ଜଣେ ଆଇନଜୀବୀ ଭାବେ ଏଭଳି କରିବା ଆଡଭୋକେଟ୍ ଆକ୍ଟ ୧୯୬୧ ଅନ୍ତର୍ଗତ ଧାରା ୩୫ ଅନୁଯାୟୀ ବେଆଇନ ବୋଲି ଦର୍ଶାଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଆଇନଜୀବୀ ମିନତୀ ରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆଇନଜୀବୀ ଶ୍ରୀମତୀ ମିନତୀ ରଥଙ୍କୁ ଆଇନ ପେଶାରୁ ୩ ବର୍ଷ ପାଇଁ ନିଲମ୍ବିତ କରାଯାଇଛି ବୋଲି ପରିଷଦ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ବ୍ରହ୍ମପୁରର ଜନୈକ ଭଦ୍ର ମହିଳା ସରିତା ପରିଛା, ଆଇନଜୀବୀ ମିନତୀ ରଥଙ୍କ ବିରୋଧରେ କେତେକ ଅଭିଯୋଗ ଆଣିଥିଲେ । ମିନତୀ ରଥ ସରିତା ପରିଛାଙ୍କ ବାସଗୃହକୁ ଭଡ଼ା ସୂତ୍ରରେ ନେଇ ପରବର୍ତ୍ତୀ ସମୟରେ ଭଡ଼ା ବାବଦ ଦେୟ ପୈଠ କରୁନଥିଲେ । ଏପରିକି ତାଙ୍କୁ ଶାରୀରିକ ଆଘାତ ମଧ୍ୟ ପହଞ୍ଚାଇଥିଲେ । ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇ ଜବରଦସ୍ତ ଭଡ଼ା ବାବଦ ଦେୟ ପୈଠ ନକରି ରହି ଆସୁଥିଲେ । ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ରାଜ୍ୟ ଆଇନଜୀବୀ ପରିଷଦ ମିନତୀ ରଥଙ୍କ ବିରୋଧରେ ଶୃଙ୍ଖଳା କମିଟି ରେ ବିଚାର କରାଯାଇଥିଲା । ଶୃଙ୍ଖଳା କମିଟିର ଅଧ୍ୟକ୍ଷ ମନୋଜ କୁମାର ବର୍ମା ଓ ସଦସ୍ୟ ଆରୁପାନନ୍ଦ ଦାଶ, ସଦସ୍ୟ ଗିରିଜା ଶଙ୍କର ମିଶ୍ର ଉକ୍ତ ମାମଲାର ଶୁଣାଣି କରିଥିଲେ । ସମସ୍ତ ରେକର୍ଡ ତଥା ଉଭୟ ପକ୍ଷଙ୍କୁ ବିସ୍ତୃତ ଭାବରେ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ଦିଆଯାଇଥିଲା । ଏହା ପ୍ରମାଣିତ ହୋଇଥିଲା କି ସଂପୃକ୍ତ ଆଇନଜୀବୀ ବ୍ରହ୍ମପୁର ବାର୍ ଆସୋସିଏସନର ଜଣେ କାର୍ଯ୍ୟରତ ଆଇନଜୀବୀ । ସେ ଆଇନଜୀବୀ ପେଶା ତଥା ପଦମର୍ଯ୍ୟାଦାର ସୁଯୋଗ ନେଇ ଅଭିଯୋଗକାରିଣୀ ଯେକି ଜଣେ ବୟସାଧିକ୍ୟ ମହିଳା । ତାଙ୍କର ବାସଗୃହକୁ କୌଣସି ଭଡ଼ା ଦେୟ ପୈଠ ନକରି ଅନଧିକୃତ ଭାବରେ ବଳପୂର୍ବକ ରହିଆସୁଥିଲେ ।

### ବିଶ୍ୱନାଥ ପଶାୟତ ସ୍ମୃତି କମିଟି ପକ୍ଷରୁ

# ଉତ୍କଳ ସାହିତ୍ୟ ସମାଜର ଲେଖକ କଲ୍ୟାଣ ପାଣ୍ଠିକୁ ୧ ଲକ୍ଷ ୧୦ ହଜାର ଟଙ୍କା ଦାନ

କଟକ,(ସବ୍ୟ) : ଉତ୍କଳ ସାହିତ୍ୟ ସମାଜର ଲେଖକ କଲ୍ୟାଣ ପାଣ୍ଠିକୁ ବିଶ୍ୱନାଥ ପଶାୟତ ସ୍ମୃତି କମିଟି ପକ୍ଷରୁ ୧ ଲକ୍ଷ ୧୦ ହଜାର ଟଙ୍କା ଦାନ କରାଯାଇଛି । ସୁପ୍ରିମ୍ କୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଭାରତ ସରକାରଙ୍କ କଳାଧନ ସଂପର୍କିତ ସ୍ୱତନ୍ତ୍ର ଅନୁଧ୍ୟାନ କମିଟିର ଉପାଧ୍ୟକ୍ଷ ଜଷ୍ଟିସ୍ ଅରଜିତ ପଶାୟତଙ୍କ ଉପସ୍ଥିତିରେ ସ୍ମୃତି କମିଟିର ସହ-ଆବାହକ ବରିଷ୍ଠ ଆଇନଜୀବୀ ଅନୁପ କୁମାର ବୋଷ ଉପରୋକ୍ତ ଅର୍ଥରାଶିର ଚେକ୍ ପ୍ରଦାନ କରିଥିଲେ । ଓଡ଼ିଶାର ଯଶସ୍ୱୀ ସନ୍ତାନ ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ୧୧୪ତମ ଜୟନ୍ତୀ ଅବସରରେ ଏହି ଅର୍ଥରାଶି ପ୍ରଦାନ କରାଯାଇଛି । ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ଲେଖକ କଲ୍ୟାଣ ପାଣ୍ଠି ଗଠନ ଏକ ଅଭିନବ ଉଦ୍ୟମ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲେଖକଲେଖିକାମାନେ ସାରସ୍ୱତ ସାଧନା କରୁଛନ୍ତି । ସେମାନଙ୍କୁ ସହଯୋଗ କରିବା ପାଇଁ ଉତ୍କଳ ସାହିତ୍ୟ ସମାଜର ଉଦ୍ୟମ ପ୍ରଶଂସନୀୟ ବୋଲି ଜଷ୍ଟିସ୍ ପଶାୟତ ପ୍ରକାଶ କରିଥିଲେ । ତେଲେଙ୍ଗାବଜାର ବିଶ୍ୱନାଥ ଲେନ୍‌ସ୍ଥିତ ଜଷ୍ଟିସ୍ ଅରଜିତ ପଶାୟତଙ୍କ ବାସଗୃହରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଏହି ଚେକ୍ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟ ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ପୂର୍ବତନ ଉପସଭାପତି ଡକ୍ଟର ସତ୍ୟ ରାୟ, ବିଶ୍ୱନାଥ ପଶାୟତ ସ୍ମୃତି କମିଟିର ସଦସ୍ୟ ଆଇନଜୀବୀ ଦୀପାଂଶୁ ଦାସଙ୍କ ସହ ଆଇନଜୀବୀ ଅର୍ପିତ ସିକ୍‌ଦାର ଉପସ୍ଥିତ ଥିଲେ । ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶ୍ୱନାଥ ପଶାୟତ ସ୍ମୃତି କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।



### ଫ୍ଲାଏ ଓଭରରୁ ଡେଇଁଲା ଲୁଟେରା, ଗହଣା ଜବତ

# ଦିନରେ ପଣ୍ଡିତ, ରାତିରେ ଲୁଟ୍

ଭୁବନେଶ୍ୱର, (ସବ୍ୟ) : ଜଣେ ଲୁଟେରାକୁ ଧରିବାକୁ ଲୋକେ ପିଛା କରିବାରୁ ସେ ଫ୍ଲାଏଓଭରରୁ ଡେଇଁପଡି ଗୁରୁତର ହୋଇଥିଲା । ଲୋକେ ତାକୁ ପୋଲିସ ଜିମା ଦେବା ପରେ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଶାରୀରିକ ସୁସ୍ଥ ହେବା ପରେ ପୋଲିସ ଲୁଟେରା କାଳିଆ ଓରଫ ଲଲାଟ ପଣ୍ଡିତ (୩୧) କୁ ଶୁକ୍ରବାର କୋର୍ଟଚାଲାଣ କରିଛି । ଏ ସମ୍ପର୍କରେ ଖଣ୍ଡଗିରି ଥାନାରେ ପୋଲିସ ସାମ୍ବାଦିକ ସମ୍ମିଳନୀ କରି ଲୁଟେରା କାଳିଆ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଗହଣା ଜବତ ହୋଇଥିବା ଦୁଇଟି ଚେନ ଓ ଗୋଟିଏ ମଙ୍ଗଳସୂତ୍ର ଲୁଟ୍‌ର ଶିକାର ହୋଇଥିବା ଲୋକଙ୍କୁ ହସ୍ତାନ୍ତର କରିଛି । କାଳିଆ ଦିନରେ ପଣ୍ଡିତ କାମ କରେ, ରାତିରେ ପଲସର ବାଇକ୍‌ରେ ଲୁଟ୍‌ପାଟ କରେ ବୋଲି ସୂଚନା ମିଳିଛି ।

ଚଳିତ ମାସ ୫ ତାରିଖ ରାତି ସାଢେ ୮ଟା ବେଳେ ଛତାବରର ପ୍ରକାଶ ମହାରଣା ପନୀଙ୍କ ବେକରୁ ୩ ଗ୍ରାମ୍ ଓଜନର ସୁନା ମଙ୍ଗଳସୂତ୍ର ବାଇକ୍ ଆରୋହୀ ଲୁଟେରା ଲୁଟ୍ କରି ଫେରାର ହୋଇଯାଇଥିଲା । ଅଭିଯୋଗକାରୀ ସାହାସର ସହ ଲୁଟେରାର ଗାଡିକୁ ଅଟକାଇଥିଲେ । ସ୍ଥାନୀୟ ଲୋକେ ଲୁଟେରା କାଳିଆକୁ ଧରିବା ପାଇଁ ଗୋଡାଇବାରୁ ସେ ଫ୍ଲାଏଓଭରରୁ ତଳକୁ ଡେଇଁ ପଡିଥିଲା । ଗୁରୁତର ଆହତ ହୋଇଥିବା ବେଳେ ଖବର ପାଇ ପୋଲିସ ପହଞ୍ଚି ତାକୁ ଚିକିତ୍ସା ପାଇଁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲା ।

ସେହି ୫ ତାରିଖ ଦିନ କାଳିଆ ମଞ୍ଚେଶ୍ୱର, ତମାଣ୍ଡୋ ଅଞ୍ଚଳରେ ସୁନାଚେନ, ଭ୍ୟାନିଟ୍ ପ୍ରଭୃତି ଲୁଟ୍ କରିଥିଲା । ଏହି ତିନୋଟି ଲୁଟ୍‌ରେ କାଳିଆ ବ୍ୟବହାର କରିଥିବା ମୋଟରସାଇକେଲକୁ ପୋଲିସ ଜବତ କରିଛି । କାଳିଆ ନାଁରେ ପୂର୍ବରୁ ବାଙ୍କି ଥାନାରେ ଡକାୟତି ମାମଲା ଥିବା ପୋଲିସ କହିଛି । ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଲୁଟ୍‌ର ଶିକାର ହୋଇଥିବା ୩ ଏତଲାକାରୀଙ୍କୁ ତାଙ୍କ ଚେନ ଓ ମଙ୍ଗଳସୂତ୍ର ଫେରାଇଛି । କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ କାଳିଆକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ମଞ୍ଚେଶ୍ୱର ଓ ତମାଣ୍ଡୋ ମାମଲା ଲୁଟ୍ ସମ୍ପର୍କରେ ଅଧିକ ଜେରା ପାଇଁ ପୋଲିସ କାଳିଆକୁ ରିମାଣ୍ଡରେ ଆଣିବ ବୋଲି କୋର୍ଟରେ ଆବେଦନ କରିଛି ।

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ,(ସବ୍ୟ ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ରାଜନୀତିଜ୍ଞ, ସାହିତ୍ୟିକ ତଥା ଗବେଷକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଓ ଅବଦାନକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ ପକ୍ଷରୁ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି । କଟକର ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଦୟା ଆଶ୍ରମ ପାର୍କଠାରେ ସ୍ଥାପିତ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଆଜି ଅପରାହ୍ନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ କଟକ ମହାନଗର ନିଗମର ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା । ସଭାରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନ, ଆଦର୍ଶ, ରାଜନୈତିକ ଦୂରଦୃଷ୍ଟି ଓ ଓଡ଼ିଶାର ବିକାଶ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା । ମହାନ ବ୍ୟକ୍ତିତ୍ୱମାନଙ୍କ ସ୍ମୃତି ସଂରକ୍ଷଣ ଏବଂ ସହରର ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଦିଗରେ କଟକ ମହାନଗର ନିଗମର ଏହି ପଦକ୍ଷେପକୁ ବକ୍ତାମାନେ ଉଚ୍ଚ ପ୍ରଶଂସା କରିଥିଲେ । ସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଡକ୍ଟର ସଂତୃପ୍ତ ମିଶ୍ର, ବିଧାୟିକା ଶ୍ରୀମତୀ ସୋଫିଆ ଫିରଦୋଷ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ପୂର୍ବତନ ମନ୍ତ୍ରୀ ଶଶୀ ଭୂଷଣ ବେହେରା, ବିଜୟଲକ୍ଷ୍ମୀ ସାହୁ, ବିଶିଷ୍ଟ ଆଇନଜୀବୀ ଧରଣୀଧର ନାୟକ ଓ ବରିଷ୍ଠ କଂଗ୍ରେସ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟିର ସମ୍ପାଦକ ଡକ୍ଟର ଗୋବିନ୍ଦ ଭୂୟାଁ, ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ବିଜେପିର ବରିଷ୍ଠ ନେତା ଲଲାଟେନ୍ଦୁ ବନ୍ଧୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ବରିଷ୍ଠ ନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




## ଶକ୍ତି ଦକ୍ଷତା ବ୍ୟୁରୋ

(ଭାରତ ସରକାରଙ୍କ ବିଦ୍ୟୁତ ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସାମ୍ବିଧାନିକ ସଂସ୍ଥା)
ଚତୁର୍ଥ ମହଲା, ସେବା ଭବନ, ଆର. କେ. ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦

INDIAN Carbon MARKET

PAT SCHEME PERFORM, ACHIEVE & TRADE

## ବିଶେଷ ସୂଚନା

୨୭ଟି ବିଜ୍ଞାପିତ କ୍ଷେତ୍ରରେ ଥିବା ଶକ୍ତି ବ୍ୟବହାରକାରୀଙ୍କ ପାଇଁ

### ଶକ୍ତି ସଂରକ୍ଷଣ ଆଇନ୍, ୨୦୦୧ (୨୦୦୧ର ଆଇନ୍ ସଂଖ୍ୟା ୫୨) ଅଧୀନରେ ବାର୍ଷିକ ଶକ୍ତି ବ୍ୟବହାର ରିପୋର୍ଟ ଦାଖଲ କରିବା ସମ୍ବନ୍ଧୀୟ ବିଜ୍ଞପ୍ତି

ଶକ୍ତି ସଂରକ୍ଷଣ ଆଇନ୍ (୨୦୦୧ର ଆଇନ୍ ସଂଖ୍ୟା ୫୨)ର ଧାରା ୧୪ର ଉପ-ଧାରା ( ଇ ) ଅନୁଯାୟୀ, ନିମ୍ନଲିଖିତ ଅଧିକ ଶକ୍ତି ବ୍ୟବହାରକାରୀ କ୍ଷେତ୍ରଗୁଡ଼ିକରେ ନିର୍ଦ୍ଦିଷ୍ଟ ସୀମା କିମ୍ବା ତା'ଠାରୁ ଅଧିକ ପରିମାଣର ବାର୍ଷିକ ଶକ୍ତି ବ୍ୟବହାର କରୁଥିବା ସମସ୍ତ ବ୍ୟବହାରକାରୀ/ବ୍ୟବହାରକାରୀ ବର୍ଗଙ୍କୁ 'ନିର୍ଦ୍ଦିଷ୍ଟ ଉପଭୋକ୍ତା' ) ଭାବରେ ଘୋଷଣା କରାଯାଇଛିଛ ଏ ସମ୍ବନ୍ଧୀୟ ବିଜ୍ଞପ୍ତିଗୁଡ଼ିକ ହେଲା: ଏସ.ଓ . ୩୯୪ ( ଇ ) ତାରିଖ ୧୨ ମାର୍ଚ୍ଚ ୨୦୦୭, ଏସ.ଓ .୩୫୪୨ ( ଇ ) ତାରିଖ ୨୯ ଡିସେମ୍ବର ୨୦୧୫, ଏସ.ଓ .୧୩୮ ( ଇ ) ତାରିଖ ୦୨ ମେ ୨୦୧୭, ଏସ.ଓ .୩୬୦୦ ( ଇ ) ତାରିଖ ୧୫ ନଭେମ୍ବର ୨୦୧୭, ଏସ.ଓ ୯୬୮ ( ଇ ) ତାରିଖ ୨୨ ଫେବୃଆରୀ ୨୦୧୯, ଏସ.ଓ ୨୧୪୭ ( ଇ ) ତାରିଖ ୧୭ ଜୁନ୍ ୨୦୨୦, ଏସ.ଓ .୩୪୪୫ ( ଇ ) ତାରିଖ ୨୮ ସେପ୍ଟେମ୍ବର ୨୦୨୦, ଏସ.ଓ . ୪୧୬୫ ( ଇ ) ତାରିଖ ୦୭ ସେପ୍ଟେମ୍ବର ୨୦୨୨ ଏବଂ ଏସ.ଓ .୨୫୨୩ ( ଇ ) ତାରିଖ ୦୬ ଜୁନ୍ ୨୦୨୩ ।

| କ୍ର.ନଂ | ଘୋଷିତ କ୍ଷେତ୍ର | ବାର୍ଷିକ ଶକ୍ତି ବ୍ୟବହାରର ସୀମା (ମେଟ୍ରିକ୍ ଟନ୍ ତେଲ ସମତୁଲ୍ୟ ବା ଟ୍ରଷ୍ଟ) |
|---|---|---|
| ୧. | ଆଲୁମିନିୟମ୍ | ୭,୫୦୦ |
| ୨. | ସିମେଣ୍ଟ | |
| | (କ) ସମନ୍ୱିତ ସିମେଣ୍ଟ ୟୁନିଟ୍ | ୩୦,୦୦୦ |
| | (ଖ) ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ | ୧୦,୦୦୦ |
| ୩. | ବାଣିଜ୍ୟିକ କୋଠା କିମ୍ବା ପ୍ରତିଷ୍ଠାନ | |
| | (କ) ହୋଟେଲ | ୫୦୦ |
| | (ଖ) ବିମାନ ବନ୍ଦର | ୫୦୦ |
| ୪. | କ୍ଲୋର୍-ଆଲକାଲି | ୧୨,୦୦୦ |
| ୫. | ବିଦ୍ୟୁତ ବିତରଣ କମ୍ପାନୀ | ଉଭୟ/ଉଭୟ ଦ୍ୱାରା ଲାଇସେନ୍ସପ୍ରାପ୍ତ ସମସ୍ତ ବିତରଣ କମ୍ପାନୀ |
| ୬. | ସାର | ୩୦,୦୦୦ |
| ୭. | ଲୌହ ଓ ଇସ୍ପାତ | ୨୦,୦୦୦ |
| ୮. | ପଲ୍ପ ଓ କାଗଜ | ୭,୫୦୦ |
| ୯. | ପେଟ୍ରୋଲିୟମ୍ ବିଶୋଧନାଗାର | ୯୦,୦୦୦ |
| ୧୦. | ଗ୍ୟାସ୍ କ୍ରାକର୍ କିମ୍ବା ନାପ୍ଥା କ୍ରାକର୍ କିମ୍ବା ଉଭୟ ଥିବା ପେଟ୍ରୋକେମିକାଲ୍ ୟୁନିଟ୍ | ୧,୦୦,୦୦୦ |
| ୧୧. | ରେଳବାଇ | |
| | (କ) ସମସ୍ତ ଜୋନାଲ୍ ରେଳବାଇ (ଟ୍ରାକ୍ସନ୍) | ୭୦,୦୦୦ |
| | (ଖ) କାର୍ଯ୍ୟଶାଳା (ୱାର୍କସପ୍) | ୭୫୦ |
| | (ଗ) ରେଳବାଇର ୮ଟି ଉତ୍ପାଦନ କାରଖାନା ଯଥା-ଆଇସିଏଫ୍, ଆରସିଏଫ, ସିଏଲଡବ୍ଲୁ, ବିଏଲଡବ୍ଲୁ ପିଏଲଡବ୍ଲୁ, ଆରଡବ୍ଲୁଏଫ, ଏମସିଏଫ ଓ ଆରଡବ୍ଲୁପି | – ୩,୦୦୦ |
| ୧୨. | ବସ୍ତ୍ର ଶିଳ୍ପ | ୩,୦୦୦ |
| ୧୩. | ତାପଜ ବିଦ୍ୟୁ କେନ୍ଦ୍ର | ୩୦,୦୦୦ |
| ୧୪. | ପେଟ୍ରୋକେମିକାଲ୍ ଉତ୍ପାଦନକାରୀ ୟୁନିଟ୍ | |
| | (୧) ଫାଇବର୍ ଇଣ୍ଟରମିଡିଏଟ୍ (ଆଂଶିକ ଉତ୍ପାଦ) | ୫୦,୦୦୦ |
| | (୨) ପଲିମର୍ | ୧୦,୦୦୦ |
| | (୩) ଡିଟର୍ଜେଣ୍ଟ ଇଣ୍ଟରମିଡିଏଟ୍ | ୯,୦୦୦ |
| | (୪) ପରଫର୍ମାନ୍ସ ପ୍ଲାଷ୍ଟିକ୍ | ୩,୦୦୦ |
| | (୫) ଅନ୍ୟାନ୍ୟ ପେଟ୍ରୋକେମିକାଲ୍ ଉତ୍ପାଦ | ୬,୦୦୦ |
| | (୬) ସିନ୍ଥେଟିକ୍ ରବର | ୧୫,୦୦୦ |
| | (୭) ଆରୋମାଟିକ୍ସ | ୨୦,୦୦୦ |
| ୧୫. | ଚିନି | ୧୦,୦୦୦ |
| ୧୬. | ରାସାୟନିକ | |
| | (i) ଆଲକାଲି ରାସାୟନିକ ପଦାର୍ଥ (ସୋଡା ଆଶ୍, ପୋଟାସିୟମ୍ ହାଇଡ୍ରକ୍ସାଇଡ୍) ୩,୦୦୦ | |
| | (ii) ଅଜୈବ ରସାୟନ ୩,୦୦୦ | |
| | (iii) ଜୈବ ରସାୟନ ୩,୦୦୦ | |
| | (iv) କୀଟନାଶକ (ଟେକ୍ନିକାଲ୍) ୩,୦୦୦ | |
| | (v) ରଙ୍ଗ ଓ ବର୍ଣ୍ଣକ | ୩,୦୦୦ |
| | (vi) ଔଷଧ ନିର୍ମାଣ (ସକ୍ରିୟ ଔଷଧୀୟ ଉପାଦାନ) | ୩,୦୦୦ |
| ୧୭. | ସେରାମିକ୍ | ୫,୦୦୦ |
| ୧୮. | କାଚ | ୧୦,୦୦୦ |
| ୧୯. | ଜିଙ୍କ | ୨୦,୦୦୦ |
| ୨୦. | ତମ୍ବା | ୧୦,୦୦୦ |
| ୨୧. | ବନ୍ଦର ଟ୍ରଷ୍ଟ | ୫୦୦ |
| ୨୨. | ଡାଏରୀ | ୨,୫୦୦ |
| ୨୩. | ଅଟୋମୋବାଇଲ୍ ଆସେମ୍ବଲି ୟୁନିଟ୍ | ୩,୦୦୦ |
| ୨୪. | ଟାୟାର୍ ନିର୍ମାତା | ୭,୦୦୦ |
| ୨୫. | ଫୋର୍ଜିଂ | ୧,୫୦୦ |
| ୨୬. | ଫାଉଣ୍ଡ୍ରି | ୫,୦୦୦ |
| ୨୭. | ରିଫ୍ରାକ୍ଟୋରୀ | |

କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ବିଜ୍ଞପ୍ତି (ଯଥା: ଏସ.ଓ ୧୪୦୯(ଇ) ତା. ୨୮ ମାର୍ଚ୍ଚ ୨୦୧୮, ଏସ.ଓ ୧୪୭୩(ଇ) ତା. ୨୯ ମାର୍ଚ୍ଚ ୨୦୧୯, ଏସ.ଓ ୧୨୫୪(ଇ) ତା. ୧୩ ଅପ୍ରେଲ ୨୦୨୦, ଏସ.ଓ ୪୪୯୧ (ଇ) ତା. ୨୬ ଅକ୍ଟୋବର ୨୦୨୧,ଏସ.ଓ ୪୫୫୨ (ଇ) ତା. ୨୬ ସେପ୍ଟେମ୍ବର ୨୦୨୨ ଏବଂ ଏସ.ଓ ୨୭୯୪ (ଇ) ତା. ୨୭ ଜୁନ୍ ୨୦୨୩) ମାଧ୍ୟମରେ ନିର୍ଦ୍ଧାରିତ ଶକ୍ତି ବ୍ୟବହାର ସୀମା ଠାରୁ ଅଧିକ ଶକ୍ତି ବ୍ୟବହାର କରୁଥିବା ସମସ୍ତ ୟୁନିଟ୍/ପ୍ରତିଷ୍ଠାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଗତ ଦୁଇ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଶକ୍ତି ବ୍ୟବହାର ଏବଂ ବାର୍ଷିକ ଉତ୍ପାଦନ ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରନ୍ତୁ । ଏହି ରିପୋର୍ଟ 'ଶକ୍ତି ସଂରକ୍ଷଣ ଆଇନ, ୨୦୦୧' (୨୦୦୧ର ୫୨) ର ଧାରା ୧୪ର ଉପ-ଧାରା (ଆଇ) ଅନୁଯାୟୀ ବିଜ୍ଞପିତ 'ଫର୍ମ-୧' ରେ ପ୍ରସ୍ତୁତ ହେବା ଆବଶ୍ୟକ ଏବଂ ଏଥିରେ 'ଏନର୍ଜି ମ୍ୟାନେଜର' କିମ୍ବା 'ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ' ଙ୍କ ଦ୍ୱାରା ଯଥାଯଥ ପ୍ରମାଣୀକରଣ ରହିବା ଆବଶ୍ୟକ । ଏହି ରିପୋର୍ଟ ସମ୍ପୃକ୍ତ ରାଜ୍ୟର 'ନିର୍ଦ୍ଧାରିତ ସଂସ୍ଥା' ନିକଟରେ ଦାଖଲ କରିବାକୁ ହେବ ଏବଂ ଏହାର ଏକ ନକଲ 'ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି' କୁ ମଧ୍ୟ ପଠାଇବାକୁ ହେବ ।

ଆବଶ୍ୟକୀୟ ସେକ୍ଟର-ଭିତ୍ତିକ ପ୍ରୋ-ଫର୍ମା କିମ୍ବା 'ଫର୍ମ-୧' ର ଏକ ନକଲ https://beeindia.gov.in/en/pat-proforma ୱେବସାଇଟରୁ ଡାଉନଲୋଡ୍ କରାଯାଇପାରିବ ।

ଯଦି କୌଣସି ବ୍ୟକ୍ତି ୩୧ ଡିସେମ୍ବର ୨୦୨୬ ସୁଦ୍ଧା ବାର୍ଷିକ ଶକ୍ତି ବ୍ୟବହାର ଇତ୍ୟାଦି ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେ 'ଶକ୍ତି ସଂରକ୍ଷଣ ଆଇନ, ୨୦୦୧'ର ଧାରା ୨୬ ଅନୁଯାୟୀ ଜୋରିମାନା ପାଇଁ ଦାୟୀ ରହିବେ ।

ଅଧିକ ସୂଚନା କିମ୍ବା ପରାମର୍ଶ ପାଇଁ ଦୟାକରି ୦୧୧-୨୬୭୬୬୭୦୦ ନମ୍ବରରେ ଯୋଗାଯୋଗ କରନ୍ତୁ କିମ୍ବା newdcbeeindia.gov.in ରେ ଇ-ମେଲ୍ କରନ୍ତୁ ।

ମିଶନ୍ ନିର୍ଦ୍ଦେଶକ,ଏନଏମଇଇଇ

CBC 34106/11/0017/2627

beeindiadigital / bureauofenergyefficiency



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# ସମୃଦ୍ଧ ଓଡ଼ିଶା ଗଠନରେ ଗୋପବନ୍ଧୁଙ୍କ ଆଦର୍ଶ ଯୁବସମାଜ ପାଇଁ ମୁଖ୍ୟ ପ୍ରେରଣା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ଆମର ଯୁବ ସମାଜ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଜି ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ,ତାଙ୍କର ତ୍ୟାଗ, ସେବା, ଦେଶପ୍ରେମ ଓ ସାରସ୍ୱତ ସାଧନାର ସ୍ମୃତିଚାରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋପବନ୍ଧୁ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ୍ ଅନୁଷ୍ଠାନ, ଜାତୀୟ ଚେତନା ଓ ଓଡ଼ିଆ ଅସ୍ମିତାର ଜୀବନ୍ତ ଆଲେଖ୍ୟ। ଆଜିର ଯୁବପିଢ଼ି ଗୋପବନ୍ଧୁଙ୍କ ସେବା ମନୋଭାବକୁ ଆପଣାଇ ରାଷ୍ଟ୍ରଗଠନରେ ସକ୍ରିୟ ଯୋଗଦାନ ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ଆମ ପାଇଁ ନିରନ୍ତର ପ୍ରେରଣାର ଉତ୍ସ । ସମାଜର ଦରିଦ୍ର, ଅବହେଳିତ ଲୋକଙ୍କର ସେବା କରିବା ଏବଂ ଅପହଞ୍ଚ ଇଲାକାରେ ସମାଜରେ ଶେଷ ଧାଡ଼ିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ କାମ କରିବା ଥିଲା ଗୋପବନ୍ଧୁଙ୍କ ଆଦର୍ଶ । ଗୋପବନ୍ଧୁଙ୍କ ସେହି ଆଦର୍ଶକୁ ଅନୁସରଣ କରି ଆମ ସରକାର ସମାଜର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।



ଗୋପବନ୍ଧୁଙ୍କ ପ୍ରେରଣାରେ ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ସୁରକ୍ଷା ପାଇଁ 'ଓଡ଼ିଆ ଅସ୍ମିତା ଭବନ' ପ୍ରତିଷ୍ଠା, ସତ୍ୟବାଦୀସ୍ଥିତ 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ଉନ୍ନତିକରଣ, ୯୦ କୋଟି ଟଙ୍କା ବ୍ୟୟରେ ବକୁଳ ବନର ପୁନର୍ବିକାଶ ଏବଂ ଗୋପବନ୍ଧୁଙ୍କ ଜନ୍ମମାଟି ସତ୍ୟବାଦୀ ଅଞ୍ଚଳର ବିକାଶ ପାଇଁ ପ୍ରାୟ ୫୦୦ କୋଟି ଟଙ୍କାର ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର କହିଥିଲେ ଯେ, ଆଜିର ଆଧୁନିକ ସମୟରେ ମଧ୍ୟ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଚିନ୍ତାଧାରା ଓ ଆଦର୍ଶ ପ୍ରାସଙ୍ଗିକ ଅଟେ । ଏହି ଅବସରରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର କହିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ପୁଣ୍ୟଭୂମିରେ ଜନ୍ମଗ୍ରହଣ କରିବା ମୋ ପାଇଁ କେବଳ ଗର୍ବର ବିଷୟ ନୁହେଁ, ବରଂ ଏହା ମୋର ବି ଅହଙ୍କାର। ଏହି ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

କଟକ, (ସବ୍ୟୁ):ତିନିଦିନ ଧରି କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଚାଲିଥିବା ୭୧ତମ ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନିଜ ଭାଷଣରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଏଭଳି ବୃତ୍ତିଗତ ପ୍ରତିଯୋଗିତା ପୋଲିସ କର୍ମଚାରୀଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହିତ ସେମାନଙ୍କ ଦକ୍ଷତାକୁ ଶାଣିତ ଏବଂ ଭଲ କାମ କରିବାକୁ ପ୍ରେରଣା ପ୍ରଦାନ କରିଥାଏ । ପରିଶ୍ରମର ମାନ୍ୟତା ମିଳିଲେ କର୍ମଚାରୀମାନେ ଦ୍ୱିଗୁଣିତ ଉତ୍ସାହରେ କାର୍ଯ୍ୟ କରନ୍ତି। ପରିବାରଠାରୁ ଦୂରରେ ରହି ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ପୋଲିସ କର୍ମଚାରୀଙ୍କ ସେବା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ପ୍ରଶଂସନୀୟ ବୋଲି ସେ ଉଲ୍ଲେଖ କରିଥିଲେ। ଏହାସହ ବୃତ୍ତିଗତ ପ୍ରତିଯୋଗିତା ପୋଲିସ କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସେମାନଙ୍କ ଦକ୍ଷତାର ବିକାଶ ଓ କାର୍ଯ୍ୟକୁଶଳତା ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। କର୍ମଚାରୀଙ୍କ ନିଷ୍ଠା ଓ ପରିଶ୍ରମର ସ୍ୱୀକୃତି ସ୍ୱରୂପ ସେମାନଙ୍କୁ ଅଧିକ ଉତ୍ସାହ ଓ ସମର୍ପଣ ମନୋଭାବର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଥାଏ ବୋଲି ସେ କହିଥିଲେ।

ସମାଜ ପରିବର୍ତ୍ତନ ସହ ଅପରାଧର ସ୍ୱରୂପ ଓ କାର୍ଯ୍ୟପଦ୍ଧତି ମଧ୍ୟ ବଦଳୁଛି। ସାଇବର ଅପରାଧ, ଆର୍ଥିକ ଠକେଇ, ସଂଗଠିତ ଅପରାଧ ଓ ନିଶାଦ୍ରବ୍ୟ ଚୋରା କାରବାର ଭଳି ଆହ୍ୱାନର ମୁକାବିଲା ପାଇଁ ପୋଲିସକୁ ଅତ୍ୟାଧୁନିକ ପ୍ରଯୁକ୍ତି, ବୃତ୍ତିଗତ ଦକ୍ଷତା ଓ ଦୃଢ଼ ମନୋବଳ ସହ କାର୍ଯ୍ୟ କରିବାକୁ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଏ କ୍ଷେତ୍ରରେ ଓଡ଼ିଶା ପୋଲିସ, କ୍ରାଇମବ୍ରାଞ୍ଚର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହ ଏକ ନିଶାମୁକ୍ତ, ଅପରାଧମୁକ୍ତ ଓ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଆଗାମୀ ଦିନରେ ଅଧିକ ନିଷ୍ଠା ଓ ଉତ୍କର୍ଷତାର ସହ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର କହିଥିଲେ ଯେ, ପୁଲିସ ବୃତ୍ତିଗତ ପ୍ରତିଯୋଗିତା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି, ଏବଂ ତଦନ୍ତର ମାନ ବୃଦ୍ଧି ପାଇଁ ଏକ ଉତ୍ତମ ମଞ୍ଚ। ବୈଜ୍ଞାନିକ ତଦନ୍ତ, ଫରେନ୍‌ସିକ୍ ବିଜ୍ଞାନ ଓ ଆଧୁନିକ ବୈଷୟିକ ଜ୍ଞାନର ପ୍ରୟୋଗ ଦ୍ୱାରା ଅପରାଧୀଙ୍କୁ ଚିହ୍ନଟ କରିବା ସହ ଅପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହାର ବୃଦ୍ଧି କରାଯାଇପାରିବ ବୋଲି ସେ ମତପ୍ରକାଶ କରିଥିଲେ।

ଚଳିତ ବର୍ଷ ବିଭିନ୍ନ ଜିଲ୍ଲା ଓ ପୁଲିସ ପ୍ରତିଷ୍ଠାନରୁ କନଷ୍ଟେବଲଠାରୁ ଇନ୍‌ସପେକ୍ଟର ପାହ୍ୟା ପର୍ଯ୍ୟନ୍ତ ୩୧୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ବିଶ୍ୱସ୍ତରୀୟ ତାଲିକାରେ ଶ୍ରେଷ୍ଠ ୨ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଡ. ସଚ୍ଚିଦାନନ୍ଦ ମହାନ୍ତି

ଭୁବନେଶ୍ୱର (ସବ୍ୟୁ): ପ୍ରଫେସର ଡ. ସଚ୍ଚିଦାନନ୍ଦମହାନ୍ତି, ଏଲ୍ ସେଭି ଅର୍‌ଓଷ୍ଟାନ ଫୋର୍ଡ ବିଶ୍ୱବିଦ୍ୟାଳୟର ତଥ୍ୟ ଆଧାରିତ ବିଶ୍ୱସ୍ତରୀୟ ତାଲିକାରେ ଶ୍ରେଷ୍ଠ ୨ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ୨୦୨୩–୨୦୨୬ ମସିହା ପାଇଁ ସେ ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଅଛନ୍ତି। ତାଙ୍କ ଉପକ୍ଷେତ୍ର ହେଉଛି କୃତ୍ରିମ ବୁଦ୍ଧିମତ୍ତା ଓ ଚିତ୍ର ପ୍ରକ୍ରିୟାକରଣ। ଏହିଡାଟାବେସ୍‌ରେ ତାଙ୍କ ବିଶ୍ୱସ୍ତରୀୟରାଙ୍କ୍ ୫୫,୮୧୩, ଉପକ୍ଷେତ୍ରରାଙ୍କ୍ ୨,୬୨୧, H-index ୧୯ଏବଂ Hm-index ୯ରହିଛି। ଡ. ମହାନ୍ତିଙ୍କ ଗବେଷଣାର ପରିସର କୃତ୍ରିମ ବୁଦ୍ଧିମତ୍ତା, ମେସିନ୍ ଲର୍ଣ୍ଣିଂ, ଡାଟାମାଇନିଂ, ବିଗ୍



ଡାଟାଆନାଲିଟିକ୍ସ, କମ୍ପ୍ୟୁଟେସନାଲ୍ ଇଣ୍ଟେଲିଜେନ୍ସ, ବ୍ରେନ୍–କମ୍ପ୍ୟୁଟର ଇଣ୍ଟରଫେସ୍ ଏବଂଏଆଇ-ଆଧାରିତ ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ବ୍ୟାପ୍ତ। ତାଙ୍କ ଗବେଷଣାରୁ ଅନେକ ଶିକ୍ଷାମୂଳକ ପ୍ରକାଶନ ହୋଇଛି ଏବଂ ଦେଶ- ବିଦେଶର ଗବେଷକ ଓ ସଂସ୍ଥା ମାନଙ୍କ ସହ ସହଯୋଗ ଗଢ଼ି ଉଠିଛି। ଶିକ୍ଷାଗତ ଓ ବୃତ୍ତିଗତ କାର୍ଯ୍ୟକ୍ରମ ପାଇଁ ସେ ପ୍ରାୟ୨୮ ଟି ଦେଶ ଗସ୍ତ କରିଛନ୍ତି। ସେଠାରେ ମୁଖ୍ୟ ବକ୍ତବ୍ୟ, ଆମନ୍ତ୍ରିତ ଅଭିଭାଷଣ, ବ୍ୟାଖ୍ୟାନ, ଅନ୍ତର୍ଜାତୀୟ ସମ୍ମିଳନୀ, ଗବେଷଣା ବୈଠକ ଓ ଶିକ୍ଷାଗତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅଭିଜ୍ଞତା ସେ କହିଛନ୍ତି, "ଏହି ସ୍ୱୀକୃତି ମୋର ଗବେଷଣାର୍ଥୀ, ସହଯୋଗୀ, ସହକର୍ମୀ, ଛାତ୍ରଛାତ୍ରୀ ଓ ମାର୍ଗ ଦର୍ଶକମାନଙ୍କ ସମ୍ମିଳିତ ପ୍ରୟାସର ପ୍ରତିଫଳନ।

## ଖୋର୍ଦ୍ଧାରୋଡ ରେଳମଣ୍ଡଳରେ ପ୍ରଥମ କରି ଯୋଗଦେଲେ ଦୁଇ ମହିଳା ଅଧିକାରୀ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଶୁକ୍ରବାର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଭାବେ ଗରିମା ତିୱାରୀ ଓ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଭାବେ ପ୍ରୀତି ରାଣା ଯୋଗଦେଇଛନ୍ତି । ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରୀ ରମେଶ ସାହୁ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ,ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ ଜି କେ ରାଓ, ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଉଭୟ ଅଧିକାରୀଙ୍କୁ ଭେଟି ଖଣ୍ଡୁଆ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀ ମୁଖ୍ୟ ଭାବେ ମହିଳା ଅଫିସରଙ୍କ ଯୋଗଦାନ ଖୋର୍ଦ୍ଧାରୋଡ ପାଇଁ ପ୍ରଥମ, କିଛି ମାସ ଆଗରୁ ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ସବିତା ଶତପଥୀ ଯୋଗଦେଇଥିଲେ । ମହିଳା ମାନଙ୍କ ଯୋଗଦାନ ଦ୍ୱାରା କାର୍ଯ୍ୟରେ ପାରଦର୍ଶିତା ବଢିବା ସଙ୍ଗେ ସଙ୍ଗେ ନାରୀଶକ୍ତି ବନ୍ଦନାର ସଠିକ ଉପଯୋଗ ହୋଇଥିବା ଜେନେରାଲ ସେକ୍ରେଟାରୀ ଶ୍ରୀ ସାହୁ ପ୍ରକାଶ କରିଥିଲେ ବୋଲି ମିଡିଆ ମୁଖ୍ୟ ତଥା ଶାଖା ସମ୍ପାଦକ ଏଲଡି ମହାନ୍ତି ସୂଚନା ଦେଇଛନ୍ତି ।

### ୧୨ରେ ବନପାଳ, ବନରକ୍ଷୀ, ଅବକାରୀ କନଷ୍ଟେବଲ ଲାଗି ଶାରୀରିକ ପରୀକ୍ଷା

# ପରୀକ୍ଷାର ସ୍ୱଚ୍ଛତା, ନିରପେକ୍ଷତା, ପ୍ରାର୍ଥୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା

ଭୁବନେଶ୍ୱର(ସବ୍ୟୁ): ବନପାଳ, ବନରକ୍ଷୀ ଓ ଅବକାରୀ କନଷ୍ଟେବଲ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା-୨୦୨୫ (ଦ୍ୱିତୀୟ) ଅନ୍ତର୍ଗତ ଶାରୀରିକ ମାନଦଣ୍ଡ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ଆୟୋଜନ ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ବିଭିନ୍ନ ବିଭାଗର ସଚିବ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗର ଅଧ୍ୟକ୍ଷ ଉପସ୍ଥିତ ଥିବାବେଳେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ । ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ବିବରଣୀ ଉପସ୍ଥାପନ କରାଯାଇଥିଲା । ଆସନ୍ତା ୧୨ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ଶାରୀରିକ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ମୋଟ ୪,୬୮୩ ଜଣ ଯୋଗ୍ୟ ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିବେ । ପରୀକ୍ଷା ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ, ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ପରୀକ୍ଷା କେନ୍ଦ୍ରଗୁଡ଼ିକରେ



ଆବଶ୍ୟକ ଭିତ୍ତିଭୂମି, ପାନୀୟ ଜଳ, ଖାଦ୍ୟ, ଶୌଚାଳୟ, ସୁରକ୍ଷା ବ୍ୟବସ୍ଥା ଓ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ପ୍ରତ୍ୟେକ ପ୍ରାର୍ଥୀଙ୍କ ଶାରୀରିକ ପରୀକ୍ଷାର ଭିଡିଓଗ୍ରାଫି ଏବଂ ଆବଶ୍ୟକ ରେକର୍ଡ ସଠିକ୍ ଭାବେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷକରି ପ୍ରାର୍ଥୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଡାକ୍ତରୀ ଦଳ, ପ୍ରାଥମିକ ଚିକିତ୍ସା ଓ ଆଡଭାନ୍ସ ଲାଇଫ୍ ସପୋର୍ଟ (ଏଏଲଏସ) ସୁବିଧାଯୁକ୍ତ ଆମ୍ବୁଲାନ୍ସ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜ ଜିଲ୍ଲାର ପ୍ରସ୍ତୁତି ନିୟମିତ ସମୀକ୍ଷା କରିବା ସହ ପରୀକ୍ଷା ପରିଚାଳନାରେ ସମସ୍ତ ନିର୍ଦ୍ଧାରିତ ନିୟମାବଳୀ ପାଳନ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଛି ।

## ପୋଲିସ ଏସ୍ ଆଇ ନିଯୁକ୍ତି ସ୍କାମ: ମିଡିଲ ମ୍ୟାନ ମୁନା ମହାନ୍ତି ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ବାଙ୍କୀ , (ସବ୍ରୁ), ପୋଲିସ ଏସ.ଆଇ ନିଯୁକ୍ତି ସ୍କାମରେ ସମ୍ପୃକ୍ତି ଥିବା କଟକ ଜିଲ୍ଲାର ବାଙ୍କୀ କଳାପଥର ଗ୍ରାମର ମୁନା ମହାନ୍ତି ଙ୍କ ଘରେ ପ୍ରବର୍ତ୍ତନ ନିର୍ଦେଶାଳୟ ପକ୍ଷରୁ ଚଢ଼ାଉ ହୋଇଛି । ଆଜି ସକାଳୁ ସକାଳୁ ଇଡି ର ଚାରି ଜଣିଆ ଟିମ ପହଞ୍ଚି ଘରର ସବୁ ଛାନଭିନ ଆରମ୍ଭ କରି ପ୍ରାୟ ଦୁଇ ଘଣ୍ଟା କାଳ ମୁନ୍ନା ମହାନ୍ତି ଙ୍କ ଘରେ ରହୁଥିବା ସମ୍ପର୍କୀୟ ଦାଦା ଓ ପରିବାର ଲୋକ ରହୁ ଥିବାରୁ ଚଢାଉ ହୋଇଥଲା । ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କେଉଁଠୁ ,ମୁନା ମହାନ୍ତି କେଉଁଠୁ ଏତେ ଟଙ୍କା ଆଣିଲେ ଜେ ଆଲିଶାନ ବଙ୍ଗଳା, ଦୁଇ ଦୁଇଟି ହାଇଓ୍ୱା, ଥର ଗାଡି ଚଢୁ ଥିଲେ ସେ ସବୁର ତଦନ୍ତ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦେଶାଳୟ ର ଚାରି ଜଣିଆ ଟିମ । କିନ୍ତୁ କଣ କଣ ତଦନ୍ତ କଲେ ସେ ସଂପର୍କ ରେ ଇ.ଡି ର ଟିମ ପ୍ରତିକ୍ରିୟା ଦେବାକୁ ମନା କରିଦେଇ ଥିଲେ । ସୂଚନା ଅନୁସାରେ ଗତ ବର୍ଷ ଏହି ଅକେଟୋବର ମାସ ତିନି ତାରିଖରେ ଭିଜିଲାନ୍ସ ବିଭାଗ ର ତିନି ଜଣିଆ ଟିମ ମୁନ୍ନା ମହାନ୍ତି ଙ୍କ କଳାପଥର ତଳ ସାହିରେ ଥିବା ପୈତୃକ ଘର ଉପରେ ଚଢ଼ାଉ କରିଥିଲେ ।

# ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକାରେ କିଟ୍-କିସ୍‌ର ୩୪ ଅଧ୍ୟାପକ

ଭୁବନେଶ୍ୱର, (ସବ୍ୟୁ): ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟରର ପକ୍ଷରୁ ପ୍ରତିବର୍ଷ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକା ପ୍ରକାଶ ପାଇଥାଏ। ୨୦୨୬ ବର୍ଷର ପ୍ରକାଶିତ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୩୪ ଜଣ ଅଧ୍ୟାପକ ସ୍ଥାନ ପାଇଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ମଧ୍ୟ ଏଥିରେ ସାମିଲ ଅଛନ୍ତି। ୨୦୨୬ର ବାର୍ଷିକ ଗବେଷଣା ପ୍ରଭାବ ତାଲିକା (ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ) ରେ ସ୍ଥାନ ପାଇଥିବା ୩୪ ଜଣ ଅଧ୍ୟାପକଙ୍କ ମଧ୍ୟରୁ ୧୩ ଜଣ ଦୀର୍ଘକାଳୀନ ଗବେଷଣା ପ୍ରଭାବ ତାଲିକା (କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟ)ରେ ମଧ୍ୟ ସ୍ଥାନ ପାଇଛନ୍ତି । ସେହିପରି, ୧୧ ଜଣ ଅଧ୍ୟାପକ ଉଭୟ ତାଲିକାରେ ସ୍ଥାନ ହାସଲ କରିଛନ୍ତି। ଗବେଷଣା ପ୍ରକାଶନର ଉଦ୍ଧୃତି ସଂଖ୍ୟା ଓ ବୈଜ୍ଞାନିକ ପ୍ରଭାବ ସଂପର୍କିତ ବିଭିନ୍ନ ମାନଦଣ୍ଡ ଆଧାରରେ ଏହି ତାଲିକା ପ୍ରସ୍ତୁତ



କରାଯାଏ। ନିଜ ନିଜ ବିଷୟରେ ଉଲ୍ଲେଖନୀୟ ଗବେଷଣା ଓ ବୈଜ୍ଞାନିକ ଅବଦାନ ରଖିଥିବା ଗବେଷକମାନଙ୍କୁ ଏଥିରେ ସ୍ଥାନ ମିଳିଥାଏ। ଏହି ସଫଳତା କିଟ୍‌ର ଗବେଷଣା, ନବସର୍ଜନା ଓ ଶୈକ୍ଷିକ ଉତ୍କର୍ଷତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ଏଥିସହ କିସ୍‌ର ଜଣେ ଅଧ୍ୟାପକଙ୍କ ସ୍ଥାନ ପାଇବା ଅନୁଷ୍ଠାନର ଗବେଷଣା କ୍ଷେତ୍ରରେ ବଢୁଥିବା ଅବଦାନକୁ ମଧ୍ୟ ପ୍ରତିପାଦିତ କରିଛି। ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ବିଶ୍ୱସ୍ତରରେ ବୈଜ୍ଞାନିକ ପ୍ରଭାବ ପାଇଁ କିଟ୍ ଓ କିସ୍‌ର ଅଧ୍ୟାପକମାନେ ଏହି ସ୍ୱୀକୃତି ହାସଲ କରିଛନ୍ତି। ଏହା ସେମାନଙ୍କର ଦୀର୍ଘକାଳୀନ ଗବେଷଣା ସଫଳତା ସହ ସାଂପ୍ରତିକ ବର୍ଷର ଉଲ୍ଲେଖନୀୟ ଅବଦାନକୁ ପ୍ରତିଫଳିତ କରୁଛି। ଏହି ସଫଳତାରେ ଖୁସି ପ୍ରକାଶ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ କିଟ୍ ଓ କିସ୍‌ର ୩୪ ଜଣ ସଦସ୍ୟ ସ୍ଥାନ ପାଇଥିବାରୁ ଆମେ ଗର୍ବିତ। ବିଭିନ୍ନ ବୈଜ୍ଞାନିକ କ୍ଷେତ୍ରରେ କାର୍ଯ୍ୟରତ ଆମ ଅଧ୍ୟାପକମାନଙ୍କର ଏହି ସଫଳତା ପ୍ରଶଂସନୀୟ ବୋଲି ସେ କହିଛନ୍ତି। ଏହି ସ୍ୱୀକୃତି ବିଶ୍ୱ ଗବେଷଣା ମାନଚିତ୍ରରେ କିଟ୍‌ର ସ୍ଥିତିକୁ ଆହୁରି ମଜଭୁତ କରିବା ସହ ଗୁଣାତ୍ମକ ଗବେଷଣା ମାଧ୍ୟମରେ ଜ୍ଞାନର ଅଭିବୃଦ୍ଧି ଓ ସମାଜର ଉନ୍ନତି ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

# ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପବିତ୍ର ଜନ୍ମ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି




ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକସ୍ଥ ଉକ୍ତ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଭୁବନେଶ୍ୱର ୟୁନିଟ୍-୬ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ ଠାରେ ସମ୍ମିଳନୀ ଉପ ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ଡ଼ା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇ ଏଥିରେ ବକ୍ତାମାନେ ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନର ବିଭିନ୍ନ ଘଟଣାମାନ ବର୍ଣ୍ଣନା କରି ତାଙ୍କୁ ତିତୀକ୍ଷାର ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ଆଖ୍ୟାୟିତ କରିଥିଲେ। ତାଙ୍କର ସାମାଜିକ, ରାଜନୈତିକ, ସାରସ୍ୱତ ଏବଂ ଧର୍ମ ପରାୟଣ ଜୀବନ ଉପରେ ଆଲୋଚନାମାନ କରିଥିଲେ। ବିଶେଷ କରି ଶିକ୍ଷା ପ୍ରଦାନ ପଦ୍ଧତି ଉପରେ ତାଙ୍କ ଆଭିମୁଖ୍ୟ ଏକ ଶିଶୁମାନଙ୍କୁ ନିଜ ମାତୃଭାଷାରେ ଶିକ୍ଷା ପ୍ରଦାନ ଦିଗରେ ସେ ଦେଇଥିବା ଗୁରୁତ୍ୱ ଆଜି ମଧ୍ୟ ଗ୍ରହଣୀୟ ହୋଇ ପାରିଥିବା କଥା ତାଙ୍କ ଦୂରଦୃଷ୍ଟିର ପରିଚାୟକ ବୋଲି ସର୍ବସମ୍ମତି ପ୍ରକାଶ ପାଇଥିଲା। ଏହିସବୁ ଦୃଷ୍ଟିରୁ ଆଜିର ଯୁବପିଢ଼ୀ ତାଙ୍କୁ କିପରି ଅଧିକରୁ ଅଧିକ ଜାଣିପାରିବେ ସେଥିପାଇଁ ସରକାର ବ୍ୟବସ୍ଥାମାନ ଗ୍ରହଣ କରିବାକୁ ସଭାରେ ଅନୁରୋଧ କରାଯାଇଥିଲା। ସମ୍ମିଳନୀର ଏହି କାର୍ଯ୍ୟକ୍ରମ ଦ୍ୱୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ରାଜ୍ୟ ଭାଜପା ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଅଧୀକ୍ଷଣ ଯନ୍ତ୍ରୀ ଇଂ. ଜିତେନ୍ଦ୍ର କୁମାର ପାଢ଼ୀ, କୋଷାଧ୍ୟକ୍ଷ ତ୍ରିନାଥ ସାମନ୍ତରାୟ, ପଠାଣୀ ଜେନା, ଦୀନବନ୍ଧୁ ଷଡ଼ଙ୍ଗୀ, ଇଂ. ବିରଞ୍ଚି ନାରାୟଣ ଦାଶ, ଉପେନ୍ଦ୍ର କୁମାର ପଟ୍ଟନାୟକ, ଯୁଗଳ କିଶୋର ନାୟକ, ଗିରିଜା ଶଙ୍କର ମହାପାତ୍ର, ଦିବାକର ହୋତା, ବୈରାଗୀ ସେଠୀ, ପ୍ରସନ୍ନ କୁମାର ଜେନା, କେଶବ ପାଇଲ ଏବଂ ବିକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜଟଣୀ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଆଡମ୍ବର ସହକାରେ ଅନୁଷ୍ଠିତ ହେଲା ନୋମିନେସନ୍

ଜଟଣୀ, (ସବ୍ୟୁ) : ଛାତ୍ରସଂସଦ ନିର୍ବାଚନ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ନେଇ ଛାତ୍ର ନେତା ଓ ଆଶାୟୀ ପ୍ରାର୍ଥୀ ମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ଏ ନେଇ ବିଧିବଦ୍ଧ ଭାବେ ୯ ତାରିଖରେ ନାମାଙ୍କନ ସହ ସ୍କ୍ରୁଟିନି ଓ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଛାତ୍ର ସଂସଦ ନିର୍ବାଚନ କାଉଣ୍ଟଡାଉନ୍ ଆରମ୍ଭ ହେବାପରେ ଛାତ୍ର କଂଗ୍ରେସ, ଛାତ୍ର ବିଜେଡି, ଛାତ୍ର ଶକ୍ତି ଏବଂ ଏବିଭିପି ପକ୍ଷରୁ ପୃଥକ ପୃଥକ ଭାବେ ବିରାଟ ପଟୁଆରରେ ଛାତ୍ର ନେତାମାନେ ସେମାନଙ୍କ ସମର୍ଥକଙ୍କ ଗହଣରେ ଯାଇ ନୋମିନେସନ କରିଥିଲେ । ଏହି ପ୍ରକ୍ରିୟା ସକାଳ ୧୦ଟାରୁ ଦିନ ଗୋଟାଏ ଭିତରେ ନାମାଙ୍କନ ସରିଥିଲା । ଏହାପରେ ଦିନ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇ ସନ୍ଧ୍ୟା ୫ଟା ସୁଦ୍ଧା ବୈଦ୍ଧ ନାମାଙ୍କନ ତାଲିକା ପ୍ରକାଶ ପାଇଥିଲା । ଏହି ପରିପ୍ରେକ୍ଷୀରେ ଛାତ୍ର ସଂସଦ ସଭାପତି ପ୍ରାର୍ଥୀ ହେବା ଲାଗି ୩ ଜଣ ଆଶାୟୀ ଅଣ୍ଟା ଭିଡ଼ିଥିବାର ଜଣାପଡ଼ିଛି। ଫଳରେ ଜଟଣୀ କଲେଜ ଛାତ୍ର ସଂସଦର ସଭାପତି ପଦକୁ ହାତେଇବା ନେଇ ଏଥର ତୀବ୍ର ପ୍ରତିଦ୍ୱନ୍ଦିତା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୩ ଜଣ ଆଶାୟୀଙ୍କ ମଧ୍ୟରେ ଭବାନୀ ଶଙ୍କର ବାହୁବଳେନ୍ଦ୍ର, ରୁଦ୍ର ନାରାୟଣ ରାଉତରାୟ ଏବଂ ବିଶ୍ୱଜିତ ପ୍ରଧାନ ରହିଛନ୍ତି । ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ମଧ୍ୟ ଏଠି ତୀବ୍ର ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ପଦବୀ ଲାଗି ୩ ଜଣ ଆଶାୟୀ ରହିଥିବା ବେଳେ ସେମାନେ ହେଲେ ତପସ୍ୟା ସାହୁ,ସାଇ ପ୍ରସାଦ ନାଏକ ଏବଂ ପ୍ରିୟଙ୍କା ଚମ୍ପତି ।

### ସରିଲା ନାମାଙ୍କନ ଓ ଯାଞ୍ଚ ପ୍ରକ୍ରିୟା: ପ୍ରାଣନାଥ କଲେଜ୍‌ରେ ୩ ସଭାପତି ପ୍ରାର୍ଥୀ

# ମହିଳା ମହାବିଦ୍ୟାଳୟରେ ସଭାନେତ୍ରୀ ପ୍ରାର୍ଥୀ ସରସ୍ୱତୀ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଖୋର୍ଦ୍ଧା, (ସବ୍ୟୁ): ଶେଷ ହୋଇଛି କଲେଜ ଇଲେକ୍ସସନ୍ ନାମାଙ୍କନ ଓ ଯାଞ୍ଚ ପ୍ରାଣନାଥ କଲେଜରେ ଛାତ୍ରସଂସଦ ଇଲେକ୍ସନ ଚଳିତ ବର୍ଷ ବେଶ୍ ଜମିବା ଆଶା କରାଯାଉଛି। ପ୍ରାଣନାଥ କଲେଜରେ ସଭାପତି ପାଇଁ ୩ଜଣ ପ୍ରାର୍ଥି ନାମାଙ୍କନ କରିଥିଲେ। ସଭାପତି ପଦବୀ ପାଇଁ ଡି. ନନ୍ଦିନୀ, ପ୍ରତ୍ୟୁସ୍ମିତା ନାୟକ ଓ ଶୁଭଦର୍ଶିନୀ ବେହେରା ୩ଜଣ ନିର୍ବାଚନୀ ରଣଭୂମିରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ମହିଳା ମହାବିଦ୍ୟାଳୟ ୩ଜଣ ସଭାପତି ପଦବୀ ପାଇଁ ନାମାଙ୍କନ କରିଥିବାବେଳେ ତନ୍ମଧ୍ୟରୁ ଲିଙ୍ଗଡ଼ୋ କମିଶନ ନିଷ୍ପତି ଅନୁଯାୟୀ ଦୁଇଜଣଙ୍କ ଉପସ୍ଥାନ କମ ହେବାରୁ ସେମାନଙ୍କ ପ୍ରାର୍ଥୀପାତ୍ର ନାକଚ୍ ହୋଇଥିବାବେଳେ ସରସ୍ୱତୀ ସାହୁ ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ସମ୍ପାଦକ ଦୌଡ଼ରେ ପ୍ରାଣନାଥରେ ମାନସ ରଞ୍ଜନ ସାହୁ, ରାକେଶ କାଣ୍ଡି, ବଳିଆ ଗୋଛାୟତ ଓ ଦିପ୍ତିରଞ୍ଜନ ସାହୁ ପ୍ରମୁଖ ୪ଜଣ ରହିଛନ୍ତି। ମହିଳା ମହାବିଦ୍ୟାଳୟରେ ଦୁଇ ଜଣ ନାମାଙ୍କନ କରିଥିବାବେଳେ ସମସ୍ତଙ୍କର ନାକଚ ହୋଇଛି। ପ୍ରାଣନାଥ କଲେଜରେ ୫୧ଜଣ ପ୍ରାର୍ଥି ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ତନ୍ମଧ୍ୟରୁ ୫ଜଣଙ୍କ ନାମାଙ୍କନ



ଯାଞ୍ଚ ସମୟରେ ନାକଚ୍ ହୋଇଯାଇଛି। ସେହିପରି ମହିଳା ମହାବିଦ୍ୟାଳୟରେ ୧୧ଜଣଙ୍କ ମଧ୍ୟରୁ ୯ଜଣ ପ୍ରାର୍ଥିଙ୍କର ପ୍ରାର୍ଥିପତ୍ର ନାକଚ୍ ହୋଇଥିବା ଜଣାପଡ଼ିଛି। ଡି.ଏସ୍.ଏ ସମ୍ପାଦକ ଭାବେ ପ୍ରତିଶ ପଟ୍ଟନାୟକ, ବିଜ୍ଞାନ ସୋସାଇଟ୍ ସମ୍ପାଦକ ସୁଜଳ ଦାସ ଓ ସହ-ସମ୍ପାଦକ ସତ୍ୟବ୍ରତ ତ୍ରିପାଠୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସହ-ସମ୍ପାଦକ ଭାବେ ରଞ୍ଜିତ ପଟ୍ଟନାୟକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ତେବେ ମହିଳା ମହାବିଦ୍ୟାଳୟରେ ଦୁଇଜଣଙ୍କୁ ବାଦଦେଇ ଅନ୍ୟ ସମସ୍ତ ପ୍ରାର୍ଥିଙ୍କ ପ୍ରାର୍ଥି ପତ୍ର ଲିଙ୍ଗଡ଼ୋ କମିସନ ଗାଇଡ୍ ଲାଇନ ଅନୁଯାୟୀ କାଟ୍ ଖାଇଯାଇଥିବାରୁ କିଛି ସମୟ ଛାତ୍ରୀ ଅସନ୍ତୋଷ ଦେଖାଯାଇଥିଲା। ମାତ୍ର କିଛି ସମୟ ପରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହେବାରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାଯାଇଛି।

### ମୌଳିକ ସମସ୍ୟା ସମାଧାନ ଦାବିରେ ଭଞ୍ଜସେନାର ବିଶାଳ ରାଲି

# ଦାବି ପୂରଣ ନହେଲେ ଗଣଧାରଣା ଚେତାବନୀ



ବାରିପଦା, (ସବ୍ୟୁ) : ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଯୁବପିଢ଼ିର ଭବିଷ୍ୟତକୁ ନେଇ ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଦାବିରେ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ବାରିପଦାରେ ଏକ ବିଶାଳ ରାଲି କରାଯାଇଥିଲା । ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲିରେ ହଜାର ହଜାର ଯୁବ ଓ ଛାତ୍ର ସଂଗଠକ ସାମିଲ ହୋଇଥିଲେ। ଦାମୋଦରପୁରସ୍ଥିତ ଅରୁଣୋଦୟ କଲେଜ ସମ୍ମୁଖରୁ ଆରମ୍ଭ ହୋଇଥିବା ରାଲିରେ ଏକ ହଜାରରୁ ଅଧିକ ବାଇକ୍ ଓ ୫୦ରୁ ଉର୍ଦ୍ଧ୍ୱର୍ ଚାରିଚକିଆ ଯାନ ସାମିଲ ହୋଇଥିଲା ।

ମୁରୁଗାବାଡ଼ି, ଦାରଗାଡେଇ, ପାଲବଣୀ, ଷ୍ଟେସନ ବଜାର, କେସି ସର୍କଲ, ମୁଖ୍ୟ ବଜାର, ବିଜୁ ପଟ୍ଟନାୟକ ଗୋଲେଇ ଓ କଚେରୀ ରାସ୍ତା ଦେଇ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ଜିଲ୍ଲାପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗତ ଏକ ସପ୍ତାହ ଧରି ଭଞ୍ଜସେନା ପକ୍ଷରୁ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଉପଖଣ୍ଡ ପ୍ରଶାସନ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଉଥିଲା ।

ଜିଲ୍ଲାର ମୌଳିକ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ସହ ଦୀର୍ଘମିଆଦୀ ଯୋଜନା ଗ୍ରହଣ କରିବାକୁ ସଂଗଠନ ଦାବି କରିଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଧ୍ୟକ୍ଷ ସଂଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଃ, ଜିଲ୍ଲା ଆବାହକ ରାକେଶ ବେହେରା, ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଯୁବଶାଖା କାର୍ଯ୍ୟକାରୀ ସଭାପତି ଏମ୍‌ଡି ରାଜା, ଛାତ୍ରଶାଖା ସଭାପତି ଦୀପକ ବେହେରାଙ୍କ ସମେତ ବହୁ ପଦାଧିକାରୀ ଓ କର୍ମୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଜିଲ୍ଲାର ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ପାତରଅନ୍ତର ନୀତି ଅବଲମ୍ବନ କରାଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି । ଆସନ୍ତା ୧୫ଦିନ ପରେ ଏକ ମାସ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକ, ପୌରପାଳିକା ଓ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଭଞ୍ଜସେନାର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

### ମହିଳାଙ୍କ ଧୂପକାଠି ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ

# ଟିପିଏସ୍‌ଓଡିଏଲ୍ ତରଫରୁ ଇ-ଯାନର ଶୁଭାରମ୍ଭ

ବ୍ରହ୍ମପୁର, (ସବ୍ୟୁ) : ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ (ଏସ୍‌ଏଚଜି) ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ଧୂପକାଠିର ବିକ୍ରି ଓ ବଣ୍ଟନକୁ ସରଳ କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ୍ର ପଞ୍ଚମା ଗ୍ରାମସ୍ଥିତ ପଞ୍ଚମଙ୍ଗଳମ୍ ଧୂପକାଠି କେନ୍ଦ୍ରକୁ ଏକ ଇ-ଯାନ ପ୍ରଦାନ କରାଯାଇଛି । ଟିପିଏସ୍‌ଓଡିଏଲ୍ ପକ୍ଷରୁ ସ୍ଥାପିତ ଏହି କେନ୍ଦ୍ର ମାଧ୍ୟମରେ ମହିଳାମାନେ ନିକଟସ୍ଥ ମନ୍ଦିରଗୁଡ଼ିକରୁ ମଉଳା ଫୁଲ ସଂଗ୍ରହ କରି ସେଥିରୁ ଧୂପକାଠି ପ୍ରସ୍ତୁତ କରୁଛନ୍ତି । ଏହାଦ୍ୱାରା ଫୁଲର ସଦୁପଯୋଗ ହେବା ସହ ପରିବେଶ ସୁରକ୍ଷା ଏବଂ ମହିଳାମାନଙ୍କ ପାଇଁ ରୋଜଗାର ଓ ଜୀବିକାର ସୁଯୋଗ ସୃଷ୍ଟି ହେଉଛି । ଟିପିଏସ୍‌ଓଡିଏଲର ସିଇଓ ଅମିତ କୁମାର ଗର୍ଗ ଏହି ଇ-ଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ଶିକ୍ଷାବିତ ଶ୍ରୀମତୀ ମଞ୍ଜୁ ଗର୍ଗଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥି ଓ ଟିପିଏସ୍‌ଓଡିଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ମହିଳା ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ସହ ସ୍ଥାନୀୟ ସ୍ତରରେ ଜୀବିକାର ସୁଯୋଗ ସୃଷ୍ଟି କରିବାରେ ବିଶେଷ ଭାବରେ ସହାୟକ ହେବ ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି ।

ଏହି ପଦକ୍ଷେପ ମାଧ୍ୟମରେ ଆମେ ମହିଳା ଉଦ୍ୟୋଗୀମାନଙ୍କ ଉତ୍ପାଦନ ଓ ବିକ୍ରି କ୍ଷମତା ବଢ଼ାଇବା ସହ ଆବର୍ଜନାର ସଠିକ୍ ଉପଯୋଗ ଏବଂ ପରିବେଶ ସୁରକ୍ଷାକୁ ଉତ୍ସାହିତ କରିବାକୁ ଚାହୁଁଛୁ । ଏହି ସହାୟତା ଦ୍ୱାରା ସ୍ୱୟଂସହାୟକ ଗୋଷ୍ଠୀ ବଜାରରେ ନିଜ ଉତ୍ପାଦ ପହଞ୍ଚାଇବା ସହ ଅଧିକ ରୋଜଗାରର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଆମେ ଆଶା କରୁଛୁ । ଏହି ନୂତନ ଇ-ଯାନ ମାଧ୍ୟମରେ ସ୍ୱୟଂସହାୟକ ଗୋଷ୍ଠୀ ନିଜର ଉତ୍ପାଦଗୁଡ଼ିକୁ ବିଭିନ୍ନ ବଜାର, ଦୋକାନୀ ଏବଂ ଗ୍ରାହକଙ୍କ ନିକଟରେ ସହଜରେ ପହଞ୍ଚାଇ ପାରିବେ । ଏହାଦ୍ୱାରା ପରିବହନ ଖର୍ଚ୍ଚ କମିବା ସହ ଠିକ୍ ସମୟରେ ଉତ୍ପାଦ ପହଞ୍ଚାଇବା ଏବଂ ବ୍ୟବସାୟର ପରିସର ବଢ଼ିବ ।

## ବ୍ରହ୍ମପୁରରେ ଏବିଏଚଏଫଏଲର ନୂତନ ଶାଖା ଉଦଘାଟିତ

ବ୍ରହ୍ମପୁର, (ସବ୍ୟୁ): ଅଗ୍ରଣୀ ହାଉସିଂ ଫାଇନାନ୍ସ କମ୍ପାନୀ ଏବଂ ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡର ଏକ ସହାୟକ ସଂସ୍ଥା, ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ (ଏବିଏଚଏଫଏଲ) ବ୍ରହ୍ମପୁରଠାରେ ଏକ ନୂତନ ଶାଖାର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଶାଖା ସହିତ ଓଡିଶାରେ ଏବିଏଚଏଫଏଲର ମୋଟ ନେଟ୍‌ୱର୍କ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଦକ୍ଷିଣ ଓଡିଶାର ଏକ ପ୍ରମୁଖ ବାଣିଜ୍ୟିକ ଓ ଶିକ୍ଷା କେନ୍ଦ୍ର ଭାବେ ବ୍ରହ୍ମପୁରର ସମ୍ପ୍ରସାରଣ ଓ ସହରୀକରଣ ଘଟୁଥିବାରୁ ଏଠାରେ ଗୃହ ଋଣ ପାଇଁ ଚାହିଦା ବୃଦ୍ଧି ପାଉଛି । ସହର ଓ ଆଖପାଖ ଅଞ୍ଚଳରେ ଆବାସିକ ବିକାଶ ବିସ୍ତାର ହେଉଥିବାରୁ ପହଞ୍ଚଯୋଗ୍ୟ ଗୃହ ଋଣ ପାଇଁ ଆବଶ୍ୟକତା ମଧ୍ୟ ବଢୁଛି। ଏହି ସମ୍ପ୍ରସାରଣ ସମ୍ପର୍କରେ ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡର ଏମଡି ଓ ସିଇଓ, ପଙ୍କଜ ଗଡଗିଲ କହିଛନ୍ତି, ଆମର ବର୍ଦ୍ଧିତ ବିତରଣ ନେଟ୍‌ୱର୍କ ସହ ମଜବୁତ ଡିଜିଟାଲ କ୍ଷମତାକୁ ଏକତ୍ରିତ କରି ଆମେ ଗ୍ରାହକଙ୍କ ପାଇଁ ଘର କିଣିବା ଯାତ୍ରାକୁ ସରଳ, ଦ୍ରୁତ ଓ ବାଧାମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ ।

## କର୍ଣ୍ଣେଲ ପ୍ରଶାନ୍ତ କୁମାର ମିଶ୍ର ଜିଲ୍ଲା ସୈନିକ ବୋର୍ଡ ସମ୍ପାଦକ



ବ୍ରହ୍ମପୁର, ସବ୍ୟୁ) : କର୍ଣ୍ଣେଲ ପ୍ରଶାନ୍ତ କୁମାର ମିଶ୍ର ଜିଲ୍ଲା ସୈନିକ ବୋର୍ଡ ସମ୍ପାଦକ ହେଲେ । ରାଜ୍ୟ ସୈନିକ ବୋର୍ଡର ନିର୍ଦ୍ଦେଶକ୍ରମେ ବୁଧବାର ଦିନ ଗଞ୍ଜାମ ଜିଲ୍ଲା ସୈନିକ ବୋର୍ଡର ସମ୍ପାଦକ ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ ପ୍ରଶାନ୍ତ କୁମାର ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଭାବେ ନିଯୁକ୍ତି ପାଇଥିବା ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛି ଗଞ୍ଜାମ ଜିଲ୍ଲା ସେବା ନିବୃତ୍ତ ସେନା କର୍ମଚାରୀ ସଂଘ । ସଙ୍ଘର ସଭାପତିଙ୍କ ସମେତ ସମସ୍ତ ସେବା ନିବୃତ୍ତ ସେନା କର୍ମଚାରୀ ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି ନବ ନିଯୁକ୍ତ ସମ୍ପାଦକଙ୍କ ସହିତ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ।

ସେବା ନିବୃତ ସେନା କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ ପାଇଁ ଗଠନ ହୋଇଥିଲା ଜିଲ୍ଲା ସୈନିକ ବୋର୍ଡ । ତେବେ ବ୍ରହ୍ମପୁରରେ ଥିବା ଜିଲ୍ଲା ସୈନିକ ବୋର୍ଡରେ ୨୦୧୬ ମସିହା ଠାରୁ ସମ୍ପାଦକ ପଦବୀ ଖାଲି ପଡ଼ିଥିଲା । ଦୀର୍ଘ ୧୦ ବର୍ଷ ଧରି ସମ୍ପାଦକ ପଦବୀ ଖାଲି ପଡ଼ିବା ପରେ ସେବା ନିବୃତ୍ତ ସେନା କର୍ମଚାରୀ ଗଞ୍ଜାମ ଜିଲ୍ଲାପାଳ ନିକଟରେ ସମ୍ପାଦକ ପଦବୀ ପୂରଣ ପାଇଁ ଦାବି ଉପସ୍ଥାପନା କରି ଆସୁଥିଲେ । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ ସମୟରେ ଏହି ପଦବୀ ପୂରଣ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲା ସଂଘ । ସେନା କର୍ମଚାରୀଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ, ବିଡ଼ିଏ ସମ୍ପାଦକ ଏବଂ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

ବୁଧବାର ଦିନ ନୂତନ ଭାବେ ଜିଲ୍ଲା ସୈନିକ ବୋର୍ଡର ସମ୍ପାଦକଙ୍କ ନିଯୁକ୍ତି ପରେ ସେବା ନିବୃତ୍ତ ସେନା କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଏହି ଅବସରରେ ସେବା ନିବୃତ୍ତ ସେନା କର୍ମଚାରୀ ସଂଘ ସଭାପତି କାଲୁ ଚରଣ ପ୍ରଧାନ, ସାଧାରଣ ସମ୍ପାଦକ ଅଭୟ ଚରଣ ପାତ୍ର, ଉପ ସଭାପତି ଜଗନ୍ନାଥ ସାହୁ ଏବଂ ନିକୁଞ୍ଜ ପ୍ରଧାନ, କୋଷାଧ୍ୟକ୍ଷ ଭାଗିରଥୀ ପ୍ରଧାନ, ମିଡିଆ ସଂଯୋଜକ ଶିବ ଶଙ୍କର ମାଝୀ, ଚିତ୍ରସେନ ବାରିକ, ବିଦ୍ୟାଧର ପ୍ରଧାନ, ଭଗବାନ ସ୍ୱାଇଁ, ଏସ.ଏସ ପରିଚ୍ଛାଙ୍କ ସମେତ ସଙ୍ଘର ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।





## ସରକାରୀ ଅର୍ଥ ଆତ୍ମସାତ ମାମଲା, ଅଭିଯୁକ୍ତକୁ ବର୍ଷେ ଜେଲ

ବ୍ରହ୍ମପୁର, (ସବ୍ୟୁ) : ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ଆଜି ଏକ ସରକାରୀ ଅର୍ଥ ହଡ଼ପର ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ଆସିକା ବେଣପାଟ କୋପରେଟିଭ ସୋସାଇଟିର ପୂର୍ବତନ ସମ୍ପାଦକ ମହାଦେବ ବିଶ୍ୱାଳ ।

ଜଜ୍ ତାଙ୍କ ରାୟରେ ଏକବର୍ଷ ଜେଲ ଦଣ୍ଡ କରିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ଦଶହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ତିନିମାସ ଜେଲ ଦଣ୍ଡର ନିର୍ଦ୍ଦେଶ ରହିଛି । ବିବରଣୀରୁ ପ୍ରକାଶଯେ, ୧୯୯୯ରେ ମହାଦେବ ବିଶ୍ୱାଳ ବେଣପାଟ କୋପରେଟିଭ ସୋସାଇଟିର ସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ । ସେ ତାଙ୍କର କେସ ବୁକ୍ ସାର ଓ ଅନ୍ୟାନ୍ୟ ବାବଦରେ ଆର୍ଥିକ ହେରଫେର ନେଇ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ପକ୍ଷରୁ ୧୯୯୯ ଏପ୍ରିଲ ୧ ରୁ ୨୦୦୩ ମାର୍ଚ୍ଚ ୩୧ ମଧ୍ୟରେ ୮୬ ହଜାର ୭୦୫ ଟଙ୍କା ୮୪ ପଇସାର ସଠିକ ହିସାବ ଦେଇ ପାରିନଥିଲେ । ସେ ଉକ୍ତ ସରକାରୀ ଟଙ୍କା ହେରଫେର କରିଥିବା ନେଇ ଭିଜିଲାନ୍ସ ୧୬/୦୭ରେ ଏକ ମାମଲା ରୁଜୁ କରିଥିଲା । ଉକ୍ତ ମାମଲାର ବିଚାରଣା ବେଳେ ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା ।

ଉକ୍ତ ମାମଲାର ରାୟ ପ୍ରକାଶ ବେଳେ ମହାଦେବ କୋର୍ଟରେ ହାଜର ହୋଇଥିଲେ । ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ସାକ୍ଷୀ ପ୍ରମାଣ ଆଧାରରେ ମହାଦେବଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ଓ ସୁମିତ ନାୟକ ମକଦ୍ଦମା ପରିଚାଳନା କରିଥିଲେ ।

## ୨୫ ଗୋରୁ ଉଦ୍ଧାର, ୩ ଗିରଫ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ କରସିଙ୍ଗିଠାରେ ରାତିରେ ପେଟ୍ରୋଲିଂ ସମୟରେ ପୋଲିସ ଏକ ବେଆଇନ ଗୋଚାଲାଣ ଗାଡିକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି । ଗିରଫ ଗୋଚାଲାଣକାରୀମାନେ ହେଲେ ଜରଡା ଥାନା ଅଧିନସ୍ଥ ଜୟନ୍ତୀପୁର ଗ୍ରାମର ନରସିଂହ ଗୌଡ(୪୪) , ଶ୍ରୀନିବାସ ଗୌଡ(୧୯) ଓ ଅମିତ ପାଢୀ(୧୯) । ଏନେଇ କେସ୍ ନଂ ୫୦୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ରାତିରେ ଏସ୍‌ଆଇ ଅଜୟ ମଲ୍ଲିକଙ୍କ ନେତୃତ୍ୱରେ କରସିଙ୍ଗିଠାରେ ପୋଲିସ ପେଟ୍ରୋଲିଂ ଚାଲିଥିବା ବେଳେ ଓଡଗାଁରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ବେଆଇନ ଗୋଚାଲାଣ ଗାଡିକୁ ଯାଞ୍ଚ କରିଥିଲା । ସେହି ଗାଡିରୁ ୨୫ଟି ଗୋରୁ ଉଦ୍ଧାର କରିଥିଲା ବେଳେ ସେଥି ମଧ୍ୟରେ ୨୨ଟି ଗାଈ ଏବଂ ୩ଟି ବଳଦ ରହିଥିଲେ । ତେବେ ଜବତ ଗୋରୁଗୁଡିକୁ କରଚୁଲି ଗ୍ରାମସ୍ଥ ଗୋଶାଳାରେ ଛଡାଯାଇଥିବା ବେଳେ ଗିରଫ ଗୋଚାଲାଣକାରୀ ତିନିହେଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଘଟଣାର ତଦନ୍ତ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଏଏସଆଇ ସୁମନ୍ତ କୁମାର ବେହେରା ସୂଚନା ଦେଇଛନ୍ତି ।

### ଭଞ୍ଜପୁର ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ନୂତନ କର୍ମକର୍ତ୍ତା ଚୟନ

# ପୂଜା କମିଟି ଅଧ୍ୟକ୍ଷ ସୁଦାମ ମାର୍ଣ୍ଡି, ମେଳା କମିଟି ଅଧ୍ୟକ୍ଷ ସାନନ୍ଦ ମାର୍ଣ୍ଡି



ବାରିପଦା, (ସବ୍ୟୁ) : ଭଞ୍ଜପୁର ଦୁର୍ଗା ମଣ୍ଡପଠାରେ ଶୁକ୍ରବାର ଭଞ୍ଜପୁର ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଆଗାମୀ ମାଙ୍କ ୭୪ତମ ପୂଜା ଓ ୩୨ତମ ମେଳାର ସୁପରିଚାଳନା ପାଇଁ ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ବୈଠକରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ପୂର୍ବତନ କାଉନସିଲର ଦର୍ପନାରାୟଣ ପାଲ ଓ ବରିଷ୍ଠ ସଦସ୍ୟ ହର୍ଷବର୍ଦ୍ଧନ ଯାଦବଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

ଦର୍ପନାରାୟଣ ପାଲ ଗତବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିବାବେଳେ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ନୂତନ କମିଟିରେ ପୂଜା କମିଟି ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ ବିଶ୍ୱଜିତ ନାୟକ ମନୋନୀତ ହୋଇଛନ୍ତି ।

ସେହିପରି ମେଳା କମିଟି ଅଧ୍ୟକ୍ଷ ଭାବେ ସାନନ୍ଦ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ କଳିଙ୍ଗ କେଶରୀ ଜେନା ଏବଂ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଭାବେ କୃଷ୍ଣାନନ୍ଦ ମହାନ୍ତି ମନୋନୀତ ହୋଇଛନ୍ତି । ମୁଖ୍ୟସାଧାରଣ ସମ୍ପାଦକ ଭାବେ ଦର୍ପନାରାୟଣ ପାଲ, ପୂଜା ସାଧାରଣ ସମ୍ପାଦକ ଭାବେ ରସିକାନନ୍ଦ ମିଶ୍ର, ମେଳା ସାଧାରଣ ସମ୍ପାଦକ ଭାବେ ପ୍ରସନ୍ନଜିତ ମହାନ୍ତି, ପୂଜା ସମ୍ପାଦକ ଭାବେ ସାମନ୍ତ ଶେଖର ପାଲ, ମେଳା ସମ୍ପାଦକ ଭାବେ ଆଭାସ ଦେ, ଷ୍ଟଲ ସମ୍ପାଦକ ଭାବେ ଅମୂଲ୍ୟ ଦାସ ଓ ସତ୍ୟବ୍ରତ ଧଳ, ସାଂସ୍କୃତିକ ସମ୍ପାଦକ ଭାବେ କିଶୋର ପଲେଇ, ସଭ୍ୟ ଦେୟ ଆଦାୟ ସମ୍ପାଦକ ଭାବେ ମନୋଜ ମହାନ୍ତି, କୋଷାଧ୍ୟକ୍ଷ ଭାବେ ସୁବ୍ରତ ଦାସ ଏବଂ ଗଣମାଧ୍ୟମ ସଂଯୋଜକ ଭାବେ ସୋମନାଥ ସିଂହ ମନୋନୀତ ହୋଇଛନ୍ତି । ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଭାବେ ଡାଃ ଦେବାଶିଷ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ ନନ୍ଦିକେଶ ଶେଜପଡ଼ାଙ୍କୁ ଚୟନ କରାଯାଇଛି ।

ଚଳିତ ବର୍ଷ ନଭେମ୍ବର ୧୮ ତାରିଖରୁ ମାଙ୍କ ପୂଜାବିଧି ଆରମ୍ଭ ହେବାକୁ ଥିବାବେଳେ ନଭେମ୍ବର ୨୨ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୂଜା ଓ ମେଳାକୁ ଶାନ୍ତିଶୃଙ୍ଖଳାର ସହ ସଫଳତାର ସହ ଆୟୋଜନ କରିବାକୁ ପୂଜା କମିଟି ଅଧ୍ୟକ୍ଷ ସୁଦାମ ମାର୍ଣ୍ଡି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏନେଇ କମିଟିର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସୂଚନା ଦେଇଛନ୍ତି ।



## ମଦ ନିଶା ପାଇଁ ବନ୍ଧା ପଡୁଛି ରାସନ କାର୍ଡ

# ମଦ କୋଠି ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ ମହିଳା



କୋକସରା,(ସବ୍ୟୁ): ମଦ ନିଶାରେ ମାତାଲ ହୋଇ ଯୁବଗୋଷ୍ଠୀ ଭୁଲି ଯାଉଛନ୍ତି ହିତାହିତ ଜ୍ଞାନ । ଅସାମାଜିକ କାର୍ଯ୍ୟକଳାପ ସହ ଚୋରି ରାହାଜାନି ଘଟଣା କ୍ରମଶଃ ଗ୍ରାମାଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ମଦ ନିଶା ପାଇଁ ରାସନ କାର୍ଡ ମଧ୍ୟ ବନ୍ଧକ ପଡୁଛି ମଦ କୋଠିରେ । ଏଭଳି କିଛି ଅଭିଯୋଗ ନେଇ ଶୁକ୍ରବାର କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଡାଲଗୁମାର ମହିଳା ଗୋଷ୍ଠି ଓ ସଚେତନ ଗ୍ରାମବାସୀ ମାନେ ଗାଁରେ ନିଶାମୁକ୍ତ ଆନ୍ଦୋଳନରେ ପାଇଁ ଅଣ୍ଟା ଭିଡି ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଶୁକ୍ରବାର ଡାଲଗୁମା ଗ୍ରାମର ଗଜଲକ୍ଷ୍ମୀ ଓ ରାଧାକୃଷ୍ଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ସଚେତନ ନାଗରିକ କୋକସରା ଥାନାର ଦ୍ୱାରସ୍ଥ ହୋଇ ଥାନା ଏସ ଆଇ ଡି. ମୋହନଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବେହେରା ସ୍ଥିତ ମଦଭାଟିରୁ ଡାଲଗୁମା ଗାଁରେ ୫/୬ ଥିବା ବେଆଇନ ମଦ କୋଠି ଉଚ୍ଛେଦ ସହ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଅଭିଯୋଗ କରିଛନ୍ତି । ନଚେତ ଆଗାମୀ ଦିନରେ ମହିଳା ଗୋଷ୍ଠି ମଦ ବିରୋଧୀ ଆନ୍ଦୋଳନକୁ ତିବ୍ରତର କରିବାକୁ ଚେତାବନୀ ଦେଇଛନ୍ତି ।

# ବଂଶଧାରା ବିବାଦ : ପ୍ରକଳ୍ପ ସ୍ଥଳ ବୁଲି ଦେଖିଲା ସୁପରଭାଇଜରି କମିଟି



ରାୟଗଡ଼ା,(ସବ୍ୟୁ): ବଂଶଧାରା ନଦୀଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲର ସୁପରଭାଇଜରି କମିଟି ତିନିଦିନିଆ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପସ୍ଥଳ ପରିଦର୍ଶନ କରିଛନ୍ତି । କମିଟି ପ୍ରସ୍ତାବିତ ନେରେଡି ବ୍ୟାରେଜ, କାଟ୍ରାଗଡା ସାଇଡ ୱିୟର ଓ ଫ୍ଲଡ ଫ୍ଲୋ କେନାଲ ବୁଲି ଦେଖିବା ସହ ପ୍ରକଳ୍ପ ଗୁଡ଼ିକର ସ୍ଥିତି, ଜଳପ୍ରବାହ ଓ ବିଭିନ୍ନ ବୈଷୟିକ ଦିଗ ଉପରେ ଅନୁଧ୍ୟାନ କରିଛନ୍ତି । ବଂଶଧାରା ଜଳ ବିବାଦ ପରିପ୍ରେକ୍ଷୀରେ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । କେନ୍ଦ୍ରୀୟ ଜଳ ଆୟୋଗର ମହାନଦୀ ଓ ପୂର୍ବ ନଦୀ ସଂଗଠନର ମୁଖ୍ୟଯନ୍ତ୍ରୀ ତଥା ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲର ସୁପରଭାଇଜରି କମିଟି ଅଧ୍ୟକ୍ଷ ଜି. ନାଗା ମୋହନଙ୍କ ନେତୃତ୍ୱରେ ଏହି ଗସ୍ତ ହୋଇଥିଲା। ଗସ୍ତ ସମୟରେ କମିଟି ସଦସ୍ୟମାନେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କାଟ୍ରାଗଡା ସାଇଡ ୱିୟର, ଫ୍ଲଡ ଫ୍ଲୋ କେନାଲ ଓ ପ୍ରସ୍ତାବିତ ନେରେଡି ବ୍ୟାରେଜ ସମ୍ପର୍କରେ ବିଭିନ୍ନ ବୈଷୟିକ ଦିଗ ଉପରେ ତଥ୍ୟ ସଂଗ୍ରହ କରିବା ସହ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ ଜଳପ୍ରବାହ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରିଦର୍ଶନ ପରେ କମିଟି ଗଜପତି ଜିଲ୍ଲାପାଳଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ବଂଶଧାରା ନଦୀଜଳ ବଣ୍ଟନ ଓ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ, କମିଟି ଆନ୍ଧ୍ରପ୍ରଦେଶର କାଟ୍ରାଗଡା ଅଞ୍ଚଳକୁ ଯାଉଥିବାବେଳେ ଓଡ଼ିଶାର ସାହାରା ଗ୍ରାମ ନିକଟରେ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରକଳ୍ପ ଯୋଗୁଁ କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀଙ୍କ ସମସ୍ୟା ଓ ଦାବିକୁ ଗୁରୁତ୍ୱର ସହ ବିଚାରକୁ ନେବାକୁ ସେମାନେ କମିଟି ନିକଟରେ ଦାବି ଜଣାଇଥିଲେ। ଏହି ସମୟରେ କାଶୀନଗର ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ପୁଲିସର ଏକ ବାଟାଲିୟନ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ । ଏହି ଗସ୍ତରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର କେନ୍ଦ୍ରୀୟ ଜଳ ଆୟୋଗ, ଜଳସେଚନ ବିଭାଗ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ସାମିଲ ହୋଇଥିଲେ । ବଂଶଧାରା ନଦୀଜଳ ବଣ୍ଟନକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ବିବାଦ ପରିପ୍ରେକ୍ଷୀରେ ପ୍ରକଳ୍ପସ୍ଥଳ ପରିଦର୍ଶନ ଓ ବୈଷୟିକ ଆଲୋଚନା ଗୁରୁତ୍ୱ ବହନ କରୁଛି । ତେବେ ଏହି ଅନୁଧ୍ୟାନ ପରେ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାହା ଉପରେ ଉଭୟ ରାଜ୍ୟର ନଜର ରହିଛି ।

# ପଲମ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ନର୍ଲା,(ସବ୍ୟୁ): ନର୍ଲା ବ୍ଲକ ଅନ୍ତର୍ଗତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଆୟୋଜିତ ହୋଇଯାଇଛି । କ୍ଲଷ୍ଟର ସଂଯୋଜକ ଡିଲେଶ୍ୱର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ, ମୁଖ୍ୟବକ୍ତା ଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ପଲମ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେଶ କୁମାର ଭୋଇ, ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପ୍ର ବଗର୍ତ୍ତୀ, ଉମା ମିଶ୍ର ତଥା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ । ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୧ଟି ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ବ୍ଲକ ସ୍ତରୀୟ ସୁରଭିରେ ଯୋଗଦେବେ ବୋଲି ଜଣାପଡିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମାଝୀ ।

# ଶିବ ମନ୍ଦିରରୁ ଚୋରି, ୩ ଗିରଫ

ସମ୍ବଲପୁର,(ସବ୍ୟୁ): ବୁର୍ଲା ଥାନା ଅର୍ନ୍ତଗତ ସଦେଇପାଲି ସ୍ଥିତ ୟୁପି ସ୍କୁଲ ପଛପଟେ ଥିବା ଶିବ ମନ୍ଦିରରୁ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମହାତାବ ନଗର ସ୍ୱିପର କଲୋନୀର ଶନି କୁମ୍ଭାର(୨୦), ବୋର୍ଡ କଲୋନୀର ଅମନ କୁମ୍ଭାର(୨୭) ଓ ଶଙ୍କର ବିଶ୍ୱାଳ(୨୫) ବୋଲି ଜଣାପଡିଛି । ତେବେ ସେମାନଙ୍କ ନିକଟରୁ ପିତ୍ତଳ ଓ କଂସା ନିର୍ମିତ ୨ଟି ବାଲ୍‌ଟି, ୬ଟି ଛୋଟ ବଡ଼ ଗଡୁ, ଗୋଟିଏ ହାଣ୍ଡି, ୨ଟି କମଣ୍ଡଳୁ ଗଡୁ, ୨ଟି ଚନ୍ଦନ ଗିନା, ୨ଟି ଘଣ୍ଟ, ୫ଟି ପ୍ରସାଦ ଥାଳୀ, ଛୋଟ ବଡ଼ ୫ଟି ତସଲା, ଛୋଟ ବଡ଼ ୧୧ଟି ଥାଳି, ୫ଟି ଦୀପ, ୨ଟି ଧୂପଦାନୀ, ୩ଟି ଗ୍ଲାସ, ୨ଟି ଘଣ୍ଟି ଏବଂ ଗୋଟିଏ ସୁନା ଆବରଣ ହାର ଜବତ ହୋଇଛି। ଅମନ କୁମ୍ଭାର ନାମରେ ପୂର୍ବରୁ ମଧ୍ୟ ବୁର୍ଲା ଥାନାରେ ଏକାଧିକ ମାମଲା ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ସଦେଇପାଲି ଶିବ ମନ୍ଦିରରୁ ଗତ ୭ତାରିଖ ରାତିରେ ବିଭିନ୍ନ ପୂଜା ସାମଗ୍ରୀ ଏବଂ ଏକ ସୁନା ପ୍ଲେଟେଡ୍ ହାର ଚୋରି ହୋଇଥିଲା। ଅଭିଯୋଗ ପରେ ପୋଲିସ ୪୩୪/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତଦନ୍ତ ବେଳେ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଆଥେଲେଟିକ୍ସରେ

# ଜିଲ୍ଲାର କ୍ରୀଡ଼ାବିତଙ୍କୁ ୮ ପଦକ



ମାଲକାନଗିରି,(ସବ୍ୟୁ): କେନ୍ଦୁଝର ଠାରେ ଗତ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ୭୦ତମ ରାଜ୍ୟ ବିଦ୍ୟାଳୟ ସମୂହ ଆଥେଲେଟିକ୍ସ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାର କ୍ରୀଡାବି ମାନେ ଚମତ୍କାର ପ୍ରଦର୍ଶନ କରି ୮ ଟି ପଦକ ହାସଲ କରିଛନ୍ତି । ୧୪ ବର୍ଷରୁ କମ ବାଳକ ବିଭାଗରେ ସରକାରୀ ଏସ. ଏସ. ଡି ବିଦ୍ୟାଳୟନ, ମୁଦୁଲିପଡାର ଛାତ୍ର ପୀତବାସ ଶିଷା ୪୦୦ମି. ଦୌଡରେ ସ୍ୱର୍ଣ୍ଣପଦକ, ୧୦୦ ମି. ଦୌଡରେ ବ୍ରୋଞ୍ଜ ପଦକ, ୨୦୦ ମି. ଦୌଡରେ ବ୍ରୋଞ୍ଜ ପଦକ ଓ ୪/୧୦୦ ମି. (ଦଳଗତ ) ରିଲେରେ ସ୍ୱର୍ଣ୍ଣପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ ବାଳକ ବିଭାଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କିଆଙ୍ଗର ମହେନ୍ଦ୍ର ନାୟକ ଉଚ୍ଚଡିଆଁରେ ରୌପ୍ୟ ପଦକ, ରିଲେ ଦୌଡ଼ରେ ସ୍ୱର୍ଣ୍ଣ ପଦକ, ସଦାଖିଲ ରିଲେ ଦୌଡରେ ସ୍ୱର୍ଣ୍ଣପଦକ, ରାଜେଶ ଗୋଲରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆର୍ ଏସ ସି -୬ ଡିସ-କସ ଥ୍ରୋରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୧୪ ବର୍ଷରୁ କମ ବାଳିକା ବିଭାଗରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦଳପତିଗୁଡାର ଛାତ୍ରୀ କରିନା ଦଳପତି ସଟ-ଫୁଟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଓ ୧୭ ବର୍ଷରୁ କମ ବଳକ ବିଭାଗରେ ୪/୧୦୦ ମି. ରିଲେ ଦୌଡ଼ରେ ଜଗନ୍ନାଥ ନାୟକ, ଆକାଶ ବନ୍ଦମ, ସଲିମ ମାଡକାମୀ, ଅଭି ମାଡକାମି, ୩ୟ ସ୍ଥାନ ହାସଲ କାରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାକୁ ୨ଟି ସ୍ୱର୍ଣ୍ଣ, ୧ଟି ରୋପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ସମେତ ମୋଟ ୮ଟି ପଦକ ମିଳିଛି। ମାଲକାନଗିରି ଜିଲ୍ଲାର ଏହି ସଫଳତା ଜିଲ୍ଲାର କ୍ରୀଡା ଜଗତରେ ଉତ୍ସାହ ସୃଷ୍ଟି କରିଛି । ଜିଲ୍ଲା ପ୍ରତିଯୋଗୀଙ୍କ ସଫଳତା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗିରଥି ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ମୁନା ତୁରୁକ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ସମସ୍ତ ଖେଳାଳି, ଟିମ ମ୍ୟାନେଜର, କୋଚ ଓ ଖେଳ ଶିକ୍ଷକ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ଓଲଟି ପଡିଲା କାର୍

# ଅଳ୍ପକେ ବର୍ତ୍ତିଲେ ବାଇକ, କାର ଚାଳକ

ରେଢ଼ାଖୋଲ,(ସବ୍ୟୁ): ଶୁକ୍ରବାର ସନ୍ଧ୍ୟାରେ ରେଢ଼ାଖୋଲ ମିନି ଷ୍ଟାଡିଅମ ନିକଟରେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି କାର ଓ ବାଇକ ଚାଳକ । ରେଢ଼ାଖୋଲ କଲେଜ ପଟୁ ଏକ କାର ସହର ପଟେ ଯାଉଥିଲା । ସହର ପଟୁ ଏକ ବାଇକ ପେଟ୍ରୋଲ ଟାଙ୍କି ପଟକୁ ରାସ୍ତା ପାର ହୋଇ ଯାଉଥିବା ବେଳେ କାର ସହ ମୁହାଁ ମୁହିଁ ହୋଇ ଯାଇଥିଲା । ବାଇକ ଚାଳକଙ୍କୁ ବଞ୍ଚାଇବାକୁ ଯାଇ କାର ଚାଳକ କାରକୁ ରାସ୍ତା ପାର୍ଶ୍ୱକୁ ପଶି ଯାଇ ଓଲଟି ପଡିଥିଲା । ହେଲେ କାର ଚାଳକ ଓ ବାଇକ ଚାଳକ ମୃତ୍ୟୁ ମୁଖରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ । ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଛି ।

# କ୍ରୀଡ଼ାବିତ ଦୟାନିଧି ସାହୁଙ୍କ ପରଲୋକ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁର ଗାଁର କ୍ରୀଡ଼ାବିତ ଦୟାନିଧି ସାହୁ (୫୫)ଙ୍କ ପରଲୋକ ଘଟିଛି । ଦୟାନିଧିଙ୍କ ବିୟୋଗରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଭାଜପା ନେତା ଉମାକାନ୍ତ ପ୍ରଧାନ , ଦେବକାନ୍ତ ପାଣିଗ୍ରାହୀ , ଅଭୟ ତ୍ରିପାଠୀ , ବିଜେଡି ନେତା ପବିତ୍ର ପଟେଲ ପ୍ରମୁଖ ଶୋକପ୍ରକାଶ କରିଛନ୍ତି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ତାଙ୍କ ମୃତ୍ୟୁ ହୋଇଥିବା ବେଳେ ଶୁକ୍ରବାର ଶାନ୍ତିପୁର ଗାଁରେ ମୃତଦେହ ପହଞ୍ଚିଲା। ପରେ ଶୁଭେଚ୍ଛୁ ମାନେ ତାଙ୍କ ଶେଷ ଦର୍ଶନ କରିଥିବା ବେଳେ ଗାଁ ଶ୍ମଶାନ ରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ଦୟାନିଧି ଭାଜପାର ଧଣ୍ଡାମୁଣ୍ଡା ପଞ୍ଚାୟତ ସଭାପତି ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାରରେ ସ୍ତ୍ରୀ, ଦୁଇ ଝିଅ ପୁଅଙ୍କୁ ଛାଡିଯାଇଛନ୍ତି । ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି ।

# ଟ୍ରାକ୍ଟର ଚକରେ ପଡି ଶ୍ରମିକ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଭବାନୀପାଲି ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରାକ୍ଟରରୁ ପଡି ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତ ଶ୍ରମିକ ଜଣକ ବାରଲୋଇ ଗ୍ରାମର ପଦ୍ମଲୋଚନ ଭୋଇ(୨୦) ବୋଲି ଜଣାପଡିଛି । ଖବର ପାଇ ଯୁଯୋମୁରା ଥାନା ପୋଲିସ ୧୮୪/୨୬ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି । ଜବତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ସୂଚନାଯୋଗ୍ୟ, ସିମେଣ୍ଟ ବୋଝେଇ ଟ୍ରାକ୍ଟର ଗାଡି ନମ୍ବର(ଓଡି୧୫ଏଫ୍- ୫୧୬୩) ହାତୀବାରିରୁ ବ୍ରାହ୍ମଣୀପାଲି ଗ୍ରାମକୁ ଯାଉଥିବା ବେଳେ ଭବାନୀପାଲି ଛକ ନିକଟରେ ସଂପୃକ୍ତ ଶ୍ରମିକ ଜଣକ ଖସି ପଡି ଚକ ତଳେ ଚାପି ହୋଇ ଯାଇଥିଲେ । ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୋଲିସ ଟ୍ରାକ୍ଟରକୁ ଜବତ କରି ଅଧିକ ତଦନ୍ତ କରୁଛି।

# ୧୩ ଗ୍ରାମ ହେରୋଇନ୍ ସହ ମହିଳା ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଏକ ବଡ ଧରଣର ଚଢାଉ କରାଯାଇଛି । ଚଢାଉ ବେଳେ ସୁନାପାଲିର ଆରତୀ ଓରାମ(୩୫)ଙ୍କୁ ଗିରଫ କରାଯାଇଛି । ତାଙ୍କ ନିକଟରୁ ୧୩ଗ୍ରାମ ହିରୋଇନ ଓ ନଗଦ ୭ହଜାର୮୦ଟଙ୍କା ଜବତ ହୋଇଛି । ଜବତ ସାମଗ୍ରୀର ମୋଟ ମୂଲ୍ୟ ୧ଲକ୍ଷ୩୭ହଜାର୮୦ଟଙ୍କା ହେବ ବୋଲି ଜଣାପଡିଛି । ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ସୁନାପାଲି ଛକ ନିକଟରେ ଅତର୍କିତ ଚଢାଉ କରିଥିଲା। ଏହି ମାମଲାରେ ଆରତୀ ଓରାମଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଅଞ୍ଚଳ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଉଷ୍ମତା

# ନାମାଙ୍କନ ଯାଞ୍ଚ ପରେ ୨୧ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ

ପଦ୍ମପୁର,(ସବ୍ୟୁ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ୨୦୨୬-୨୦୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ସାହ ବଢ଼ିବାରେ ଲାଗିଛି । ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେବା ପରେ ୨୧ ଜଣ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି । ମୋଟ ୨୪ ଜଣ ନାମାଙ୍କନ ଦାଖଲ କରିଥିବାବେଳେ ଯାଞ୍ଚ ସମୟରେ ୩ ଜଣଙ୍କ ନାମାଙ୍କନ ନାକଚ ହୋଇଛି । ସଭାପତି ପଦ ପାଇଁ ସୌଗମ ତାଣ୍ଡି, ପିୟୂଷ କୁମାର ଦାଶ, ଡୋଲାମଣି ରୋହିଦାସ ଓ ଆରଯନ ରଣାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ସେହିପରି ଉପସଭାପତି ପଦ ପାଇଁ ଧରିତ୍ରୀ ବରିହା, ସୁନୀଲ ସାହୁ, ଆଦିତ୍ୟ ନାରାୟଣ ସାହୁ ଓ ମୌସୁମୀ ସିଂ ବରିହା ନିର୍ବାଚନୀ ମଇଦାନରେ ଅଛନ୍ତି ।

ସେହିପରି ସମ୍ପାଦକ ପଦ ପାଇଁ ସର୍ବାଧିକ ୭ ଜଣ ପ୍ରାର୍ଥୀ ରହିଛନ୍ତି । ସେମାନେ ହେଲେ ଚିନ୍ମୟ ପଟେଲ, ତନ୍ମୟ ପ୍ରଧାନ, ଅମିତ କୁମାର ରଣା, ଜିତେଶ୍ୱରୀ ନାଏକ, ଆଭାଷ ପାଣ୍ଡେ, ଚିତ୍ତରଞ୍ଜନ ମେହେର ଓ ଡିମ୍ପଲ ରଣା। ସାଧାରଣ ସମ୍ପାଦକ ପଦ ପାଇଁ କୋଶଳ ପଧାନ, ଯୋଗେଶ ବେହେରା ଓ ମାନସ ବେରିଆ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସହକାରୀ ଯୁଗ୍ମ ସମ୍ପାଦକ ପଦ ପାଇଁ ଯୁବରାଜ ସାହୁ ଓ ଆର୍ଯ୍ୟ ବଞ୍ଜୋରଙ୍କ ନାମ ଚୂଡ଼ାନ୍ତ ହୋଇଛି । ଏଥିସହ ବାଣିଜ୍ୟ ବିଭାଗ ଶ୍ରେଣୀ ପ୍ରତିନିଧି ଭାବେ ଶକ୍ତି ମେହେରଙ୍କ ନାମାଙ୍କନ ବୈଧ ଘୋଷିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଶୃଙ୍ଖଳା ବଜାୟ ରଖିବା ସହ ଲିଙ୍ଗଡୋ କମିଟିର ସୁପାରିଶ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଏବଂ ମହାବିଦ୍ୟାଳୟର ନିର୍ବାଚନୀ ଆଚରଣ ବିଧି ପାଳନ କରିବାକୁ ସମସ୍ତ ପ୍ରାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି । ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ମହାବିଦ୍ୟାଳୟ ପରିସରରେ ନିର୍ବାଚନୀ ଉତ୍ସାହ ବଢ଼ିଛି ।

# କୋରାପୁଟ ମାଟିରେ ଫୁଟବଲ ମହାକୁମ୍ଭ

କୋରାପୁଟ,(ସବ୍ୟୁ): କୋରାପୁଟ ସଦର ମହକୁମାରେ ଆରମ୍ଭ ହୋଇଯାଇଛି ରାଜ୍ୟର ସବୁଠାରୁ ବଡ଼ କ୍ରୀଡା ମହାକୁମ୍ଭ ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା (୧୭ ବର୍ଷରୁ କମ ବାଳକ ବିଭାଗ)। ଏହି ମହାମୁକାବିଲାରେ ରାଜ୍ୟର ୩୧ଟି କ୍ରୀଡା ଶିକ୍ଷା ଜିଲ୍ଲାରୁ ପ୍ରତିଭାବାନ ଖେଳାଳିମାନେ କୋରାପୁଟରେ ପହଞ୍ଚି ନିଜର ରାଜ୍ୟସ୍ତରୀୟ ପ୍ରତିଭା ପ୍ରଦର୍ଶନ କରିବେ । ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ସୂଚନା ଅନୁଯାୟୀ, ଖେଳାଳିଙ୍କ ରହଣିଠାରୁ ଆରମ୍ଭ କରି ଗ୍ରାଉଣ୍ଡ ପ୍ରସ୍ତୁତି ସବୁକିଛିର ଶ୍ରେଷ୍ଠ ବ୍ୟବସ୍ଥା କରାଯାଇଛି । ଆସନ୍ତା ରବିବାର ଦିନ ଏହି ରୋମାଞ୍ଚକର ପ୍ରତିଯୋଗିତାର ଉଦଯାପନୀ ଏବଂ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ । କୋରାପୁଟର ଏହି କ୍ରୀଡା ମହାସମରରେ କେଉଁ ଜିଲ୍ଲା ବାଜି ମାରିବ । ତାହା ଉପରେ ରହିଛି ସମସ୍ତଙ୍କ ନଜର । କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ବାଲେଶ୍ୱର ୩-୦ ଗୋଲ ବ୍ୟବଧାନରେ ଭଦ୍ରକ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ମାଲକାନଗିରି ୨-୦ ଗୋଲ ବ୍ୟବଧାନରେ କଳାହାଣ୍ଡି ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା।

ସେହିପରି ପୋଲିସ ପଡିଆ ଠାରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ପୁରୀ ୧-୦ ଗୋଲ ବ୍ୟବଧାନରେ ଗଞ୍ଜାମ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ମୟୂରଭଞ୍ଜ ୧-୦ ଗୋଲ ବ୍ୟବଧାନରେ କେନ୍ଦ୍ରାପଡା ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଆଇଆରବି ପଡ଼ିଆରେ ଖୋର୍ଦ୍ଧା ଓ ଅନୁଗୁଳ ଜିଲ୍ଲା ମଧ୍ୟରେ ମ୍ୟାଚ ଆୟୋଜିତ ହୋଇଥିଲା ଏଥିରେ ଉଭୟ ଦଳ ୨-୨ ଗୋଲ କରିଥିବାରୁ ମ୍ୟାଚଟି ଡ୍ର ରହିଥିଲା ।

# ଛାତ୍ର ସଂସଦ ନିର୍ବାଚନ ନେଇ ମନୋନୟନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ

ଝାରସୁଗୁଡ଼ା,(ସବ୍ୟୁ) : ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନ ନେଇ ମନୋନୟନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଏହା ଫଳରେ ଦୁଇଟି ପ୍ରମୁଖ ପଦବୀ ପାଇଁ ନିର୍ବାଚନୀ ଲଢ଼େଇର ପଥ ପରିଷ୍କାର ହୋଇଛି । ଯାଞ୍ଚ ପରେ ନିଷ୍ପତ୍ତି ନିଆଯାଇଛି ଯେ ସାଧାରଣ ସମ୍ପାଦକ ଏବଂ ସାଂସ୍କୃତିକ ସମ୍ପାଦକ ପଦବୀ ପାଇଁ ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିବେ । ଅନ୍ୟ ଚାରୋଟି ପଦବୀ ପାଇଁ ପ୍ରାର୍ଥୀମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଛି । କଲେଜ ଦ୍ୱାରା ପ୍ରକାଶିତ ମନୋନୟନ ଦାଖଲ ରିପୋର୍ଟ ଅନୁଯାୟୀ, ମୋଟ ୮ଟି ପଦବୀ ପାଇଁ ୨୯ଟି ମନୋନୟନ ପତ୍ର ଗ୍ରହଣ କରାଯାଇଥିଲା। ପ୍ରାରମ୍ଭିକ ରିପୋର୍ଟରେ ୧୭ ଜଣ ପୁରୁଷ ଓ ୧୪ ଜଣ ମହିଳା ପ୍ରାର୍ଥୀଙ୍କ ତଥ୍ୟ ରେକର୍ଡ କରାଯାଇଥିଲା। ସାଧାରଣ ସମ୍ପାଦକ ଏବଂ ସାଂସ୍କୃତିକ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ସାଧାରଣ ସମ୍ପାଦକ ପଦବୀ ପାଇଁ ପୀୟୂଷ ସରାଫ ଏବଂ ବଳିଷ୍ଠ ସାହୁଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେବ । ସେହିପରି, ସାଂସ୍କୃତିକ ସମ୍ପାଦକ ପଦବୀ ପାଇଁ ପ୍ରିୟଙ୍କା ମହେର ଏବଂ ରାହୁଲ ଗର୍ଗ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଏହି ଦୁଇଟି ପ୍ରତିଦ୍ୱନ୍ଦ୍ୱିତା ଛାତ୍ରଛାତ୍ରୀମାନଙ୍କୁ ଭୋଟ ମାଧ୍ୟମରେ ସେମାନଙ୍କ ପ୍ରତିନିଧି ବାଛିବାର ସୁଯୋଗ ଦେବ । ଛାତ୍ର ସଂସଦର କାର୍ଯ୍ୟକଳାପରେ ଉଭୟ ପଦବୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, କାରଣ ଏଥିରେ ଛାତ୍ର ପ୍ରତିନିଧିତ୍ୱ, ସଂସଦର କାର୍ଯ୍ୟକଳାପର ସମନ୍ୱୟ ଏବଂ କ୍ୟାମ୍ପସରେ ଶିକ୍ଷାଗତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଭଳି ବିଷୟ ଅନ୍ତର୍ଭୁକ୍ତ ଥାଏ । ଉପ-ସଭାପତି ପଦବୀ ପାଇଁ ସମସ୍ତ ପ୍ରାର୍ଥୀଙ୍କ ମନୋନୟନ ପତ୍ର ଖାରଜ ହୋଇଯାଇଛି । ଆଗାମୀ ୧୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ।

# ରାୟଗଡ଼ା କଲେଜ କ୍ୟାମ୍ପସରେ ନିର୍ବାଚନୀ ଉଷ୍ମତା ନାମାଙ୍କନ ଦାଖଲ




ରାୟଗଡ଼ା,(ସବ୍ୟୁ) : ଦୀର୍ଘ ୮ ବର୍ଷ ପରେ କଲେଜ କ୍ୟାମ୍ପସ୍ରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ରାୟଗଡ଼ା ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ନିର୍ବାଚନୀ ମାହୋଲ ସରଗରମ ହୋଇଉଠିଛି । ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଅମଲାଭଟ୍ଟା ମଡେଲ ଡିଗ୍ରୀ କଲେଜ, ମୁନିଗୁଡ଼ା ଡିଗ୍ରୀ କଲେଜ ଓ ଗୁଣପୁର କଲେଜରେ ଛାତ୍ରୀଛାତ୍ରମାନେ ଉତ୍ସାହର ସହ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଭିନ୍ନ ଛାତ୍ର ସଂଗଠନର ପ୍ରାର୍ଥୀଙ୍କ ସକ୍ରିୟତା କ୍ୟାମ୍ପସ ରାଜନୈତିକ ଉଷ୍ମତା ବଢ଼ାଇଛି । ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୮ଟି ପଦବୀ ପାଇଁ ମୋଟ ୩୬ ଜଣ ପ୍ରାର୍ଥୀ ନାମାଙ୍କନ ଭରିଥିବାବେଳେ ବୟସାଧିକ କାରଣରୁ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି । ଏଠାରେ ବିଜୁ ଛାତ୍ର ଜନତା ଦଳ, ଏବିଭିପି ଓ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସଭାପତି ପଦ ପାଇଁ ୫, ଉପସଭାପତି ପାଇଁ ୩, ସମ୍ପାଦକ ପାଇଁ ୪ ଓ ସହ ସମ୍ପାଦକ ପାଇଁ ୩ ଜଣ ପ୍ରାର୍ଥୀ ରହିଛନ୍ତି । ଅନ୍ୟ କେତେକ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ । ଏଠାରେ ପ୍ରାୟ ୩ ହଜାର ଛାତ୍ରୀଛାତ୍ର ମତଦାନ କରିବେ । ସେହିପରି ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ୩୪ ଜଣ ଛାତ୍ରୀ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି । ସଭାପତି ଓ ଉପସଭାପତି ପଦ ପାଇଁ ୫ ଜଣ ଲେଖାଏଁ, ସମ୍ପାଦକ ଓ ସହସମ୍ପାଦକ ପଦ ପାଇଁ ୨ ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି । ପ୍ରାୟ ୮୦୦ ଛାତ୍ରୀ ମତଦାନ କରିବେ । ଗୁଣପୁର କଲେଜରେ ୫୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏବିଭିପି ସମର୍ଥିତ ଛାତ୍ରୀଛାତ୍ର ଶୋଭାଯାତ୍ରାରେ କଲେଜରେ ପହଞ୍ଚିଥିବାବେଳେ ବିଧାୟକ ସତ୍ୟଜିତ ଗମାଙ୍ଗ ସେମାନଙ୍କ ସହ ନିର୍ବାଚନୀ ରଣନୀତି ନେଇ ଆଲୋଚନା କରୁଥିବା ଦେଖାଯାଇଥିଲା । ଲିଙ୍ଗଡୋ କମିଶନଙ୍କ ନିୟମ ଅନୁଯାୟୀ ନାମାଙ୍କନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଆସନ୍ତା ୧୪ ତାରିଖରେ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ବୈଠକ ହେବ । ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ କଲେଜ ପରିସରରେ ପୁଲିସ ମୁତୟନ କରାଯାଇଛି ।

# ଦଶହରା ଆସିଲା ତଥାପି ମିଳିଲାନି ଭତ୍ତା

ଅମ୍ବାଭୋନା,(ସବ୍ୟୁ): ପର୍ବ ପରେ ପର୍ବ ଆସୁଛି, ହେଲେ ଖାତାକୁ ଆସୁନାହିଁ ଭତ୍ତା ଟଙ୍କା । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅତିକ୍ରାନ୍ତ ହୋଇଥିବାବେଳେ ଦଶହରା ମଧ୍ୟ ଆସନ୍ନ , କିନ୍ତୁ ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକର ୩୮୦୬ ଜଣ ସାମାଜିକ ସୁରକ୍ଷା ଭତ୍ତା ହିତାଧିକାରୀ ଏଯାଏଁ ଅଗଷ୍ଟ ଓ ସେପ୍ଟେମ୍ବର ମାସର ପାଇନାହାନ୍ତି । ପର୍ବପର୍ବାଣିର ଏହି ସମୟରେ ଦୁଇ ମାସର ପ୍ରାପ୍ୟ ଅଟକି ରହିବା ଯୋଗୁଁ ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଅବିବାହିତା ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଆର୍ଥିକ ଚିନ୍ତା ଘାରିଛି । ଅମ୍ବାଭୋନା ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତରେ ବହୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ହିଁ ଜୀବନଧାରଣର ଏକ ପ୍ରମୁଖ ଆଧାର । ବୟସର ଅପରାହ୍ନରେ ପହଞ୍ଚିଥିବା ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କ ପାଇଁ ଏହି ଅର୍ଥ ଔଷଧ କିଣିବାଠାରୁ ଆରମ୍ଭ କରି ଖାଦ୍ୟ ଓ ନିତ୍ୟାବଶ୍ୟକ ସାମଗ୍ରୀ ଯୋଗାଡ଼ କରିବାରେ ସହାୟକ ହୋଇଥାଏ । ଏଭଳି ସ୍ଥିତିରେ ଲଗାତାର ଦୁଇ ମାସର ଭତ୍ତା ନମିଳିବା ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି । ନିୟମିତ ଭାବେ ଭତ୍ତା ପାଇବା ହିତାଧିକାରୀଙ୍କ ଅଧିକାର ହୋଇଥିବାବେଳେ ଏହାର ବିଳମ୍ବିତ ପ୍ରଦାନକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ଭତ୍ତା ପ୍ରଦାନ କରାଯିବା ସହ ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ କିମ୍ବା ଡାକଘର ସଞ୍ଚୟ ଖାତାରେ ଜମା ହେବା କଥା । ମାତ୍ର ଅମ୍ବାଭୋନା ବ୍ଲକରେ ଦୁଇ ମାସର ଭତ୍ତା ଅଟକି ରହିବାର କାରଣ କ'ଣ, ତାହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି । ନୂଆଁଖାଇ ଭଳି ଗଣପର୍ବରେ ଭତ୍ତା ଟଙ୍କା ମିଳିନଥିବାରୁ ଅନେକ ଗରିବ ପରିବାର ପର୍ବ ପାଳନରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବା କହିଛନ୍ତି । ଏବେ ଦଶହରା ମୁଣ୍ଡ ଉପରେ। ଏଭଳି ସମୟରେ ବକେୟା ଭତ୍ତା ମିଳିଲେ ଅନ୍ତତଃ ପରିବାରର ଆବଶ୍ୟକତା କିଛିଟା ପୂରଣ ହୋଇପାରିବ ବୋଲି ହିତାଧିକାରୀମାନେ ଆଶା ବାନ୍ଧିଛନ୍ତି । ଅଗଷ୍ଟ ଓ ସେପ୍ଟେମ୍ବର ସହ ଚଳିତ ମାସର ଭତ୍ତା ମଧ୍ୟ ଦଶହରା ଦଶମୀ ପୂର୍ବରୁ ଏକାଥରକେ ମିଳିଗଲେ ପର୍ବରେ ଟିକିଏ ଖୁସିରେ ରହିପାରିବୁ ବୋଲି କେତେକ ହିତାଧିକାରୀ ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଅମ୍ବାଭୋନା ବ୍ଲକର ଭାରପ୍ରାପ୍ତ ସାମାଜିକ ଅଧିକାରୀ ସୂର୍ଯ୍ୟଦେବ ଦୋରାଙ୍କୁ ପଚାରିବାରୁ, ପର୍ଯ୍ୟାୟକ୍ରମେ ହିତାଧିକାରୀଙ୍କ ସଞ୍ଚୟ ଖାତାରେ ବକେୟା ଅର୍ଥ ଏକକାଳୀନ ଜମା କରାଯିବ ବୋଲି ସେ କହିଥିଲେ । ତେବେ ଏହି ଅର୍ଥ କେବେ ସୁଦ୍ଧା ଜମା ହେବ, ସେନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ପଷ୍ଟ ହୋଇନାହିଁ ।

ଅନ୍ୟପକ୍ଷରେ, ଗତ ସପ୍ତାହରେ ପ୍ରବଳ ବର୍ଷା ଯୋଗୁଁ ବ୍ଲକର ବିଭିନ୍ନ ଅଞ୍ଚଳ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଅନେକ ପରିବାର ଏବେ ମଧ୍ୟ ବନ୍ୟାଜନିତ କ୍ଷୟକ୍ଷତି ଓ ଦୁର୍ଦ୍ଦଶାରୁ ସମ୍ପୂର୍ଣ୍ଣ ମୁକୁଳି ପାରିନାହାନ୍ତି। ଏଭଳି ସଙ୍କଟଜନକ ସମୟରେ ଭତ୍ତା ଟଙ୍କା ବିଳମ୍ବ ହେବା ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ତେଣୁ ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ୩୮୦୬ ହିତାଧିକାରୀଙ୍କ ବକେୟା ଭତ୍ତା ଦଶହରା ଦଶମୀ ପୂର୍ବରୁ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏଥିସହ ଭବିଷ୍ୟତରେ ଯେପରି ଭତ୍ତା ପ୍ରଦାନରେ ଅନାବଶ୍ୟକ ବିଳମ୍ବ ନହୁଏ, ସେଥିପାଇଁ ସ୍ଥାୟୀ ଓ ସୁବ୍ୟବସ୍ଥିତ ପଦକ୍ଷେପ ନେବାକୁ ମଧ୍ୟ ଦାବି ଜୋର ଧରିଛି ।

# ଶିଶୁ ଓ ଗର୍ଭବତୀ ମାଆଙ୍କ ଯତ୍ନ ନେବା ଆମର ସାମାଜିକ ଦାୟିତ୍ୱ : ଧର୍ମେନ୍ଦ୍ର



ସମ୍ବଲପୁର,(ସବ୍ୟୁ): ନବଜାତ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ଅଟେ । ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡା 'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହା କହିଥିଲେ । ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ । ଏହି ସଂକଳ୍ପ ଗୁଡ଼ିକୁ ଏକ ବିଶାଳ ଜନ ଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ । ଏହି ଅବସରରେ କୁଚିଣ୍ଡା ଠାରେ ନବନିର୍ମିତ 'ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର' ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍ଘାଟନ କରିଥିଲେ । ପରେ କୁଚିଣ୍ଡା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିଥିଲେ । ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ପଚାରି ବୁଝିଥିଲେ । 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ଆଙ୍ଗନ ମିଲନ' ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା'ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ଭାବ ବିନିମୟ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜମୁଛି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିର୍ବାଚନ : ମୁହାଁମୁହିଁ ବାକ୍‌ଯୁଦ୍ଧ !





ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ରାଜେନ୍ଦ୍ର ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଜମିଲାଣି ରାଜନୀତି । ଦୀର୍ଘ ୮ ବର୍ଷ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ରାଜେନ୍ଦ୍ର ୟୁନିଭରସିଟିରେ ପ୍ରଥମ ଥର ପାଇଁ ନିର୍ବାଚନ ହେଉଥିବାରୁ ଛାତ୍ର ରାଜନୀତିରେ ଦେଖାଦେଇଛି ନୂଆ ଉତ୍ସାହ। ମନୋନୟନପତ୍ର ଦାଖଲ ପରେ କ୍ୟାମ୍ପସରେ ଆରମ୍ଭ ହୋଇଛି ଉତ୍ସବର ମାହୋଲ ।

ଛାତ୍ର ସଂସଦକୁ ନିଜ ଅକ୍ତିଆରକୁ ନେବା ପାଇଁ ତିନି ପ୍ରମୁଖ ରାଜନୈତିକ ଦଳର ଛାତ୍ର ସଂଗଠନ ଜୋରଦାର ଉଦ୍ୟମ ଚଳାଇଛନ୍ତି । ଛାତ୍ର ବିଜେଡି, ଛାତ୍ର କଂଗ୍ରେସ ଓ ବିଜେପି ସମର୍ଥିତ ଏବିଭିପି ନିଜ ନିଜର ପ୍ରାର୍ଥୀଙ୍କୁ ନେଇ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି । କିନ୍ତୁ ନିର୍ବାଚନୀ ପ୍ରଚାର ଆଗକୁ ବଢ଼ିବା ପୂର୍ବରୁ ଦଳୀୟ ନେତାଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଛି ଆରୋପ-ପ୍ରତ୍ୟାରୋପ । ମନୋନୟନପତ୍ର ଦାଖଲ ଶେଷ ହେବା ପରେ କ୍ୟାମ୍ପସରେ ଦେଖିବାକୁ ମିଳିଥିଲା ଉତ୍ସବର ମାହୋଲ । ନିଜ ନିଜ ଦଳର ପ୍ରାର୍ଥୀଙ୍କୁ ସମର୍ଥକମାନେ କାନ୍ଧରେ ବସାଇ ନାଚଗୀତ କରିବା ସହ ବାଜା ବଜାଇ ସେଲିବ୍ରେସନ କରିଥିଲେ। ଛାତ୍ର ବିଜେଡି, ଛାତ୍ର କଂଗ୍ରେସ ଓ ଏବିଭିପି ସମର୍ଥକଙ୍କ ମଧ୍ୟରେ ଦେଖାଦେଇଥିଲା ଉତ୍ସାହ । ନିଜ ନିଜ ପ୍ରାର୍ଥୀଙ୍କ ବିଜୟ ନେଇ ସମସ୍ତେ ଆଶାବାଦୀ । ହେଲେ ଏହି ଉତ୍ସବର ମାହୋଲ ଭିତରେ ଏବେ ରାଜନୀତିର ତାତି ବଢ଼ିବାରେ ଲାଗିଛି।

ବଲାଙ୍ଗିର ଜିଲ୍ଲାରେ ତିନି ପ୍ରମୁଖ ରାଜନୈତିକ ଦଳର ନେତାଙ୍କ ପ୍ରଭାବ ରହିଥିବାରୁ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଛି। ବିଜେଡି ଓ କଂଗ୍ରେସ ମଧ୍ୟରେ ବୟାନବାଜି ତୀବ୍ର ହୋଇଥିବା ବେଳେ ନିଜ ନିଜ ସଂଗଠନର ଶକ୍ତି ପ୍ରଦର୍ଶନ କରିବାକୁ ଉଭୟ ଦଳ ଚେଷ୍ଟା କରୁଛନ୍ତି । ଛାତ୍ର ରାଜନୀତିରେ ନିଜର ପ୍ରଭାବ କେତେ ରହିଛି, ତାହା ପ୍ରମାଣ କରିବା ଉଭୟଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି । ଅନ୍ୟପଟେ ଏହି ଦୁଇ ଦଳ ମଧ୍ୟରେ ଚାଲିଥିବା ବାକଯୁଦ୍ଧକୁ ନିଜ ପାଇଁ ସୁଯୋଗ ଭାବେ ଦେଖୁଛି ଏବିଭିପି । ୟୁନିଭରସିଟିର ବିକାଶ ଓ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ ବିଜେଡି ଓ କଂଗ୍ରେସ କିଛି କରିନଥିବା ଅଭିଯୋଗ କରିଛି ଏବିଭିପି । ଏଥର ନିର୍ବାଚନରେ ନିଜ ସଂଗଠନ ବାଜିମାତ୍ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ଏବିଭିପି ଓ ବିଜେପି ନେତା। ଏହାକୁ ନେଇ ନିର୍ବାଚନୀ ମଇଦାନରେ ତ୍ରିମୁଖୀ ଲଢ଼େଇର ସମ୍ଭାବନା ଅଧିକ ହୋଇଛି।

ତିନି ପ୍ରମୁଖ ଦଳ ମଧ୍ୟରେ ରାଜନୈତିକ ଛକାପଞ୍ଝା ଚାଲିଥିବା ବେଳେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି ସ୍ୱାଧୀନ ପ୍ରାର୍ଥୀ। ବିଶେଷକରି ୟୁନିଭରସିଟିର ବି.ଇଡି. ଛାତ୍ରଛାତ୍ରୀମାନେ ସ୍ୱାଧୀନ ଭାବେ ପ୍ରାର୍ଥୀ ଦେଇଥିବାରୁ ନିର୍ବାଚନରେ ନୂଆ ସମୀକରଣ ସୃଷ୍ଟି ହେବାର ଆଶା ରହିଛି । ସମର୍ଥକଙ୍କ ସହ ବାଜା ବଜାଇ ଶୋଭାଯାତ୍ରାରେ ଆସି ସେମାନେ ନୋମିନେସନ ଦାଖଲ କରିଛନ୍ତି ।

ଦଳୀୟ ରାଜନୀତିର ଲଢ଼େଇ ମଧ୍ୟରେ ସ୍ୱାଧୀନ ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ଭୋଟକୁ ନିଜ ସପକ୍ଷରେ ଆଣିବାକୁ ଚେଷ୍ଟା କରିବେ। ଯଦି ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରତି ଭଲ ସମର୍ଥନ ରହେ, ତେବେ ପ୍ରମୁଖ ଦଳଗୁଡ଼ିକର ନିର୍ବାଚନୀ ଗଣିତ ବିଗିଡ଼ିପାରେ। ତେଣୁ ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକା ଏଥର ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ଦୀର୍ଘ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଜନୈତିକ ଉତ୍ସାହ ରହିଛି । କିନ୍ତୁ ଏହି ନିର୍ବାଚନ କେବଳ ଦଳୀୟ ପ୍ରତିଷ୍ଠାର ଲଢ଼େଇ ନହୋଇ ଛାତ୍ରଛାତ୍ରୀଙ୍କ ସମସ୍ୟା, ଶିକ୍ଷାର ଗୁଣବତ୍ତା, ଭିତ୍ତିଭୂମିର ବିକାଶ ଏବଂ କ୍ୟାମ୍ପସରେ ଶୃଙ୍ଖଳା ଭଳି ପ୍ରସଙ୍ଗକୁ ନେଇ ହେବା ଉଚିତ ବୋଲି ମତ ପ୍ରକାଶ ପାଉଛି ।

# ନିଶା କାରବାରରେ ଦୋଷୀକୁ ୩ବର୍ଷ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର ଜେଏମ୍‌ଏଫସି କୋର୍ଟ ବିଚାରପତି ବ୍ରଜେଶ ମିଶ୍ର ଏକ ବେଆଇନ ନିଶା କାରବାର ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାଙ୍କୁ ୩ ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୩ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ବାହାଡ଼ାପଡ଼ା ଗ୍ରାମର କରୁଣା ମିର୍ଦ୍ଧା(୩୭) ଗତ ୨୮ ସେପ୍ଟେମ୍ବର, ୨୦୨୪ ମସିହାରେ ଏକ ସ୍କୁଟି ଗାଡି ଯୋଗେ ବେଆଇନ ଭାବେ ମଦ ନେଉଥିବା ଖବର ପାଇ ଜିଲ୍ଲା ମୋବାଇଲ ଅବକାରୀ ଟିମ୍ ତାଙ୍କୁ ଅଟକାଇ ଥିଲା । ୫୩ ନମ୍ବର ଜାତୀୟ ରାଜପଥର ପି.ସି. ବ୍ରିଜ୍ ନିକଟରେ ଯାଞ୍ଚବେଳେ ପ୍ରାୟ ୩୦ ଲିଟର ଦେଶୀ ମଦ ଜବତ ହୋଇଥିଲା । କୌଣସି ବୈଧ ଲାଇସେନ୍ସ କିମ୍ବା ବିନା ପରମିଟ୍‌ରେ ଏହି ମଦ ଚାଲାଣ କରୁଥିବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ତେବେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ) ଅନୁଯାୟୀ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ଟିକେଶ୍ୱର ପ୍ରଧାନ, ଶୁଭମ୍ ଅଗ୍ରୱାଲ ଓ ମହେଶ ମୁନସୀ ପରିଚାଳନା କରୁଥିଲେ।

# ଜିଏମୟୁରେ ୨୮ ପ୍ରାର୍ଥୀପତ୍ର କାଏମ

ସମ୍ବଲପୁର, (ସବ୍ୟୁ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ଚଳିତ ଛାତ୍ର ସଂସଦ ନିର୍ବାଚନ ୨୦୨୬-୨୭ ପରୋକ୍ଷ ନିର୍ବାଚନ ପଦ୍ଧତିରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ଶୁକ୍ରବାର ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପତ୍ର ଦାଖଲ ଓ ଯାଞ୍ଚ ପରେ ଚୂଡ଼ାନ୍ତ ବୈଧ ପ୍ରାର୍ଥୀ ତାଲିକା ପକାଶ ପାଇଛି । ପ୍ରକାଶିତ ତାଲିକାରେ ୨୮ ଜଣଙ୍କ ପ୍ରାର୍ଥୀତ୍ୱ କାଏମ ଥିବା ଜଣାପଡ଼ିବ । ଜିଏମୟୁରେ ଛାତ୍ର ସଂସଦ ନିର୍ବାଚନ ସକାଶେ ଘୋଷିତ ମୋଟ ୨୧ଟି ବିଭିନ୍ନ ପଦବୀ ମଧ୍ୟରୁ ୧୯ଟି ପଦବୀ ପାଇଁ ମୋଟ ୩୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ(ପିଜି କାଉନସିଲ) ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ପଦବୀ ପାଇଁ ପ୍ରକାଶିତ ପ୍ରାର୍ଥୀମାନଙ୍କ ବୈଧ ତାଲିକା ଅନୁସାରେ ସଭାପତି ପଦବୀ ପାଇଁ ୩ ଜଣ ପ୍ରାର୍ଥୀ କରଣମୟ ସାହୁ, ପ୍ରିୟଭଦ୍ର ଏସ ପୃଷ୍ଟି ଏବଂ ସ୍ୱାଧୀନ କୁମାର ଆଚାର୍ଯ୍ୟଙ୍କ ପ୍ରାର୍ଥୀତ୍ୱ କାଏମ ରହିଛି । ଉପସଭାପତି ପଦବୀ ପାଇଁ ସଂକେତ ସାହୁ, ପ୍ରତ୍ୟାଶା ଧର ଓ ଯୋଗେନ୍ଦ୍ର କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ପଦବୀରେ ରାହୁଲ ମେହେର, ନିଖିଳ ଅଗ୍ରୱାଲ ଓ କିସ୍ଲୁ ପାଣ୍ଡେଙ୍କ ପ୍ରାର୍ଥୀତ୍ୱ କାଏମ ରହିଛି । ଏହା ବ୍ୟତୀତ ସହ ସାଧାରଣ ସମ୍ପାଦକ, ଆଥଲେଟିକ କ୍ଲବ, ସାଂସ୍କୃତିକ ପରିଷଦ, ବିଜ୍ଞାନ ସମାଜ, ଏବଂ ବିଭିନ୍ନ କମନ ରୁମ ସମ୍ପାଦକ ପଦବୀ ପାଇଁ ମଧ୍ୟ ବହୁ ପ୍ରାର୍ଥୀଙ୍କ ନାମ ତାଲିକାରେ ସ୍ଥାନ ପାଇଛି । ନାମାଙ୍କନ ନାକଚ ହୋଇ ପ୍ରାର୍ଥୀଙ୍କ କ୍ଷେତ୍ରରେ ଉପସ୍ଥାନ ଅଭାବ କାରଣରୁ ସେମାନଙ୍କର ପ୍ରାର୍ଥୀତ୍ୱ ରଦ୍ଦ ହୋଇଥିବା ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଶନିବାର ନାମାଙ୍କନ ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଏହି ପ୍ରକ୍ରିୟା ଶେଷ ହେବା କ୍ଷଣି ଚୂ ପ୍ରାର୍ଥୀ ତାଲିକା ଘୋଷିତ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ରାମପୁରରେ ଜିଲ୍ଲାସ୍ତରୀୟ ଖୋକୋ ଓ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ



ଏସ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ସ୍ଥିତ ରାମପୁର ହାଇସ୍କୁଲ ଖେଳପଡ଼ିଆରେ ରାମପୁର ହାଇସ୍କୁଲ ଏବଂ ଜିଲ୍ଲା ଶିକ୍ଷାବିଭାଗର ମିଳିତ ସହଯୋଗରେ ୨୦୨୬-୨୭ ବର୍ଷ ପାଇଁ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ଖୋକୋ-କବାଡି (୧୪ ଏବଂ ୧୭ ବର୍ଷରୁ କମ ବାଳକ ବାଳିକା ବିଭାଗ ) ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଉକ୍ତ କ୍ରୀଡା ମହୋତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ୬ ଗୋଟି ବ୍ଲକ ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା, ବୀରମହାରାଜପୁର, ସୋନପୁର ଏବଂ ତରଭା ବ୍ଲକର ୩୫୦ ଜଣ ଛାତ୍ରଛାତ୍ରୀଙ୍କ ସହ କ୍ରୀଡା ଶିକ୍ଷକ ଗଣ ଯୋଗଦେଇଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷାଅଧିକାରୀ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏ ଅବସରରେ ସମ୍ମାନିତ ଅତିଥି ଭାବରେ ଡ଼ିଏସଏସ ଅମ୍ଳାନ ପାଣ୍ଡିଆ, ବିଦ୍ୟାଳୟ ପିଏସଏସ ସଭାପତି ଉମେଶ ପୂଜାରୀ, ସ୍ଥାନୀୟ ସରପଞ୍ଚ ମନୋଜ ପୁରୋହିତ, ରାମପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱନାଥ ମେହେର, ରାମପୁର ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୋସିଆ ଛତ୍ରିଆ,ଏସଏମସି ସଭାପତି ବିଶେଶ୍ୱର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ତେବେ ବାଳକ ବିଭାଗ ୧୪ ବର୍ଷରୁ କମ କବାଡିରେ ସୋନପୁର ବ୍ଲକ ବିଜେତା ହୋଇଥିବା ବେଳେ ବିନିକା ବ୍ଲକ ଉପବିଜେତା, ଏବଂ ବାଳିକା ବିଭାଗରେ ଉଲୁଣ୍ଡା ବ୍ଲକ ବିଜେତା ଏବଂ ଡୁଙ୍ଗୁରିପାଲି ବ୍ଲକ ଉପବିଜେତା ଘୋଷିତ ହୋଇଥିଲେ । ତେବେ ୧୪ ବର୍ଷରୁ କମ ବାଳକ ବିଭାଗ ଖୋକୋର ସୋନପୁର ବ୍ଲକ ବିଜେତା ହୋଇଥିବା ବେଳେ ବିନିକା ବ୍ଲକ ଉପବିଜେତା ଏବଂ ବାଳିକା ବିଭାଗରେ ସୋନପୁର ବ୍ଲକ ବିଜେତା ଏବଂ ତରଭା ବ୍ଲକ ଉପବିଜେତା ଘୋଷିତ ହୋଇଥିଲେ । କ୍ରୀଡାମହୋତ୍ସବର ପ୍ରଥମ ଦିବସର ଉଦଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ରାମପୁର ଅତିରିକ୍ତ ତହସିଲଦାର ବିଶ୍ୱମ୍ଭର ପାଣ୍ଡେ,ଅତିରିକ୍ତ ତହସିଲଦାର ରୋହିତ କୁମାର ବାଗ, ରାମପୁର ଆଇଆଇସି ବିନୋଦିନୀ ବରିହା ପ୍ରମୁଖ ଯୋଗଦେଇ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ମଞ୍ଚ ପରିଚାଳନାରେ କ୍ରୀଡା ଶିକ୍ଷକ ସଞ୍ଜିବ ସାହୁ, କ୍ରୀଡା ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ଶିକ୍ଷକ ବିଶ୍ୱାସମ୍ରାଟ ଭୋଇ,ଶିକ୍ଷକ ସୁଧୀର ଗଡତିଆ ପ୍ରମୁଖ ସହଯୋଗ କରିଥିବା ବେଳେ ଜିଲ୍ଲାରୁ ଆସିଥିବା ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ କବାଡି ଏବଂ ଖୋକୋ ଖେଳ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ପାଇଁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୂର୍ଯ୍ୟନାରାୟଣ ପଟ୍ଟନାୟକ,ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ପୂଜାରୀ, ଇତିଶ୍ରୀ ପାଣ୍ଡେ,ମଧୁସ୍ମିତା ମେହେର, ମାମିନା ସାହୁ, ରିଙ୍କୁ ମେହେର, ମନବୋଧ ମୁଖୀ, ବିଦ୍ୟାଳୟର ସ୍କାଉଟ ଗାଇଡ଼ ଛାତଛାତ୍ରୀ ତଥା ପୂର୍ବତନ ଛାତ୍ରଛାତ୍ରୀ, କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ବଳଦେବ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଯମୁନା ପାହାଡ଼ରେ ଡଙ୍ଗରବୁଢ଼ା ମନ୍ଦିର ନିର୍ମାଣ ନେଇ ଶୁଭାରମ୍ଭ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ମୌଜାରେ ଥିବା ପ୍ରାଚୀନ ଶ୍ରୀ ଡଙ୍ଗରବୁଢ଼ା ମନ୍ଦିର ନିର୍ମାଣ ପାଇଁ ବାରପାଲି ହଳଦୀ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି। ବାରପାଲି ହଳଦୀର ଉମୁରା ସ୍ୱର୍ଗତ ଦ୍ୱିତୀକୃଷ୍ଣ ସିଂ ଭୋଇଙ୍କ ଧର୍ମପତ୍ନୀ ଦମୟନ୍ତୀ ସିଂ ଭୋଇଙ୍କ ଆହ୍ୱାନକ୍ରମେ ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ମନ୍ଦିର ନିର୍ମାଣ କାମଟି ଆରମ୍ଭ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଯମୁନା ଡଙ୍ଗରବୁଢ଼ା ପାହାଡଟି ଶହେ ଏକର ପରିମିତ ଜମିରେ ଏକ ମନୋରମ ପ୍ରାକୃତିକ ପରିବେଶରେ ଅବସ୍ଥିତ ଥିବାରୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯିବାକୁ ବାରମ୍ବାର ଦାବୀ ହେଉଛି ।

ରାଜାରାଜୁଡ଼ା ଅମଳରୁ ପ୍ରତିବର୍ଷ ଦଶହରା ମାସରେ ଏଠାରେ ଡଙ୍ଗରବୁଢ଼ାଙ୍କ ପୂଜାର୍ଚ୍ଚନା ସହ ଭବ୍ୟ ମେଳା ଅନୁଷ୍ଠିତ ହୋଇଥାଏ । ଏହି ପାହାଡ଼ରେ ଥିବା ଏକ ଐତିହାସିକ ଗୁମ୍ଫାରେ ଡଙ୍ଗରବୁଢ଼ାଙ୍କୁ ଆଦିମ କନ୍ଧ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ । ଏହି ଦିନ ବହୁ ସଂଖ୍ୟାରେ ଭକ୍ତମାନେ ଦୂର ଦୂରାନ୍ତରୁ ଆସି ସେମାନଙ୍କ ମାନସିକ ପୂରଣ ହେବା ପାଇଁ ବୋଦା,ମେଣ୍ଢା, କୁକୁଡ଼ା ଆଦି ବଳି ଦେଇଥାନ୍ତି। ଫଳରେ ପିଠଟି ରକ୍ତରଞ୍ଜିତ ହୋଇଯାଇଥାଏ।ଏହି ଗୁମ୍ଫା ନିକଟରେ ଏକ ଭବ୍ୟ ନୂତନ ଡଙ୍ଗରବୁଢ଼ା ମନ୍ଦିର ନିର୍ମାଣ ପାଇଁ ଅଞ୍ଚଳବାସୀ ନିଜ ନିଜର ସାଧ୍ୟମତେ ଚାନ୍ଦା ଆଦାୟ କରି ଏହି ମନ୍ଦିର ନିର୍ମାଣ କାମ କରିବା ପାଇଁ ଆଗେଇ ଆସିଛନ୍ତି । ଏହି ମନ୍ଦିର ନିର୍ମାଣ ଶୁଭ କାର୍ଯ୍ୟରେ ଦମୟନ୍ତୀ ସିଂ ଭୋଇଙ୍କ ସହ ରମେଶ ଭୋଇ, ସଂକୀର୍ତ୍ତନ୍ୟ ଶିକା,ଡ ପୂର୍ଣ୍ଣାନନ୍ଦ କମ୍ପ,ପୂର୍ବ ସରପଞ୍ଚ ହୃଷିକେଶ ବାଗ, ଶେଷଦେବ ପୁଟେଲ, ଗାନ୍ଧୀଲାଲ ମହାକୁର, ହରେକୃଷ୍ଣ ସାହୁ, ସାରଥୀ ହାତୀ, କନ୍ଦର୍ପ ଶିକା, ବସନ୍ତ ପଧାନ, ନବୀନ କୁମାର ତାଣ୍ଡି,ବିଷ୍ଣୁପ୍ରସାଦ ସିଂ ଭୋଇ, ମାଣିଙ୍ଗ ଚନ୍ଦ୍ର ବନଛୋର୍ ଓ ଲୋକନାଥ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଐତିହାସିକ ଗୁମ୍ଫାର ପୁନରୁଦ୍ଧାର, ନୂତନ ଭବ୍ୟ ମନ୍ଦିର ନିର୍ମାଣ ସହ ପାହାଡ଼ର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଆହୁରି ଅଧିକ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

# ଶୌଚ ଯିବା ହେଲା କାଳ : ହାତୀ ଆକ୍ରମଣରେ ମହିଳା ମୃତ

ସମ୍ବଲପୁର,(ସବ୍ୟୁ) : ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ କୁଚିଣ୍ଡା ଏନଏସି ୧୦ ନଂ ୱାର୍ଡ ସଇଡାର ଅଞ୍ଜଳି କୁସୁମ(୪୬) ବୋଲି ଜଣାପଡିଛି । ଶୁକ୍ରବାର ଭୋର ୫ଟାରେ ସେ ଶୌଚ ପାଇଁ ନିକଟସ୍ଥ ନଦୀକୁ ଯାଇଥିଲେ। ସେହି ସମୟରେ ୬ଟିକିଆ ହାତୀପଲ ସାମ୍ନାରେ ପଡି ଯାଇଥିଲେ । ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତୁ୍ୟ ହୋଇଥିଲା । ଖବର ପାଇ କୁଚିଣ୍ଡା ରେଞ୍ଜର ଲେଖାରାଣୀ ମହାନନ୍ଦ ଓ ଥାନା ଅଧିକାରୀ ରାଧାକାନ୍ତ ବାରିକ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏନେଇ ପୋଲିସ ପକ୍ଷରୁ ୩୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ କୁଚିଣ୍ଡାରେ ଗସ୍ତରେ ଥିବା ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ ଭାମୁ, ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ରେଡକ୍ରସରୁ ୨୦ ହଜାର ଓ ମନ୍ତ୍ରୀଙ୍କ ପକ୍ଷରୁ ୧୦ ହଜାର ସହାୟତା ଦିଆଯାଇଛି । ବନ ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କା ତୁରନ୍ତ ଦିଆଯାଇଥିବା ବେଳେ ମାସକ ମଧ୍ୟରେ ୯ ଲକ୍ଷ ଦିଆଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ, ଗୁରୁବାର ରାତିରେ ହାତୀପଲ କୁଚିଣ୍ଡା ସହର ଓ ପତ୍ରାପାଲିରେ ୫ଟି ଘର ଭାଙ୍ଗି ଫସଲ ନଷ୍ଟ କରିଥିଲା । ଏବେ ହାତୀମାନେ ହିଂସ୍ର ହୋଇ ଗଛ ଡାଳ ଦ୍ୱାରା ଡ୍ରୋନ କ୍ୟାମେରା ମଧ୍ୟ ଭାଙ୍ଗି ଦେଇଥିବା ଜଣାପଡିଛି ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପାଇଁ ବୈଧ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୋଷ୍ଟ ଗ୍ରାଜୁଏଟ କାଉନସିଲ ପକ୍ଷରୁ ଆଜି ଛାତ୍ରସଂସଦ ନିର୍ବାଚନ ୨୦୨୬-୨୭ ନିମନ୍ତେ ମନୋନୟନ ପତ୍ର ଯାଞ୍ଚ ପରେ ବୈଧ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ସଭାପତି ପଦବୀ ପାଇଁ ଜଗନ ପ୍ରଧାନ ଓ ସୁଦର୍ଶନା ସୁନାଙ୍କ ନାମ ରହିଛି । ଉପସଭାପତି ପଦବୀ ପାଇଁ କେହି ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି । ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ସୌରଭ କୁମାର ନାୟକ ଏବଂ ରାଜୁ କର୍ମୀଙ୍କ ନାମ ତାଲିକାରେ ରହିଛି । ଏହି ବିଜ୍ଞପ୍ତି ଅନୁସାରେ ବିଭିନ୍ନ ପଦବୀ ଯଥା ସହ ସମ୍ପାଦକ, ମ୍ୟାଗାଜିନ ସମ୍ପାଦକ, ବିଭିନ୍ନ ଫ୍ୟାକଲ୍ଟିର ଏଡିଟର୍, ଆଥଲେଟିକ କ୍ଲବ ଏବଂ କଲଚରାଲ ସୋସାଇଟିର ସମ୍ପାଦକ ତଥା ପ୍ରତିନିଧି ପଦବୀ ଗୁଡ଼ିକ ପାଇଁ ପ୍ରାର୍ଥୀମାନଙ୍କର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ବୈଧ ପ୍ରାର୍ଥୀଙ୍କ ତାଲିକା ଜାରି କରାଯାଇଛି । ବିଶ୍ୱବିଦ୍ୟାଳୟର ସୂଚନା ପ୍ରଦାନକାରୀ କେନ୍ଦ୍ର ଏବଂ ନୋଟିସ ବୋର୍ଡରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବା ନେଇ ପି.ଜି. କାଉନସିଲ ଅଧ୍ୟକ୍ଷ ତଥା ରିଟର୍ଣ୍ଣିଂ ଅଫିସର ସୂଚନା ଦେଇଛନ୍ତି ।

# ଦୋକାନରୁ ଝୁଲନ୍ତା ଶବ ଉଦ୍ଧାର

ରାଜଗାଙ୍ଗପୁର,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁନମୁରୁ ପଞ୍ଚାୟତ ସଂଲଗ୍ନ ୧୦ ନମ୍ବର ରାଜ୍ୟ ରାଜ ପଥ କଡରେ କୁନମୁର ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରୁ ବାବା ସପ ଚାହା ଦୋକାନରୁ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୋଲିସ । ମୃତ ବ୍ୟକ୍ତି ଜୈନକ ରାଜଗାଙ୍ଗପୁର ପୌରାଞ୍ଚଳର ବାଣ୍ଟୁପଡା ନିବାସୀ ସନତ ମହାନନ୍ଦିଆ ବୋଲି ଜଣାପଡିଛି । ଖବର ପାଇ ରାଜଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଜୈନକ ବ୍ୟକ୍ତିଙ୍କ ଶବ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆ ଯାଇଥିଲା । ତେବେ ପ୍ରାପ୍ତ ସୂଚନା ଅନୁଯାୟୀ କୌଣସି କାରଣରୁ ଶବ ବ୍ୟବଛେଦ ହୋଇ ନ ପାରିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବ ଗୃହରେ ରଖା ଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରା ଯାଇଛି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଏହାର ତଦନ୍ତ ଜାରି ରଖିଛି।

## ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ

# ୧୦ ପଦବୀ ପାଇଁ ୧୮ଜଣ ନାମାଙ୍କନ ଦାଖଲ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ୨୦୨୬-୨୦୨୭ ଶିକ୍ଷାବର୍ଷର ଛାତ୍ର ସଂସଦ ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ପତ୍ର ଯାଞ୍ଚ ପରେ ବୈଧ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧକ୍ଷ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଛି । ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଏବଂ ଲିଙ୍ଗଡୋ କମିଟିର ମାର୍ଗଦର୍ଶିକା ଅନୁଯାୟୀ ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀ ମାନଙ୍କର ନାମାଙ୍କନ ପତ୍ର ଯାଞ୍ଚ କରାଯାଇଥିଲା । ଏଥିରେ ଆକାଂକ୍ଷା ଅଗ୍ରଜା ଭୋଇ, ଆୟୁଷୀ ମିଶ୍ର ଏବଂ ସୁଜ୍ଞାନୀ ମହାକୁର ସଭାପତି, ବିଷ୍ଣୁପ୍ରିୟା ରଣା ଉପସଭାପତି ଏବଂ ସାଧାରଣ ସମ୍ପାଦକ ପଦବୀ ପାଇଁ ଭୂମିକା ଗହିର, ପାୟଲ ଧଳ ଓ ସପ୍ନା ସାହୁଙ୍କ ନାମ ତାଲିକାରେ ସ୍ଥାନ ପାଇଛି । ସୁକୀର୍ତ୍ତି ପୁରୋହିତ ସହକାରୀ ସାଧାରଣ ସମ୍ପାଦକ, ଅନନ୍ୟା ସାହୁ, ଅର୍ଚ୍ଚିକା ପ୍ରିୟଦର୍ଶିନୀ ପଣ୍ଡା ଓ ସତ୍ୟଭାମା ରଣା ନାଟ୍ୟ ସମିତି, ଭାଗ୍ୟଶ୍ରୀ ଡାଲୁଆ ଓ ଲାବନ୍ୟା ଗଡନାୟକ ଆଥଲେଟିକ୍ ସମିତି, ମୁସ୍କାନ ଖାତୁନ ଓ କବିତା ଷଣ୍ଢ ଗାର୍ଲସ କମନ୍ ରୁମ୍, ଭାଗ୍ୟଶ୍ରୀ ଜେଯାତି ସାହୁ ଅଣ ଆବାସିକ ଛାତ୍ର ସମ୍ପାଦକ, ଅନ୍ୱେଷା ସାହୁ ସାହିତ୍ୟ ସମିତି ଏବଂ ଗ୍ରେସୀ ବେହେରା ବିଜ୍ଞାନ ସମିତିର ପଦବୀ ନାମ ଘୋଷଣା କରାଯାଇଛି । ନିର୍ବାଚନ ଆଚରଣବିଧିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ପ୍ରାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି। ତେବେ ୧୦ଟି ପଦବୀ ପାଇଁ ୧୮ଜଣଙ୍କ ନାମ ବୈଧ ତାଲିକାରେ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଆସନ୍ତା ୧୦ରେ ନାମାଙ୍କନ ପ୍ରତ୍ୟାହାର, ୧୪ରେ ହ୍ୱାଏ ଆଇ ଷ୍ଟାଣ୍ଡଫର ମିଟିଂ ଓ ୧୫ରେ କ୍ୟାମ୍ପସରେ ଭୋଟ ଗ୍ରହଣ ସହ ଫଳାଫଳ ପ୍ରକାଶ ପାଇବ। ଏହାପରେ ୧୬ରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରହିଛି ।

# କାମ୍ପା ଯୋଜନାରେ ଚାରାରୋପଣ ନାଁରେ ଅନିୟମିତତା !

ସିନାପାଲି,(ସବ୍ୟୁ) : ସବୁଜିମା ବୃଦ୍ଧି ଓ ଜଙ୍ଗଲ ସୁରକ୍ଷା ପାଇଁ ସରକାର ବନ ବିଭାଗ ମାଧ୍ୟମରେ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ତେବେ ସେହି ଅର୍ଥରେ ବାସ୍ତବରେ କେତେ ଚାରା ରୋପଣ ହେଉଛି ଏବଂ ଚାରାର ଯତ୍ନ ନିଆଯାଉଛି କି ନାହିଁ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି । ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଅଧୀନ ସିନାପାଲି ବନାଞ୍ଚଳର ଘାଟମାଳ ସେକ୍ସନ ଅନ୍ତର୍ଗତ ବୈଜଳପୁର ବିଟ୍ରେ କାମ୍ପା ଯୋଜନାରେ ଚାରାରୋପଣ କାର୍ଯ୍ୟକୁ ନେଇ ଏଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି ।

ଅଭିଯୋଗ ଅନୁଯାୟୀ, ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୩୦ ହେକ୍ଟର ଅଞ୍ଚଳରେ ୧୫ ହଜାର ବିଭିନ୍ନ ପ୍ରଜାତିର ଚାରା ରୋପଣ ପାଇଁ କାମ୍ପା ଯୋଜନାରେ ଅର୍ଥ ମଞ୍ଜୁର ହୋଇଥିଲା। ଚାରା ରୋପଣ ପାଇଁ ଗାତ ଖୋଳିବା, ଶ୍ରମିକ ନିୟୋଜନ, ଚାରା ରୋପଣ ଓ ପରବର୍ତ୍ତୀ ଯତ୍ନ ପାଇଁ ମଧ୍ୟ ଯୋଜନାରେ ବ୍ୟବସ୍ଥା ରହିଥିବା କୁହାଯାଉଛି । ମାତ୍ର ଅଭିଯୋଗ ହେଉଛି, ହଜାର ହଜାର ଚାରା ଗାଡ଼ିରେ ଆଣିବା ପରେ ସେଗୁଡ଼ିକୁ ଯୋଜନା ଅନୁଯାୟୀ ରୋପଣ କରାନଯାଇ ବିଭିନ୍ନ ସ୍ଥାନରେ ଫିଙ୍ଗି ଦିଆଯାଇଥିବା ଦୃଶ୍ୟ ଦେଖାଯାଇଛି । କେତେକ ଚାରା ଜଙ୍ଗଲ ଭିତରେ ଥିବା ଖାଲଖମା, ନାଳ ଓ ଅନ୍ୟାନ୍ୟ ସ୍ଥାନରେ ପଡ଼ିରହିଥିବା ବେଳେ ପ୍ଲାଷ୍ଟିକ ଜରି ଭିତରେ ଥିବା ଚାରା ଶୁଖି ନଷ୍ଟ ହେଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେତେକ ସ୍ଥାନରେ ଅଳ୍ପ ସଂଖ୍ୟକ ଚାରା ରୋପଣ କରି ତାହାର ଫଟୋ ଉଠାଯାଉଛି । ପରେ ସେହି ଫଟୋକୁ ଆଧାର କରି କାର୍ଯ୍ୟ ସମ୍ପାଦନର ପ୍ରମାଣ ଦର୍ଶାଯାଉଥିବା ଅଭିଯୋଗ ରହିଛି । ତେବେ ପ୍ରଶ୍ନ ଉଠୁଛି ୩୦ ହେକ୍ଟର ଜମିରେ ନିର୍ଦ୍ଧାରିତ ୧୫ ହଜାର ଚାରା ମଧ୍ୟରୁ ପ୍ରକୃତରେ କେତେ ଚାରା ରୋପଣ ହୋଇଛି ? କେତେ ଚାରା ବଞ୍ଚିଛି ? ଏବଂ କେତେ ଚାରା ନଷ୍ଟ ହୋଇଛି । ଏହା ସହିତ ଚାରା କ୍ରୟ, ପରିବହନ, ଗାତ ଖୋଳା, ରୋପଣ, ଶ୍ରମିକ ମଜୁରି ଓ ଚାରାର ରକ୍ଷଣାବେକ୍ଷଣ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ତାହାର ମଧ୍ୟ ସ୍ୱଚ୍ଛ ହିସାବ ସାର୍ବଜନୀନ କରିବାକୁ ଦାବି ହେଉଛି । ଘଟଣାକୁ ନେଇ ସ୍ଥାନୀୟ ଜନସାଧାରଣ ଓ ପରିବେଶପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ (ଡ଼ିଏଫଓ) ସହ ଯୋଗାଯୋଗ କରାଯାଇଥିବା ବେଳେ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଯାଞ୍ଚ କରାଯିବ ବୋଲି ସେ ସୂଚନା ଦେଇଥିଲେ । ସେହିପରି ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ଯୋଶୀଙ୍କ(ଆରସିସିଏଫ)ପକ୍ଷରୁ ମଧ୍ୟ ଘଟଣାର ଯାଞ୍ଚ କରାଯାଇ ଯଦି କୌଣସି ବନ କର୍ମଚାରୀ କିମ୍ବା ଫରେଷ୍ଟରଙ୍କ ସମ୍ପୃକ୍ତି ପ୍ରମାଣିତ ହୁଏ, ତେବେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି ।

# ସମ୍ପାଦକୀୟ

## ‘ଓଡ଼ିଶା ବନ୍ଦ’ ଡାକରାରୁ ବିଜେଡି ଓହରିଲା କାହିଁକି ?

ଓଡ଼ିଶାରେ ଗତ ଅକ୍ଟୋବର ୮ ତାରିଖରେ ‘ଓଡ଼ିଶା ବନ୍ଦ’ କାର୍ଯ୍ୟକ୍ରମରେ କଂଗ୍ରେସ ଓ ଇଣ୍ଡିମେଣ୍ଟ ଏକତ୍ର ଭାଗ ନେଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବିଜେଡି ଏହି ବନ୍ଦ ଡାକରାକୁ ସମର୍ଥନ କରି ସେଥିରୁ ଓହରି ଯିବାର କାରଣ କ’ଣ ବୋଲି ରାଜ୍ୟର ସାଧାରଣ ଓ ସଚେତନ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି । ରାଜନୀତିକ ଦଳଗୁଡ଼ିକ ଏ ବିଷୟରେ ସ୍ପଷ୍ଟ କିଛି କହି ନାହାନ୍ତି । ଯଦିଓ ରାଜନୀତିକ ଢଙ୍ଗରେ ପରସ୍ପରକୁ ଦୋଷାରୋପ କରା ଯାଇଛି, ତଥାପି ଏହାର ଉତ୍ତର ଏ ଯାଏଁ ସ୍ପଷ୍ଟ ଭାବେ ଜଣା ପଡ଼ିନାହିଁ । ଏପରିକି ବିରୋଧୀ ଦଳର ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ବିଷୟରେ ସ୍ପଷ୍ଟ କିଛି ସୂଚନା ଦେଇ ନାହାନ୍ତି । ବିଜେଡି ଦଳର କେତେକ ପୁରୁଖା ନେତା ମଧ୍ୟ ଏ ବିଷୟରେ ମୁହଁ ଖୋଲି ନାହାନ୍ତି । ଶାସକ ବିଜେପି ଦଳର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏ ବିଷୟରେ କିଛି କହିଥିଲା ପରି ମନେ ହେଉନାହିଁ । ଦଳର ରାଜ୍ୟ ଶାଖା ସଭାପତି ମନମୋହନ ସାମଲ ବିଜେଡି ବିରୋଧରେ ରାଜନୀତିକ ଦୃଷ୍ଟିରୁ ଅନେକ କଥା କହିଥିଲେ ମଧ୍ୟ, ଏ ବିଷୟରେ ତାଙ୍କଠାରୁ ସ୍ପଷ୍ଟ ଉତ୍ତର ମିଳି ପାରି ନାହିଁ ।

> **ବିଜେଡି ରାଜ୍ୟରେ ଏକ ବଡ଼ ବିରୋଧୀ ଦଳ ହୋଇଥିବାରୁ ଏତେ ଛୋଟ କଂଗ୍ରେସ ଦଳ ସହିତ ମିଶି ‘ଓଡ଼ିଶା ବନ୍ଦ’ର ସମର୍ଥନ ପ୍ରସ୍ତାବକୁ ନବୀନ ବାବୁ ହୁଏତ ନାପସନ୍ଦ କରିଛନ୍ତି । ମାତ୍ର ବିଜେଡି ପକ୍ଷରୁ ନବୀନ ବାବୁ ବନ୍ଦ ଡାକରା ପ୍ରସ୍ତାବ ଦେଇଥିଲେ ଯଦି କଂଗ୍ରେସ ତାଙ୍କୁ ସମର୍ଥନ ଜଣାଇଥା’ନ୍ତା, ତାହେଲେ ଏ ବନ୍ଦ ହୁଏତ ଆହୁରି ଜୋରଦାର ହୋଇଥା’ନ୍ତା । ଓଡ଼ିଶାବାସୀଙ୍କ ଉପରେ ଅଧିକ ପ୍ରଭାବ ମଧ୍ୟ ପଡ଼ିଥା’ନ୍ତା । ମାତ୍ର ତାହା ହେଲା ନାହିଁ ।... ରାଜ୍ୟରେ ବିରୋଧୀ ଦଳ ମଧ୍ୟରେ ଫାଟ ଥିବାରୁ ଶାସକ ବିଜେପି ଦଳ ସେଥିରୁ ଫାଇଦା ଉଠାଉଥିବା ଲକ୍ଷ୍ୟ କରାଯାଉଛି ।**

ଓଡ଼ିଶାରେ ଶାସକ ବିଜେପି ଦଳକୁ ବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଯେପରି ବିରୋଧ କରିବା କଥା ଅନେକ ସମୟରେ କରୁଛନ୍ତି । ମାତ୍ର ତାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ଏତେ ବେଶୀ ପଡୁଥିବା ପରି ମନେ ହେଉ ନାହିଁ । ଅବଶ୍ୟ ମୋଦିଜୀଙ୍କ ନିର୍ଦ୍ଦେଶରେ ରାଜ୍ୟର ବିଜେପି ଦଳ ଚାଲିଥିବାରୁ ରାଜ୍ୟର ଶାସକ ଦଳ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇ ପାରି ନାହିଁ ବୋଲି କୁହାଯାଇ ପାରିବ । ସଂଶୋଧିତ ଏମ୍.ଏମ୍.ଡି.ଆର ଆଇନ ୨୦୨୬କୁ କେନ୍ଦ୍ରରେ ବିରୋଧୀ କଂଗ୍ରେସ ଦଳ ଓ ଇଣ୍ଡିମେଣ୍ଟ ବିରୋଧ କରି ଆସୁଥିବାରୁ ନବୀନ ବାବୁ ମଧ୍ୟ ତାହାକୁ ବିରୋଧ କରୁଛନ୍ତି । ସେହିପରି ସ୍ୱତନ୍ତ୍ର ସଘନ ସଂଶୋଧନ ବ୍ୟବସ୍ଥା ଜରିଆରେ ଭୋଟର ତାଲିକାରୁ ବହୁ ଭୋଟଦାତାଙ୍କ ନାମ କଟିଯିବା କିମ୍ବା ଫର୍ମ ୬କୁ ଲାଗୁ କରାଯିବା ଘଟଣାକୁ କେନ୍ଦ୍ରର ବିରୋଧୀ ଦଳମାନେ ବିରୋଧ କରିବାରୁ ନବୀନ ବାବୁ ତାକୁ ମଧ୍ୟ ବିରୋଧ କରିଛନ୍ତି ।

ମାତ୍ର କଂଗ୍ରେସ ଦଳ ବା ଇଣ୍ଡିମେଣ୍ଟର ‘ଓଡ଼ିଶା ବନ୍ଦ’ ଡାକରାକୁ ନବୀନ ବାବୁ ସମର୍ଥନ କରି ପରେ ସେଥିରୁ ଓହରି ଯିବାର କାରଣ କ’ଣ ? ଏହାର କାରଣ ରାଜ୍ୟରେ କଂଗ୍ରେସ ଦଳ ସମ୍ଭବତଃ ସଂଗଠିତ ନୁହେଁ ବୋଲି ସେ ଭାବୁଛନ୍ତି । ବିଧାନସଭାରେ ମଧ୍ୟ କଂଗ୍ରେସ ଦଳର ବେଶୀ ସଂଖ୍ୟା ନାହିଁ । ମାତ୍ର ୧୧ ଜଣ ବିଧାୟକ ଅଛନ୍ତି । ଗତ ରାଜ୍ୟସଭା ନିର୍ବାଚନବେଳେ କ୍ରସ୍ ଭୋଟିଂ ଯୋଗୁଁ ତିନିଜଣ ବିଧାୟକଙ୍କୁ ଦଳ ନିଲମ୍ବିତ କରିଥିଲା । ଯଦିଓ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କଂଗ୍ରେସ ଦଳର କିଛିଟା ପ୍ରଭାବ ରହିଛି, ତଥାପି ଏହାର ପ୍ରାଦେଶିକ ସଭାପତି ଭକ୍ତ ଦାସ ସମସ୍ତଙ୍କୁ ସାଙ୍ଗରେ ନେଇ ପାରୁ ନାହାନ୍ତି ବୋଲି ଅଭିଯୋଗ ମଧ୍ୟ ହେଉଛି । ବିଜେଡି ରାଜ୍ୟରେ ଏକ ବଡ଼ ବିରୋଧୀ ଦଳ ହୋଇଥିବାରୁ ଏତେ ଛୋଟ କଂଗ୍ରେସ ଦଳ ସହିତ ମିଶି ‘ଓଡ଼ିଶା ବନ୍ଦ’ର ସମର୍ଥନ ପ୍ରସ୍ତାବକୁ ନବୀନ ବାବୁ ହୁଏତ ନାପସନ୍ଦ କରିଥିବେ । ବିଜେଡି ପକ୍ଷରୁ ନବୀନ ବାବୁ ବନ୍ଦ ଡାକରା ପ୍ରସ୍ତାବ ଦେଇଥିଲେ ଯଦି କଂଗ୍ରେସ ତାଙ୍କୁ ସମର୍ଥନ ଜଣାଇଥା’ନ୍ତା, ତାହେଲେ ଏ ବନ୍ଦ ହୁଏତ ଆହୁରି ଜୋରଦାର ହୋଇଥା’ନ୍ତା । ଓଡ଼ିଶାବାସୀଙ୍କ ଉପରେ ତାହାର ଅଧିକ ପ୍ରଭାବ ମଧ୍ୟ ପଡ଼ିଥା’ନ୍ତା । ଅଥଚ ତାହା ହେଲା ନାହିଁ । କଂଗ୍ରେସର ‘ଓଡ଼ିଶା ବନ୍ଦ’ ଡାକରାରେ ଅନ୍ୟ କୌଣସି ଆଖିଦୃଶିଆ ବିରୋଧୀ ଦଳ ସାମିଲ ହୋଇ ନଥିଲେ । ନିର୍ବାଚନ ରାଜନୀତିରେ କଂଗ୍ରେସ ପଛରେ ପଡ଼ିଥିଲେ ମଧ୍ୟ ସମଗ୍ର ଓଡ଼ିଶାରେ କଂଗ୍ରେସର ସ୍ଥିତିକୁ ଅସ୍ୱୀକାର କରାଯାଇ ନପାରେ । ସେଥିଯୋଗୁଁ ‘ଓଡ଼ିଶା ବନ୍ଦ’ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇ ନଥିଲେ ମଧ୍ୟ ଆଂଶିକ ସଫଳ ହୋଇଥିବା ପରିଲକ୍ଷିତ ହୋଇଥିଲା । ଯାହା ମନେ ହେଉଛି–ରାଜ୍ୟରେ ବିରୋଧୀ ଦଳ ମଧ୍ୟରେ ଫାଟ ଥିବାରୁ ଶାସକ ବିଜେପି ଦଳ ସେଥିରୁ ଫାଇଦା ଉଠାଉଥିବା ଲକ୍ଷ୍ୟ କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ଆଜିର ଅନୁଚିନ୍ତା :

# କଲେଜ ନିର୍ବାଚନ,ଗଣତନ୍ତ୍ରର ପ୍ରଥମ ପାଠଶାଳା



ରତ୍ନାକର ରାଉତ

ଅନେକ ଅଭିଭାବକଙ୍କ ମନରେ ପ୍ରଶ୍ନ ଉଠେ କଲେଜ ନିର୍ବାଚନ କାହିଁକି? କଲେଜ ନିର୍ବାଚନ ନ ହେଲେ କଣ ହେବ? ଏମିତି ନାନା ପ୍ରଶ୍ନ ଓ ତଦ୍‌ଜନିତ ଆଶଙ୍କା ଅଭିଭାବକଙ୍କ ମନରେ ସୃଷ୍ଟି ହୁଏ । ଏହାର ଉତ୍ତର ଦେବାକୁ ଯାଇ ଏ ପ୍ରବନ୍ଧର ପରିକଳ୍ପନା ।

ଆଜିର ଛାତ୍ର ଆସନ୍ତାକାଲି ଦେଶର ଭବିଷ୍ୟତ । ଦେଶକୁ ଚଳେଇବା ଓ ଦେଶ ଗଢ଼ିବାର ଗୁରୁଦାୟିତ୍ୱ ସେମାନଙ୍କ କାନ୍ଧରେ ପଡ଼ିବ । ତେଣୁ ଏବେଠୁ ସେମାନଙ୍କୁ ସେ ଦିଗରେ ପ୍ରସ୍ତୁତ କରିବା ଅର୍ଥାତ ଆଗାମୀ ପିଢ଼ିକୁ ତିଆରି କରିବା ପାଇଁ ବର୍ତ୍ତମାନର ପିଢ଼ି ତାଙ୍କ ପାଇଁ ସବୁ ବ୍ୟବସ୍ଥାର ପ୍ରାବଧାନ କରିବା ଅତ୍ୟନ୍ତ ଜରୁରୀ । ଆମର ପୂର୍ବପୁରୁଷମାନେ ଏହି କଥାକୁ ଭଲଭାବେ ହୃଦୟଙ୍ଗମ କରିଥିଲେ । ଏଥିରୁ ସେମାନଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆକଳନ କରାଯାଇ ପାରେ । ଭାରତରେ ସବୁଠାରୁ ପୁରୁଣା ଓ ସଂଗଠିତ ଛାତ୍ର ସଂସଦ ନିର୍ବାଚନର ଆରମ୍ଭ ୧୯୪୭ ମସିହାରେ ହୋଇଥିଲା । ସ୍ୱାଧୀନତାର ଠିକ୍ ୯ ଦିନ ପୂର୍ବରୁ ୬ ଅଗଷ୍ଟ ୧୯୪୭ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ଏହାର ପ୍ରସ୍ତାବ ରଖିଥିଲେ । କିନ୍ତୁ ଆନୁଷ୍ଠାନିକ ଭାବେ ପ୍ରଥମ ନିର୍ବାଚନ ହୋଇଥିଲା ୧୯୫୪ ମସିହାରେ ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ(DUSU) ହେଉଛି ଭାରତର ପ୍ରଥମ ଛାତ୍ର ସଂସଦ । ଏହା ପୂର୍ବରୁ ଛାତ୍ରମାନେ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଉଥିଲେ । ମାତ୍ର ସଂଗଠିତ ସମ୍ବିଧାନ ଅନୁସାରେ ନିର୍ବାଚନ ପ୍ରଥମେ ଦିଲ୍ଲୀରେ ହିଁ ଆରମ୍ଭ ହୋଇଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ଭି.କେ.ଆର୍.ଭି. ରାଓ ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କୁ ନେଇ ଏକ ଅସ୍ଥାୟୀ କମିଟି ଗଠନ କରି କଲେଜ ୟୁନିଅନର ସମ୍ବିଧାନ ପ୍ରସ୍ତୁତ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୯ ଏପ୍ରେଲ ୧୯୪୯ ମସିହାରେ DUSUକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରଥମେ ଏହା ପରୋକ୍ଷ ନିର୍ବାଚନ ଥିଲା । କଲେଜ ପ୍ରତିନିଧିମାନେ ନେତା ବାଛୁଥିଲେ । ମାତ୍ର ୧୯୭୩ ମସିହାରୁ ପ୍ରତ୍ୟକ୍ଷ ନିର୍ବାଚନ ଆରମ୍ଭ ହେଲା । ପ୍ରତ୍ୟେକ ଛାତ୍ରଛାତ୍ରୀ ସିଧାସଳଖ ତାଙ୍କର ମନୋନୀତ ପ୍ରାର୍ଥୀଙ୍କୁ ଭୋଟଦେଇ ନେତା ନିର୍ବାଚିତ କଲେ । ସେହି DUSUରୁ ବହୁ ରାଷ୍ଟ୍ରୀୟନେତା ବାହାରିଛନ୍ତି ଏବଂ ଅନେକ ଏ ଯାବତ୍ ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ଅଛନ୍ତି ।

ପ୍ରକାଶ ଥାଉକି, ସମ୍ବିଧାନରେ କଲେଜ ନିର୍ବାଚନ ପାଇଁ କୌଣସି ସିଧାସଳଖ ଧାରା ନାହିଁ । କିନ୍ତୁ ଏହାର ଆଇନଗତ ଓ ସାମ୍ବିଧାନିକ ଆଧାର ତିନୋଟି ସୂତ୍ର ବା ଉତ୍ସରୁ ଆସିଛି : **(କ)- ଭାରତୀୟ ସମ୍ବିଧାନର ମୌଳିକ ଅଧିକାର:** ୧-ଧାରା ୧୯(୧)(କ)-କଥା କହିବା ଓ ମତ ପ୍ରକାଶର ସ୍ୱାଧୀନତା : ଛାତ୍ରମାନେ ନିଜ ମତ ରଖିବା, Why I Stand For ମିଟିଂରେ କହିବା ଏହି ଅଧିକାରରୁ ଆସେ । ୨- ଧାରା ୧୯(୧)(ଗ)- ସଂଘ ଗଠନ କରିବାର ଅଧିକାର: ଛାତ୍ର ସଂସଦ ହେଉଛି ଛାତ୍ରମାନଙ୍କର ଏକ ସଂଘ । ସେହି ସଂଘ ଗଢ଼ିବାର ଅଧିକାର ସମ୍ବିଧାନ ଦେଇଛି । ତେଣୁ ସରକାର କିମ୍ବା କଲେଜ କର୍ତ୍ତୃପକ୍ଷ ଚାହିଁଲେ ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିବେ ନାହିଁ ।

**(ଖ) ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ :-** ଲିଙ୍ଗଡ଼ୋ କମିଟି ରିପୋର୍ଟ (୨୦୦୬) ଏହା ହିଁ କଲେଜ ନିର୍ବାଚନକୁ ପରିଚାଳନା କରିବା ପାଇଁ ଆଜି ଦିନରେ ସବୁଠୁ ବଡ଼ ଆଇନଗତ ବ୍ୟବସ୍ଥା । ୨୦୦୬ ମସିହାରେ ସୁପ୍ରିମକୋର୍ଟ କଲେଜ ନିର୍ବାଚନରେ ଧନବଳ, ବାହୁବଳ ଓ ହିଂସାକୁ ରୋକିବା ପାଇଁ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଜେ. ଏମ୍. ଲିଙ୍ଗଡ଼ୋଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ସୁପ୍ରିମକୋର୍ଟ ସେହି ରିପୋର୍ଟକୁ ମଞ୍ଜୁର କରି ଦେଶର ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଲେ-ନିର୍ବାଚନ କରିବାକୁ ହେଲେ ଲିଙ୍ଗଡ଼ୋ କମିଶନ ମଡେଲ ଅନୁସାରେ ହିଁ କର । ଲିଙ୍ଗଡ଼ୋ କମିଶନଙ୍କ ସୁପାରିଶଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା ସଭିଙ୍କ ଅବଗତି ନିମନ୍ତେ । (୧)-ବୟସ ସୀମା- ୧୭ରୁ ୨୧,(୨)-ଉପସ୍ଥାନ- ଶତକଡ଼ା ୭୫,(୩)- କୌଣସି ଅପରାଧିକ ମାମଲା ନ ଥିବ, (୪)- ଖର୍ଚ୍ଚ ସୀମା ୫୦୦୦ ହଜାର ଟଙ୍କା ଏବଂ (୫)- କ୍ୟାମ୍ପସ୍ ଭିତରେ ହାତଲେଖା ପୋଷ୍ଟର ହିଁ ବ୍ୟବହାର କରାଯିବା । ଓଡ଼ିଶା ସରକାର ଏହି ଲିଙ୍ଗଡ଼ୋ ମଡେଲକୁ ଲାଗୁ କରିଛନ୍ତି ।

> **ଓଡ଼ିଶାରେ ୨୦୧୭ ମସିହାରେ ଶେଷଥର ପାଇଁ କଲେଜ ନିର୍ବାଚନ ହୋଇଥିଲା । ତାପରେ ୨୦୧୮ ମସିହାରେ ତିତିଲି ବାତ୍ୟା, ପରେ କ୍ୟାମ୍ପସ୍ ହିଂସା ଏବଂ ତାପରେ କୋଭିଡ୍ ମହାମାରୀ ଦୃଷ୍ଟିରୁ ଏହାକୁ ବନ୍ଦ ରଖାଯାଇ ଥିଲା । ଆଠ ବର୍ଷ ଧରି ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ କ୍ୟାମ୍ପସ୍ ନିରବ ଥିଲା । ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସେହି ସମୟରେ ନିର୍ବାଚନ କଣ, ନେତୃତ୍ୱର କାମ କଣ, ପ୍ରତିଦ୍ୱନ୍ଦିତା କଣ ତାହା ଜାଣିବାର ସୁଯୋଗ ପାଇଲେ ନାହିଁ । ଅବଶେଷରେ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଲା । ଆଠ ବର୍ଷ ପରେ ଓଡ଼ିଶାର କଲେଜ ଓ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସକୁ ପୁଣି ଏ ବର୍ଷ ଫେରିଛି ନିର୍ବାଚନର ମାହୋଲ ।**

**(ଗ) ରାଜ୍ୟ ସରକାର ଓ ବିଶ୍ୱ ବିଦ୍ୟାଳୟ ଆଇନ:-** ସମ୍ବିଧାନର ଧାରା ୨୪୬ ଅନୁସାରେ ଶିକ୍ଷା ବ୍ୟାପାର ଯୁଗ୍ମ ତାଲିକାରେ ଅନ୍ତର୍ଭୁକ୍ତ । ତେଣୁ ରାଜ୍ୟ ସରକାର ଚାହିଁଲେ ନିଜ ଆଇନ ନିଜେ କରିପାରିବେ । ଓଡ଼ିଶାରେ ଓଡ଼ିଶା ବିଶ୍ୱ ବିଦ୍ୟାଳୟ ଆଇନ(Odisha Universities Act) ଓ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁସାରେ ଛାତ୍ର ସଂସଦ ଗଠନ ହେବାର ନିୟମ ପ୍ରଣୟନ କରାଯାଇଛି । ଏହା ବ୍ୟତିରେକ University Grants Commission (UGC) ମଧ୍ୟ ନିଜର ଗାଇଡଲାଇନରେ ଛାତ୍ର ପ୍ରତିନିଧିତ୍ୱକୁ ସମର୍ଥନ କରେ ।

ଓଡ଼ିଶାରେ ୨୦୧୭ ମସିହାରେ ଶେଷଥର ପାଇଁ କଲେଜ ନିର୍ବାଚନ ହୋଇଥିଲା । ତାପରେ ୨୦୧୮ ମସିହାରେ ତିତିଲି ବାତ୍ୟା, ପରେ କ୍ୟାମ୍ପସ୍ ହିଂସା ଏବଂ ତାପରେ କୋଭିଡ୍ ମହାମାରୀ ଦୃଷ୍ଟିରୁ ଏହାକୁ ବନ୍ଦ ରଖାଯାଇ ଥିଲା । ଆଠ ବର୍ଷ ଧରି ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ କ୍ୟାମ୍ପସ୍ ନିରବ ଥିଲା । ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସେହି ସମୟରେ ନିର୍ବାଚନ କଣ, ନେତୃତ୍ୱର କାମ କଣ, ପ୍ରତିଦ୍ୱନ୍ଦିତା କଣ ତାହା ଜାଣିବାର ସୁଯୋଗ ପାଇଲେ ନାହିଁ । ଅବଶେଷରେ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଲା । ଆଠ ବର୍ଷ ପରେ ଓଡ଼ିଶାର କଲେଜ ଓ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସକୁ ପୁଣି ଏ ବର୍ଷ ଫେରିଛି ନିର୍ବାଚନର ମାହୋଲ ।

**ରାଜ୍ୟ ସରକାର ଗତ ୫ ଅକ୍ଟୋବର ୨୦୨୬ରେ ଘୋଷଣା କରିଛନ୍ତି ଯେ ଆସନ୍ତା ୧୫ ଅକ୍ଟୋବର ୨୦୨୬ ତାରିଖ ଦିନ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ । ଏହା କେବଳ ଏକ ପ୍ରଶାସନିକ ନିଷ୍ପତ୍ତି ନୁହେଁ, ବରଂ ଏହା ଗଣତନ୍ତ୍ରର ମୂଳ ପାଠଶାଳାକୁ ପୁନଃ ଜୀବିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ।**

ଅନେକ ପ୍ରଶ୍ନ କରନ୍ତି- ପାଠ ପଢ଼ିବା ଜାଗାରେ ନିର୍ବାଚନ କାହିଁକି? ଏହାର ଖୁବ୍ ସରଳ ଉତ୍ତର ହେଉଛି, କଲେଜ କେବଳ ଡିଗ୍ରୀ ଦେବା ଜାଗା ନୁହେଁ, ଏହା ହେଉଛି ଜୀବନ ଗଢ଼ିବା ଜାଗା ଏବଂ ଆଗାମୀ ଜୀବନରେ ନାନାଦି ଆହ୍ୱାନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତି ପୀଠ । କଲେଜ ନିର୍ବାଚନରୁ ମୁଖ୍ୟତଃ ନିମ୍ନଲିଖିତ ତିନୋଟି କଥା ଶିଖିବାକୁ ମିଳେ । ପ୍ରଥମତଃ, ଗଣତନ୍ତ୍ରର ପ୍ରାରମ୍ଭିକ ଅଭ୍ୟାସ ।

ସତର/ ଅଠର ବର୍ଷର ଛାତ୍ରଛାତ୍ରୀ ଯେତେବେଳେ ପ୍ରଥମ ଥର ଭୋଟ ଦିଅନ୍ତି, ସେମାନେ ତାଙ୍କ କଲେଜରେ ହିଁ ଭୋଟ ଦିଅନ୍ତି । ସେମାନେ ଶିଖନ୍ତି ତାଙ୍କ ଭୋଟର ମୂଲ୍ୟ କଣ, ଜଣେ ପ୍ରାର୍ଥୀ କେମିତି ନିଜକୁ ଉପସ୍ଥାପନ କରେ, ଇସ୍ତାହାର କଣ, ବିତର୍କର ବିଷୟବସ୍ତୁ କଣ? ଏହା ହେଉଛି ଆଗକୁ ଯାଇ ଭବିଷ୍ୟତରେ ବିଧାୟକ, ସାଂସଦ ବାଛିବାର ପ୍ରସ୍ତୁତି ପର୍ବ । ଯିଏ କଲେଜରେ ଭୋଟ ଦେବାର ସୁଯୋଗ ପାଇ ନାହିଁ, ତା ପାଇଁ ଦେଶର ଭୋଟର ମହତ୍ତ୍ୱ ବୁଝିବା ଏକ କଠିନ ବ୍ୟାପାର । ଦ୍ୱିତୀୟତଃ, ନେତୃତ୍ୱ ଗଠନ । ସଂପ୍ରତି ଓଡ଼ିଶା ତଥା ଦେଶର ବହୁ ବଡ଼ ନେତା, ପ୍ରଶାସକ, ସାମ୍ବାଦିକ, ସାମାଜିକ କର୍ମୀ, ବୁଦ୍ଧିଜୀବୀ କଲେଜ ନିର୍ବାଚନରୁ ବାହାରିଛନ୍ତି ।

ମଞ୍ଚରେ ନିଜ ବକ୍ତବ୍ୟକୁ ଦୃଢ଼ ଭାବେ ରଖିବା, ସାଥୀ ଛାତ୍ରଛାତ୍ରୀ ଓ ଅନୁଷ୍ଠାନର ସମସ୍ୟା ବୁଝିବା ଓ ସେ ସବୁର ନିରାକରଣର ବାଟ ବାହାର କରିବା, ଅଧ୍ୟକ୍ଷଙ୍କ ସହ ଆଲୋଚନା କରିବା, ହାରିବା ଓ ଜିତିବାକୁ ସମାନ ଭାବେ ଗ୍ରହଣ କରି ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ସମ୍ମାନ ଦେବା ଓ ସମର୍ପିତ ଏବଂ ଅନୁରକ୍ତ ରହିବା- ଏ ସବୁ ହେଉଛି ଜୀବନ ପାଇଁ ସବୁଠୁ ବଡ଼ ଶିକ୍ଷା, ଯାହା କୌଣସି ପାଠ୍ୟପୁସ୍ତକର ବିଷୟବସ୍ତୁ ନୁହେଁ । ତୃତୀୟତଃ, ଭୟରୁ ମୁକ୍ତି ।

ଅନେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ Glossophobia ଅଛି । ଅର୍ଥାତ୍, ଲୋକଙ୍କ ସାମ୍ନାରେ ନିଜ ବକ୍ତବ୍ୟ ରଖିବାକୁ ଭୟ । ଏହି କଲେଜ ନିର୍ବାଚନରେ Why I Stand For ମିଟିଂ ଓ କ୍ଲାସ୍ ପ୍ରଚାର ସମୟରେ ସେହି ଭୟ ଦୂରୀଭୂତ ହୁଏ । ଶିକ୍ଷାର୍ଥୀ ନିଜ ଭିତରେ ଥିବା ଲୁକ୍କାୟିତ ସୁପ୍ତ ପ୍ରତିଭା ଓ ସାହସକୁ ଆବିଷ୍କାର କରନ୍ତି ଏହି ଅବସରରେ । ଏହାଛଡ଼ା ବିଭିନ୍ନ ଅନାଗତ ଆହ୍ୱାନର ସମ୍ମୁଖୀନ ହେବାର କଳା କୌଶଳ ଶିଖନ୍ତି ।

ସରକାରଙ୍କର ଏହି ନିଷ୍ପତ୍ତି ଅନୁସାରେ ନିର୍ବାଚନକୁ କିଭଳି ଶାନ୍ତିପୂର୍ଣ୍ଣ ଓ ଶିକ୍ଷଣୀୟ କରିହେବ ସେ ଦାୟିତ୍ୱ ମିଳିତ ଭାବେ ସମସ୍ତେ ନେବା ଉଚିତ । ଅଧ୍ୟାପକ, ଅଧ୍ୟାପିକାମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝେଇବା ଜରୁରୀ, **ଜିତିବା ହିଁ ସବୁକିଛି ନୁହେଁ, ଜିତିବା ଓ ହାରିବାକୁ ଗୁରୁତ୍ୱ ଆରୋପ ନ କରି ନିର୍ବାଚନ ପ୍ରକ୍ରିୟାରେ ସଭିଏଁ ସକ୍ରିୟ ଭାଗନେବା ଓ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ ସଂପୂର୍ଣ୍ଣ ସଫଳ କରିବା ହେଉଛି ସବୁଠୁ ବଡ଼ କୃତିତ୍ୱ । ତାହା ହିଁ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବ । ଛାତ୍ରଛାତ୍ରୀମାନେ ମାରପିଟ, ପୋଷ୍ଟର ଚିରିବା, ଜାତି ଓ ଧର୍ମ, ଗରିବ ଓ ଧନୀ ରାଜନୀତି, ହିଂସା ଆଚରଣ ଆଦିରୁ ଦୂରେଇ ରହିବାକୁ ସାମୂହିକ ଶପଥ ନେବା ଜରୁରୀ । ଯେହେତୁ ସେମାନେ ଭବିଷ୍ୟତର ନେତା ଓ ଶାସନକର୍ତ୍ତା ଭୂମିକାରେ ଆଗାମୀ ଜୀବନରେ ଅବତୀର୍ଣ୍ଣ ହେବେ, ତେଣୁ ନିର୍ବାଚନରେ ଅଯଥା ଅର୍ଥ ବ୍ୟୟ ନ କରି ନିଜ ସାଥୀମାନଙ୍କର ମନ ଓ ହୃଦୟ ନିଜର ଆଚାର, ବ୍ୟବହାର, ଚରିତ୍ରବତ୍ତା, ଆଚରଣ ଓ ଉଚ୍ଚାରଣ ଦ୍ୱାରା ଜିଣିବାକୁ ପ୍ରୟାସ କରିବା ବାଞ୍ଛନୀୟ ।**

ଏହି ପ୍ରକ୍ରିୟାରେ ଅଭିଭାବକ ଓ ସମାଜର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ସେମାନେ କଲେଜ ନିର୍ବାଚନକୁ ରାଜନୈତିକ ଦଳର ଯୁଦ୍ଧ କ୍ଷେତ୍ରରେ ପରିଣତ ନ କରିବାକୁ ନିଜ ନିଜ କ୍ଷେତ୍ର ଓ ପରିସରରେ ପିଲାମାନଙ୍କୁ ପ୍ରବର୍ତ୍ତାଇବା ଉଚିତ । ସାଂପ୍ରତିକ ପରିସ୍ଥିତିରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଛାତ୍ର ସଂସଦ ହେଉଛି ଦେଶ ଗଠନର ପ୍ରାରମ୍ଭିକ ଭିତ୍ତିପ୍ରସ୍ତର । ଏହି ଭିତ୍ତିଭୂମି ଯେତେ ମଜବୁତ ହେବ, ଆଗାମୀ ଦିନରେ ଓଡ଼ିଶାର ଗଣତନ୍ତ୍ର ସେତେ ସୁଦୃଢ଼, ଶକ୍ତିଶାଳୀ, ପାରଦର୍ଶୀ, ସ୍ୱଚ୍ଛ ଓ ମଜବୁତ ହେବ ।

ଦୀର୍ଘ ଆଠ ବର୍ଷ ପରେ ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇ ପୁଣି ଥରେ ଛାତ୍ର ସଂସଦ ନିର୍ବାଚନର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପୁନଃ ପ୍ରଚଳନ କରିଛନ୍ତି, ଗଣତନ୍ତ୍ରର ସେହି ପର୍ବକୁ ସ୍ୱାଗତ କରିବା ସହିତ ତାହା କିପରି ଯୁବ ପିଢ଼ିଙ୍କ ପାଇଁ ଶିକ୍ଷଣୀୟ ଓ ଆଦର୍ଶ ନିର୍ବାଚନର ମାନ୍ୟତା ପ୍ରାପ୍ତ ହେବ, ତାହାକୁ ଫଳପ୍ରସୂ ଓ ସାକାର କରିବା ପାଇଁ ସଭିଏଁ ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ସେ ଦିଗରେ ଯିଏ ଯାହା ସ୍ତରରେ ନିଜର ସାମର୍ଥ୍ୟକୁ ବିନିଯୋଗ କରିବା ନିହାତି ଆବଶ୍ୟକ ।

ଏହି ଆଲେଖ୍ୟର ଉପସଂହାରରେ ନିମ୍ନଲିଖିତ ପ୍ରସ୍ତାବଟି ରଖିବାକୁ ଉଚିତ ମନେକରୁଛି । ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲା ପରେ ଏବେ ରାଜ୍ୟରେ ସଂଖ୍ୟାଧିକ ଘରୋଇ, ବେସରକାରୀ, ଉଚ୍ଚ ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନ ସବୁ ପରିଚାଳିତ ହେଉଛି, ଯେଉଁ ଅନୁଷ୍ଠାନରେ ଲକ୍ଷାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ସେହି ଛାତ୍ର ଛାତ୍ରୀମାନଙ୍କୁ ତାଙ୍କ ଗଣତାନ୍ତ୍ରିକ ଅଧିକାର ସଂପର୍କରେ ସଚେତନ କରିବା ନିମନ୍ତେ ସେ ସବୁ ଅନୁଷ୍ଠାନରେ ନିର୍ବାଚନ ମାଧ୍ୟମରେ ଛାତ୍ର ସଂସଦ ଗଠନ ହେବା ଏକାନ୍ତ ଆବଶ୍ୟକ । ସେଥି ନିମନ୍ତେ ସେହି ଶିକ୍ଷାନୁଷ୍ଠାନ ପରିଚାଳନା ବ୍ୟାପାରରେ ଛାତ୍ର ପ୍ରତିନିଧିମାନଙ୍କର ପ୍ରତିନିଧିତ୍ୱ ରହିବା ନିମନ୍ତେ ସରକାର ନିଷ୍ପତ୍ତି ନେଲେ ଏହା ଏକ ସାହସିକ, ଯୁଗାନ୍ତକାରୀ ତଥା ସୁଦୂରପ୍ରସାରୀ ପଦକ୍ଷେପ ଭାବେ ବିବେଚିତ ହେବ ଏବଂ ପ୍ରଶାସନିକ ଇତିହାସ ପୃଷ୍ଠାରେ ରାଜ୍ୟ ସରକାରଙ୍କ ଏହି ଐତିହାସିକ ବ୍ୟବସ୍ଥା କାଳକାଳକୁ ଲିପିବଦ୍ଧ ହୋଇ ରହିବ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ),ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ଈଶ୍ୱର ଉପଲବ୍ଧି



ଦିଲୀପ ରାଜ ବେହେରା

ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସତ୍ୟର ଗୋଟିଏ ଝଲକ, ଅସୀମ ଚେତନର କମ୍ପନ ଏବଂ ଆନନ୍ଦର ବିସ୍ମୟ ଅନୁଭବ ଦିନେ ନା ଦିନେ ନିଶ୍ଚୟ ଆସିବ । ହୃଦୟର ଗଭୀର ପ୍ରଦେଶରୁ ପରମ ଚେତନାର ଜାଜ୍ୱଲ୍ୟ ସ୍ଫୁଲିଙ୍ଗର ରଶ୍ମିଟିଏ ଈଶ୍ୱରଙ୍କ ପରିଚୟ ଦେଇ ଆଶ୍ଚର୍ଯ୍ୟ ବିଭୂଷିତ କରିଦେବ । କୋଟି ସୂର୍ଯ୍ୟ ପ୍ରକାଶରେ ଦେଦୀପ୍ୟମାନ ଅନ୍ତଃଜଗତ ଆଲୋକରେ ଉଦ୍‌ଭାସିତ ହେବ ।

ଆତ୍ମିକ ଚେତନା ନିଶ୍ଚିତ ଭାବେ ଦିନେ ନା ଦିନେ ପୂର୍ଣ୍ଣ ରୂପରେ ପ୍ରସ୍ଫୁଟିତ ହେବ । ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟର ଗଭୀର ପ୍ରଦେଶରେ ପ୍ରେମ ଓ ଆନନ୍ଦର ଉଚ୍ଛ୍ୱାସ ପରିପୂର୍ଣ୍ଣ ହୋଇ ଭରି ରହିଛି । ଏହା ଉଜ୍ଜୀବିତ ହୋଇ ଜୀବନକୁ ଉଦ୍ଦେଶ୍ୟ ପୂର୍ଣ୍ଣ, ରସାଳ, ଜୀବନ୍ତ, ପ୍ରାଣ ପ୍ରାଚୁର୍ଯ୍ୟ ଭରି ଦେଇ, ଶକ୍ତିସମ୍ପନ୍ନ ଏବଂ ଆଲୋକିତ କରିବ ।

ସେହି ଆଲୋକର ଦିବ୍ୟ ଝଲକ, ହୃଦୟର ମାଧୁର୍ଯ୍ୟମୟ ଉଦ୍‌ବେଳନ, ଚୈତନ୍ୟ ସ୍ପନ୍ଦନର ବହ୍ନିଶିଖା ଈଶ୍ୱରୀୟ ଚେତନା । ତାହା ସତ୍ୟ ସନାତନ ଏବଂ ପ୍ରେମର ଅମୃତ ଝରଣା ଏବଂ ଜୀବନ ଶକ୍ତିର ଉତ୍ସ । ସେହି ଦିବ୍ୟଚେତନା ଜଗତର ଆଧାର ସ୍ୱରୂପ ପ୍ରବିଷ୍ଟ ହୋଇଛି ।

ସେହି ଶାଶ୍ୱତ ସତ୍ୟର ସନ୍ଧାନ ଆମ ଜୀବନର ଲକ୍ଷ୍ୟ । ତାଙ୍କୁ ଜାଣିବା, ବୁଝିବା ଏବଂ ଅନୁଭବ କରିବା ପାଇଁ ସର୍ବଦା ଆମ ମଧ୍ୟରେ ଉତ୍ସୁକତା ଭରି ରହିଥାଏ । ଆମେ ସେହି ପରମ ସତ୍ତାର ଗୋଟିଏ ଅଂଶ । ସେହି ଈଶ୍ୱର ଏକମାତ୍ର ସତ୍ୟ, ଚିରନ୍ତନ ଏବଂ ଶାଶ୍ୱତ । ଗାଈ ଯେତେ ବାଟ ଚରି ଯାଉ, ଶେଷରେ ଗୁହାଳକୁ ହିଁ ଫେରି ଆସେ ।

ଶିଶୁ ଶେଷରେ ଖୋଜି ଖୋଜି ମା’ କୋଳକୁ ଲେଉଟେ । ସମୁଦ୍ରର ଉତ୍ତୁଙ୍ଗ ଲହଡି ଶେଷରେ ସମୁଦ୍ରରେ ବିଲୀନ ହୋଇଯାଏ । ଆମେ ମଧ୍ୟ ନିଜସ୍ୱ ବାସଗୃହକୁ କାମ ସରିଲେ ଫେରିଆସୁ । ଆତ୍ମା ନିଜ ମୂଳ ଉତ୍ସକୁ ଫେରିଯାଇ ପରମାତ୍ମାଙ୍କ ପାଖକୁ ଶେଷ ଯାତ୍ରାରେ ଫେରିଥାଏ । ଜୀବନର ଶୁଦ୍ଧତା, ପବିତ୍ରତା ଏବଂ ପରିପୂର୍ଣ୍ଣତା ପରେ ପରମ ଚେତନା ସ୍ୱତଃ ଆମକୁ ଆକର୍ଷଣ କରି ନିଜ ମଧ୍ୟରେ ସମାହିତ କରି ଦେଇଥାଏ । ଆମ ମଧ୍ୟରେ ଦିବ୍ୟତା ଭରିଦିଏ । ଆମକୁ ଈଶ୍ୱରମୟ କରିଦିଏ ।

ଆମେ ନିଜ ଅସ୍ତିତ୍ୱ ହରାଇ ଶେଷରେ ସେହି ଅନନ୍ତରେ ଲୀନ ହୋଇ, ହଜିଯାଉଁ ଏବଂ ନିଜକୁ ନିଶ୍ଚିହ୍ନ କରିଥାଉଁ ।

ଆମେ ପ୍ରେମ କରୁ, ଭଲ ପାଉ, ମମତା, ଶ୍ରଦ୍ଧା ସାଉଁଟିବାକୁ ଚେଷ୍ଟା କରୁ । କାରଣ ଈଶ୍ୱରଙ୍କ ଏହା ସ୍ୱାଭାବିକ ପ୍ରକୃତି ଏବଂ ଆମେ ଈଶ୍ୱରଙ୍କ ଠାରୁ ସେହି କଳା ନେଇ ଆସିଛୁଁ । ଈଶ୍ୱର ହିଁ ପ୍ରେମର ମୂର୍ତ୍ତିମନ୍ତ ସ୍ୱରୂପ, ପ୍ରତିମୂର୍ତ୍ତି ଏବଂ ଉତ୍ସ ।

ତାଙ୍କୁ ଖୋଜିବା ନିଜ ଭିତରେ, ହୃଦୟର ଗଭୀର ପ୍ରଦେଶରେ ଏବଂ ଅନ୍ତରର ନିଭୃତ କୋଣ ଅଣୁ କୋଣରେ ।

ଆଧ୍ୟାତ୍ମିକ ଜୀବନ, ଜ୍ଞାନ, ତତ୍ତ୍ୱ ଦର୍ଶନ, ବେଦ, ଉପନିଷଦ, ଗୀତା ପୁରାଣ ପଠନ ଆଧ୍ୟାତ୍ମିକ ବିକାଶ ପାଇଁ କିଛିଟା ସାହାଯକ ହୋଇପାରେ, ତେବେ ଏହା ଉପରେ ସମ୍ପୂର୍ଣ୍ଣ ଭରସା କରି ହେବ ନାହିଁ । ଏହି ଜ୍ଞାନ ଏକ ମାର୍ଗଦର୍ଶିକା, ମାନଚିତ୍ର, ମାଇଲଖୁଣ୍ଟ, ନିର୍ଦ୍ଦେଶକ, ରାସ୍ତା ଦେଖାଉ ଥିବା ଚିହ୍ନଟିଏ । ଜ୍ଞାନ ମୁକ୍ତି ପଥ ନୁହେଁ । ସାଧନା, ଧ୍ୟାନ ଏବଂ ଭକ୍ତି ଅଭ୍ୟାସ ଆଧ୍ୟାତ୍ମିକ ଅନୁଭବର ଝଲକ, କ୍ଷୀଣ ରେଖା ଆଣିଦେବ । ଈଶ୍ୱରଙ୍କୁ ଜାଣିବା ପାଇଁ ଏହା ମାଧ୍ୟମ, ଆଧାର ଓ ଆଲମ୍ବନ ।

ଜୀବନର ପୂର୍ଣ୍ଣତାପ୍ରାପ୍ତ ପାଇଁ ଏହା ଏକ ସରଣୀ, ପଥ ପ୍ରଦର୍ଶକ ହେବ । ଈଶ୍ୱରଙ୍କୁ ଜାଣିବା ପରେ ମଧ୍ୟ ତାଙ୍କ ସ୍ୱରୂପକୁ ବର୍ଣ୍ଣନା କରିବା ଏକ ଦୁଃସାଧ୍ୟ କାର୍ଯ୍ୟ । କାହାକୁ ଈଶ୍ୱରଙ୍କ ବିଷୟରେ ବୁଝାଇବା ପାଇଁ ପ୍ରୟାସ କରିବା ନିରର୍ଥକ । ଈଶ୍ୱରଙ୍କ ବିଷୟରେ କହିବା ବଦଳରେ ଈଶ୍ୱରଙ୍କ ଗୁଣଗାନ କରି, ଭଜନ ଏବଂ ପ୍ରାର୍ଥନା କରି ଆନନ୍ଦରେ ରହିବା ହିଁ ବିଜ୍ଞତା ।

ଈଶ୍ୱରଙ୍କ ସାନ୍ନିଧ ବିଷୟରେ ଦିବ୍ୟ ଆତ୍ମାଙ୍କ ଅନୁଭବ ବିଷୟରେ କୁହାଯାଏ, ପ୍ରଥମେ ନାଦ ବ୍ରହ୍ମର ବିଭିନ୍ନ ପ୍ରକାର ଦୀର୍ଘ ଅନୁଭବ ହେବା ପରେ ଜାଜ୍ୱଲ୍ୟମାନ ରଶ୍ମିର ଦର୍ଶନ ହୁଏ । ତାହା ନୀଳ, ସ୍ୱର୍ଣ୍ଣଭ ଓ ଶ୍ୱେତ ରଙ୍ଗର ଗୋଲାକାର ଚକ୍ର ଏବଂ ତନ୍ମଧ୍ୟରେ ଥିବା ଏକ ସୁଡଙ୍ଗ ମଧ୍ୟରେ ଆତ୍ମିକ ଚେତନା ପ୍ରବେଶ କରିଥାଏ ।

ଶୁଦ୍ଧ ଶରୀର, ନିର୍ମଳ ମନ ଏବଂ ସଙ୍କଳ୍ପିତ ବୁଦ୍ଧିର ସର୍ବସ୍ୱ ସମର୍ପଣ ପରେ ଚେତନାର ଅନନ୍ତ ବିସ୍ତାର ହୋଇଥାଏ । ଈଶ୍ୱରଙ୍କ ଅସ୍ତିତ୍ୱ ଜଗତର କୋଣ ଅଣୁକୋଣରେ ଉଦ୍ଭାସିତ ହୋଇଥାଏ । ଜୀବ ଓ ଜଡ଼ ମଧ୍ୟରେ ପାର୍ଥକ୍ୟ ରହେ ନାହିଁ । ନିଜ ଚେତନା ପରିବ୍ୟାପ୍ତ ହେବା ସହିତ ପ୍ରେମ ଏବଂ କରୁଣାରେ ଉଦ୍ଭାସିତ ହୋଇଥାଏ ।

ଦେଖିବା ଦୃଷ୍ଟିକୋଣ, ଜାଣିବା ଆକାଂକ୍ଷା ଏବଂ ବୁଝିବା ବିଦ୍‌ବତ୍ତା ମଧ୍ୟରେ ଆମୂଳଚୂଳ ପରିବର୍ତ୍ତନ ହୋଇଥାଏ । ବିଶ୍ୱ ଚେତନା ମଧ୍ୟରେ ଆତ୍ମସ୍ଥ ଚେତନା ହଜି ମିଳେଇ ଯାଏ । ସଂସାର ଦିବ୍ୟମୟ ହୋଇଯାଏ । ଅତୀନ୍ଦ୍ରିୟ ଶକ୍ତି ଜାଗ୍ରତ ହେବା ଫଳରେ ଶରୀରରୁ ବିଭୁତି ଭଳି ଦିବ୍ୟ ସୁଗନ୍ଧି, ଦୂରରୁ ମଧୁର ଧ୍ୱନି ଶୁଣିବା, ଆଖିରେ ଅଦଭୁତ ଦୃଶ୍ୟ, ଅନ୍ୟର ଭାବ ଜାଣିବା ଏବଂ ପାଖରେ ଦିବ୍ୟ ଚେତନ ଆତ୍ମାଙ୍କ ଅନୁଭବର ଆଭାସ ହୋଇଥାଏ ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
**ମୋ-୭୭୩୫୩୪୮୬୬୦**

### ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେଡି ଜନସମ୍ପର୍କ ପଦଯାତ୍ରା

# ସରକାରର ବିଫଳତା ବିଷୟ ରେ ଲୋକଙ୍କୁ ସଚେତନ କରନ୍ତୁ : ନବୀନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ରେ ବିଜୁ ଜନତା ଦଳ ର ଜନ ସମ୍ପର୍କ ପଦଯାତ୍ରା ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଜୟନ୍ତୀ ରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସେବା ରେ ବିଶ୍ୱାସ କରେ। ବିକାଶ ରେ ବିଶ୍ୱାସ କରେ। ବିଜେଡି ସରକାର ସମୟ ରେ ଦ୍ରୁତ ବିକାଶ ପାଇଁ ଓଡିଶା ସାରା ଦେଶରେ ଏକ ମଡେଲ ରାଜ୍ୟ ହୋଇ ପାରିଥିଲା ବୋଲି ପ୍ରକାଶ କରିବା ସହ ଏ ଅପାରଗ ସରକାର,ଡବଲ ଇଞ୍ଜିନ ସରକାର, ଅଢେଇ ବର୍ଷରେ ଓଡିଶା ର ଛବି କୁ ପୁରା ମଳିନ କରି ସାରିଲେଣି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ପଦଯାତ୍ରା ସମୟ ରେ ଡବଲ ଇଞ୍ଜିନ ସରକାର ର ବିଫଳତା କୁ ପ୍ରତି ଘରେ ଘରେ ପହଞ୍ଚାଇ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ପଟ୍ଟନାୟକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ବିଜୁ ବାବୁ ଙ୍କ ଫୋଟୋ



ଚିତ୍ର ରେ ପୁଷ୍ପାଞ୍ଜଳି ଅର୍ପଣ କରି ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା , ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ଉଦବୋଧନ ଦେଇ ରାଜ୍ୟ ସରକାର ଙ୍କ ଲୋକ ବିରୋଧୀ ନୀତି ର ତୀବ୍ର ସମାଲୋଚନା କରିଥିଲେ। ଏହି ସମାବେଶ ରେ ସ୍ଥାନୀୟ କର୍ପୋରେଟର ମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଅକଟୋବର ଦୁଇ ଗାନ୍ଧୀ ଜୟନ୍ତୀ ରୁ ଆରମ୍ଭ ହୋଇଥିବା ଏ ପଦଯାତ୍ରା ନଭେମ୍ବର ଦୁଇ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ରେ ପ୍ରାୟ ଦଶ ହଜାର ରୁ ଅଧିକ ଜନ ସମାବେଶ ହୋଇଥିଲା।

## ଚୋରି ମାମଲାରେ ଅଭିଯୁକ୍ତ ଅଦାଲତ ଚାଲାଣ

ପାଣିକୋଇଲି, (ସବ୍ୟୁ) :ଚୋରି ମାମଲାରେ ଅନ୍ୟ ଅଭିଯୁକ୍ତକୁ ପାଣିକୋଇଲି ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଶଙ୍କଚିଲା ରାସ୍ତା କଡରେ ଦାସ ପ୍ରେବିକେଶନ ନାମକ ଏକ ଦୋକାନରୁ ଗତ ୧୩ ଜୁଲାଇ ୨୦୨୬ରେ ଚୋରି ହେବା ନେଇ ଅଭିଯୋଗ ଥାନାରେ କରାଯାଇଥିଲା। ଏନେଇ ପୁଲିସ ଏକ ମାମଲା ୨୭୪/୨୬ ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମନାଥ ଦାସଙ୍କ ପନୀ ବୈଜୟନ୍ତୀ ଦାସ ତାଙ୍କ ଦେକାନରୁ ବିଭିନ୍ନ ଯନ୍ତାଂଶ ସହ ନଗଦ ୧୨ ହଜାର ଟଙ୍କା ଚୋରି ହେବା ନେଇ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ସାମଗ୍ରୀ ଯାଜପୁରରୋଡ ଥାନା ତରାପୁର ଗ୍ରାମର ଦୀପକ ରଣାଙ୍କ ଘରେ ଥିବା ଜାଣିବା ପରେ ପୁଲିସ ସେଠାରେ ପହଂଚିଥିଲା। ପୂର୍ବରୁ ଦିପକ ରଣାକୁ ଗିରଫ କରାଯାଇଥିବା ବେଳେ କୋରେଇ ଥାନା ଅନ୍ତର୍ଗତ ମୃତୁଂଜୟପୁର ପଣ୍ଡୁଳା ଗ୍ରାମର ଟିକୁ ଓରଫ ବିଶ୍ୱେଶ୍ୱର ମାଝୀ ଏହି ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା।

### କୁଚିଣ୍ଡା 'ସେବା ସଂକଳ୍ପ ଅଭିଯାନ'ରେ ସାଂସଦ

# ଶିଶୁ ଓ ଗର୍ଭବତୀ ମା'ଙ୍କ ଯତ୍ନ ନେବା ଆମର ସାମାଜିକ ଦାୟିତ୍ୱ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ନବଜାତ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ବୋଲି ଅନ୍ତର୍ଗତ କୁଚିଣ୍ଡା ଗସ୍ତ ଅବସରରେ'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କୁଚିଣ୍ଡା ଠାରେ ନବନିର୍ମିତ 'ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର' ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ । ସାଂସ୍କୃତିକ କେନ୍ଦ୍ର ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ଜନହିତକର ପ୍ରକଳ୍ପଗୁଡ଼ିକ କୁଚିଣ୍ଡାକୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଥିଲେ । 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ଆଙ୍ଗନ ମିଳନ' ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା'ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ଭାବ ବିନିମୟ କରିଥିଲେ । ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ପୋଷଣ



ଏବଂ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଆମର ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ।

ଆୟୋଜିତ ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ, ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ । ଏହି ସଂକଳ୍ପଗୁଡ଼ିକୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

### ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଦ୍ୱାରା

# ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ପକ୍ଷରୁ ବଡ଼ବିଲ୍ ଟାଉନ୍‌ସିପ୍‌ଠାରେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ସମ୍ପର୍କିତ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଏକ 'ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ, ଆବେଗିକ ସ୍ୱାସ୍ଥ୍ୟ, ଚାପ ପରିଚାଳନା ଏବଂ ସହଯୋଗପୂର୍ଣ୍ଣ କାର୍ଯ୍ୟସ୍ଥଳର ଗୁରୁତ୍ୱ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ମନୋବିଜ୍ଞାନୀ ଶ୍ରୀମତୀ ଋତୁପର୍ଣ୍ଣା ମେହେର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ କାର୍ଯ୍ୟସ୍ଥଳରେ ଚାପ ପରିଚାଳନା ତଥା ଆବେଗିକ ସ୍ୱାସ୍ଥ୍ୟ ବଜାୟ ରଖିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ



ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି କର୍ମଚାରୀଙ୍କ କଲ୍ୟାଣ ପାଇଁ କମ୍ପାନୀ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଯେପରିକି ସଚେତନତା କାର୍ଯ୍ୟକ୍ରମ, ଚାପ ପରିଚାଳନା କର୍ମଶାଳା ଏବଂ ପରାମର୍ଶ ସେବା ବିଷୟରେ ଆଲୋକପାତ କରିଥିଲେ। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଏକ ସୁସ୍ଥ ଓ ସହଯୋଗପୂର୍ଣ୍ଣ କାର୍ଯ୍ୟସ୍ଥଳ ସୃଷ୍ଟି କରିବା ଦିଗରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ କର୍ମଚାରୀଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଜାରି ରଖିଛି।

## ଚାକିରି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ

ଭୁବନେଶ୍ୱର, (ସବ୍ୟୁ) : ଦୁଇଜଣଙ୍କୁ ସରକାରୀ ଚାକିରି କରାଇ ଦେବାକୁ କହି ପ୍ରୋସେସିଂ ଫି' ବାବଦକୁ ଦୁଇଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେବା ପରେ ସେ ଚାକିରି ସମ୍ପର୍କରେ ଦୁଇ ଆଶାୟୀଙ୍କୁ କିଛି କହିନଥିଲା । ଟଙ୍କା ମାଗିଲେ ମଧ ଫେରାଇଲା ନାହିଁ । ଏ ସମ୍ପର୍କରେ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ବିକାଶ କୁମାର ବେହେରା (୨୯)କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ପୂର୍ତ୍ତ ବିଭାଗ ଅଧୀନ ନିର୍ମାଣ ସୌଧରେ କନିଷ୍ଠ କିରାଣି ଚାକିରି କରାଇ ଦେବାକୁ କହି ଅଭିଯୁକ୍ତ ବିକାଶ କୁମାର ବେହେରା ୨ଜଣଙ୍କ ଠାରୁ ଟଙ୍କା ନେଇଥିଲା । ବିକାଶର ବାପା ସ୍ୱର୍ଗତଃ ବିଜୟ କୁମାର ବେହେରା ନିର୍ମାଣ ସୌଧରେ ଚାକିରି କରିଥିଲେ । ଯାହା ଫଳରେ ବିକାଶ ସେହି କାର୍ଯ୍ୟାଳୟର କର୍ମଚାରୀଙ୍କ ସମ୍ପର୍କରେ ଭଲଭାବରେ ଅବଗତ ଥିଲା । ବିକାଶ ବାପାଙ୍କ ମୃତ୍ୟୁ ହେବା ପରେ ସେ ସେହି ଅଫିସ୍‌କୁ ଯାଇ ବିଭିନ୍ନ ଲୋକଙ୍କ ସହ ନିବିଡ ସମ୍ପର୍କ ଗଢିଥିଲା । ଯାହା ଫଳରେ ଅଭିଯୋଗକାରୀ ଜେଏମ୍‌ଏସ୍ ବିପ୍ଳବ ଓ ତାଙ୍କ ସାଙ୍ଗ ଜି.କ୍ଷେତ୍ରମୋହନଙ୍କୁ ସରକାରୀ ଚାକିରି କରାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିଛିଦିନ ପରେ ଚାକିରର ପ୍ରୋସେସିଂ ଫି' ଆଳରେୟୁପିଆଇ ମାଧ୍ୟମରେ ୫ ହଜାର ଟଙ୍କା ଏବଂ ନିର୍ମାଣ ସୌଧ ନିକଟରେ ଉଭୟଙ୍କ ଠାରୁ ୫୦ ହଜାର ଟଙ୍କା ଲେଖାଏଁ ନେଇଥିଲା । ୧ଲକ୍ଷ ୫ହଜାର ଟଙ୍କା ନେବା ପରେ ସେ ଆଉ ଅଭିଯୋଗକାରୀଙ୍କୁ ଧରାଛୁଆଁ ଦେଇନଥିଲା । ସେ ଦୁହେଁ ଟଙ୍କା ମାଗିବା ଭୟରେ ମୋବାଇଲ ସୁଇଚ୍ ଅଫ୍ କରିଦେଇଥିଲା । ଅଭିଯୋଗ ଅନୁଯାୟୀ କ୍ୟାପିଟାଲ ଥାନ ପୋଲିସ ବିକାଶକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ "ଦୁର୍ଗାସୁର-୨୦୨୬'

# ଭକ୍ତି ଭାବ ଓ ସଙ୍ଗୀତ ମୂର୍ଚ୍ଛନାରେ କମ୍ପିଲା କ୍ୟାମ୍ପସ୍

କଟକ, (ସ୍ୱପ୍ର): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଙ୍ଗୀତ କ୍ଲବ୍ ଆନୁକୁଲ୍ୟରେ ଏକ ଆକର୍ଷଣୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା "ଦୁର୍ଗାସୁର-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏହାଦ୍ୱାରା ନିଜ ଅନ୍ତର୍ନିହିତ ସଙ୍ଗୀତ ପ୍ରତିଭାର ପ୍ରଦର୍ଶନ ନିମନ୍ତେ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ଏକ ଉପଯୁକ୍ତ ମଞ୍ଚ ମିଳି ପାରିଥିଲା । ପ୍ରତିଯୋଗିତାରେ ଶ୍ରୀଜିତା ବାନାର୍ଜୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବେଦାନ୍ତ ରାୟ ଏବଂ ସାଇନି ସିମ୍ରନ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଡକଟର ଦେବୀ ଦେବଯାନୀ ଏବଂ ଡକଟର ଆରାଧନା ପାଣିଗ୍ରାହୀ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରିଥିଲେ



। ଏଭଳି ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ତଥା କ୍ଲବ୍ ଗୁଡ଼ିକର ମୁଖ୍ୟ ପ୍ରଫେସର ଜୟପ୍ରକାଶ ଭଟ୍ଟ ମୂଲ୍ୟବାନ ମାର୍ଗଦର୍ଶନ ଦେଇ ଆସିଛନ୍ତି । ସଙ୍ଗୀତ କ୍ଲବର ମୁଖ୍ୟ ପରାମର୍ଶଦାତା ଡକଟର ଚିନ୍ମୟ କୁମାର ନାୟକଙ୍କ ସଂଯୋଜନା ଏବଂ ଡକଟର ମନୋଜ କୁମାର ଦାସ, ଡକଟର ସୁକାନ୍ତ କୁମାର ସାହୁ ତଥା ସଙ୍ଗୀତ କ୍ଲବର ଛାତ୍ର ସଂଯୋଜ କପି. ନିଶିକାନ୍ତ ରାଓଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଅଙ୍କିତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମଟିରେ ସଂଗୀତ ଏବଂ ଯୁବ ପ୍ରତିଭାର ସୁନ୍ଦର ସମନ୍ୱୟ ଘଟିଥିଲା ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଗୋପବନ୍ଧୁ ଜୟନ୍ତୀ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଥିଲା । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶିକ୍ଷାନୁଷ୍ଠାର ବରିଷ୍ଠ କର୍ମକର୍ତ୍ତା, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଧୂପ,ଦୀପ ସହ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉତ୍କଳମଣିଙ୍କ ପ୍ରତି ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଛାତ୍ରଛାତ୍ରୀମାନେ ସେହି ପୁଣ୍ୟାତ୍ମାଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଦିଗଦର୍ଶନ ଦେଇଥିଲେ । କୁଳପତି ପ୍ରଫେସର ଡ. ପୋପାଳ କୃଷ୍ଣ ନାୟକ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ତାମିଲନାଡୁ ସରକାରଙ୍କ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ କାହ୍ନୁ ଚରଣ ମାହାଲି,



ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା,କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ଡିନ୍ ପ୍ରଫେସର ଡ. ରଘୁନାଥ ସାହୁ , ପ୍ରଫେସର ଡ. କୁମ୍ଭକର୍ଣ୍ଣ ରାଉତ, ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର, ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଗୋପବନ୍ଧୁଙ୍କ ସେବା ଓ ସଂଗ୍ରାମୀ ଜୀବନୀ ଉପରେ ଆଲୋକପାତ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱର ଓ କଟକ ରେ ଆସିଲା ଲିନେନ୍ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଲିନେନ୍ ବ୍ରାଣ୍ଡ ଲିନେନ୍ କ୍ଲବ ଭୁବନେଶ୍ୱର ଓ କଟକରେ ତାହାର ସମସ୍ତ ତିନିଟି ସ୍ୱତନ୍ତ୍ର ଷ୍ଟୋର (ଏକ୍ସକ୍ଲୁସିଭ୍ ଷ୍ଟୋର) ରେ ୨୦୨୬ ସେପ୍ଟେମ୍ବର ୧୭ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଲିନେନ୍ ଉତ୍ସବ ୨୦୨୬ ପାଳନ କରୁଛି। ଏହି ବାର୍ଷିକ ପାର୍ବଣକାଳୀନ ଉତ୍ସବପାଳନ ଗ୍ରାହକମାନଙ୍କ ପାଇଁ ଏହି ଋତୁ ନିମନ୍ତେ ସେମାନଙ୍କର ୱାର୍ଡରୋବ୍ ପ୍ରସ୍ତୁତି ସକାଶେ ବ୍ରାଣ୍ଡର ଲିନେନ୍ କପଡା ବର୍ଗମାଳା ପ୍ରଦର୍ଶିତ କରୁଛି। କ୍ରେତାମାନେ ସାର୍ଟ, କୁର୍ତ୍ତା, ବନ୍ଦିସ୍ ଏବଂ ବିଶେଷ ଉତ୍ସବକାଳୀନ ପରିଧାନ ନିମନ୍ତେ କପଡାଗୁଡିକ ଦେଖିପାରିବେ। ଏହି ବର୍ଗମାଳା ପାର୍ବଣକାଳୀନ ସମାବେଶ ଏବଂ ତାହାସହିତ ଦୈନନ୍ଦିନ ପୋଷାକ ପରିଧାନ ନିମନ୍ତେ ବିକଳ୍ପ ପ୍ରଦାନ କରୁଛି, ଯେଉଁଥିରେ ଲିନେନ୍‌ର ହାଲୁକା ଅନୁଭବ ଏବଂ ବାୟୁ ଚଳାଚଳ କ୍ଷମତା ରଖୁଥିବା କପଡା ଏହି ଅଞ୍ଚଳର ଜଳବାୟୁ ପାଇଁ ଖାପ ଖୁଆଉଛି। ଷ୍ଟୋରଗୁଡିକରେ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଟେଲରିଂ ମଧ୍ୟ ଉପଲବ୍ଧ ହେଉଛି। ଚଳିତ ବର୍ଷ ସେମାନଙ୍କର ଉତ୍ସବ ପାଳନର ଅଂଶବିଶେଷ ହେବା ନିମନ୍ତେ ଆମେ ଅପେକ୍ଷା ରଖୁଛୁ," ବୋଲି ଶ୍ରୀ ଜଶବିନ୍ଦର କଟାରିଆ, ସିଇଓ- ଡୋମେଷ୍ଟିକ ଟେକ୍ସଟାଇଲ୍ସ, ଆଦିତ୍ୟ ବିର୍ଲା ଗ୍ରୁପ୍ କହିଥିଲେ। ଗ୍ରାହକମାନେ ଭୁବନେଶ୍ୱରରେ ଗୁରୁଦ୍ୱାରା ସିଂ ସଭା ନିକଟସ୍ଥ ଜନପଥ ଷ୍ଟୋର, ପଟିଆ ଷ୍ଟୋର ଏବଂ କଟକରେ ଡିସିପି କାର୍ଯ୍ୟାଳୟ ବିପରୀତ ପାଶ୍ୱର୍ରେ ଥିବା ସମସ୍ତ ତିନିଟି ଲିନେନ୍ କ୍ଲବ ଷ୍ଟୋରରେ ପଦାର୍ପଣ କରିପାରିବେ।

### ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା

# ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ତଥା କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସ ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବ ତଟ ରେଳପଥର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ନିକଟରେ ସମାପ୍ତ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବତଟ ରେଳପଥର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ଫୁଙ୍କୱାଲ ଅମିତ ରୋହିଦାସଙ୍କ ଏହି ସଫଳତା



ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ନିଷ୍ଠା, ସମର୍ପଣ ଭାବ ଓ ଉତ୍କୃଷ୍ଟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ। ସେ ରୋହିଦାସଙ୍କୁ ଯୁବ ହକି ଖେଳାଳି ତଥା ଭବିଷ୍ୟତର କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ। ଶ୍ରୀ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଅଭିଜ୍ଞତା ଓ ମାର୍ଗଦର୍ଶନ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରିତ କରିବା ସହ ପୂର୍ବ ତଟ ରେଳପଥରେ କ୍ରୀଡ଼ାର ଅଧିକ ପ୍ରସାର ଓ ପ୍ରୋତ୍ସାହନରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

### ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ କଟକରେ ସ୍ୱତନ୍ତ୍ର ଗହଣା ପ୍ରଦର୍ଶନୀ

# ନଭେମ୍ବର ୧୫ ପର୍ଯ୍ୟନ୍ତ ସମସ୍ତ ଗହଣା ଉପରେ ୩୦% ପର୍ଯ୍ୟନ୍ତ ରିଆତି

କଟକ, (ସବ୍ୟୁ ): ପ୍ରତିଷ୍ଠିତ ଗହଣା ବ୍ୟବସାୟିକ ସଂସ୍ଥା ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ କଟକ କ୍ୟାଣ୍ଟେନମେଣ୍ଟ ରୋଡ଼ ରେ ଥିବା





ଶୋ'ରୁମ୍‌ରେ ଶୁକ୍ରବାରଠାରୁ ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଗହଣା ପ୍ରଦର୍ଶନୀ 'ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜୁଏଲାରି ଶୋ' ଆରମ୍ଭ ହୋଇଛି। ସେଣ୍ଟ୍ ଜାଭିଅର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ସର ଉପାଧ୍ୟକ୍ଷା ସ୍ୱିଗ୍ଧା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ।ଏହି ପ୍ରଦର୍ଶନୀ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପୂଜା ପାର୍ବଣକୁ ଆଖିରେ ରଖି ଆଜିଠୁ ଦୀପାବଳି ଧନତରାଷ ପର୍ଯ୍ୟନ୍ତ ସମସ୍ତ ଗହଣା ଉପରେ ଗ୍ରାହାକମାନେ ୩୦% ପର୍ଯ୍ୟନ୍ତ ରିଆତି ପାଇବେ ବୋଲି ମାଲାବାର ପକ୍ଷରୁ ଘୋଷଣା କରାଯାଇଛି। ଆଜିର ଏହି ପ୍ରଦର୍ଶନୀରେ ସୁନା, ଅନକଟ୍ ହୀରା, ମୂଲ୍ୟବାନ ରତ୍ନପଥରରେ ନିର୍ମିତ ଗହଣା ସହ ମାଇନ୍ ଡାଏମଣ୍ଡସ୍‌ର ସ୍ୱତନ୍ତ୍ର ଡିଜାଇନ୍‌ର ଅଳଙ୍କାର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଥିବା ବେଳେ ରୁବି, ଏମେରାଲ୍ଡ, ଏଥନିକ୍ ଓ ଡିଭାଇନ୍ ଜୁଏଲାରି ସମେତ ବିଭିନ୍ନ ବର୍ଗର ଆକର୍ଷଣୀୟ ଗହଣା ମଧ୍ୟ ସ୍ଥାନ ପାଇଛି। ବିଶେଷ କରି ମାଲାବାରର 'ଏରା ' ବ୍ରାଣ୍ଡରେ ଅନକଟ୍ ହୀରା ଗହଣା, 'ପ୍ରେସିଏ 'ରେ ମୂଲ୍ୟବାନ ରତ୍ନପଥରର ଅଳଙ୍କାର ଏବଂ 'ମିନେ' ବ୍ରାଣ୍ଡରେ ହୀରା ଗହଣା ପ୍ରଦର୍ଶିତ ହେଉଛି। ଭାରତୀୟ କାରିଗରଙ୍କ ନିପୁଣ ହସ୍ତକଳା ଓ ଆଧୁନିକ ଡିଜାଇନ୍‌ର ସମନ୍ୱୟ ଏହି ଗହଣାଗୁଡ଼ିକର ବିଶେଷ ଆକର୍ଷଣ ହୋଇ ଥିବାରୁ ସବୁ ବର୍ଗର ଗ୍ରାହାକଙ୍କ ପାଇଁ ମନଲୋଭା ରହିବ ବୋଲି ଷ୍ଟୋର ମ୍ୟାନେଜର ମଦନ ମୋହନ ସାହୁ କହିଛନ୍ତି। ଏହି ପ୍ରଦର୍ଶନୀ ସମୟରେ ଶିକ୍ଷାବିତ ଡକ୍ଟର ପ୍ରଭୁଚରଣ ମହାନ୍ତି ଙ୍କ ସମେତ ସୋରୁମର ଅନ୍ୟାନ୍ୟ କର୍ମଚାରିମାନେ ଉପସ୍ଥିତ ଥିଲେ।

# ବେଦାନ୍ତ ଆଲୁମିନିୟମ୍ ଭାରତର ବିଦ୍ୟୁତ୍ ଯାନ ଦ୍ୱାରା ପରିବହନର ପରିବର୍ତ୍ତନକୁ ଗତି ଦେଇଛି

ଭୁବନେଶ୍ୱର, (ସବ୍ୟୁ) : ଭାରତରେ ଲୋକ ଓ ସାମଗ୍ରୀ ପରିବହନ ବ୍ୟବସ୍ଥାରେ ଏକ ନିରବ ପରିବର୍ତନ ଦ୍ରୁତ ଗତିରେ ଘଟୁଛି। 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ ଦିଗରେ ଦେଶ ଆଗକୁ ବଢୁଥିବାବେଳେ ଶିଳ୍ପଜଗତ ନବସୃଜନ, ସ୍ଥାୟୀତ୍ୱ ଓ ଉତ୍ପାଦନ କ୍ଷେତ୍ରର ଉତ୍କର୍ଷ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏହି ପରିବର୍ତନର କେନ୍ଦ୍ରରେ ରହିଛି ପରିବହନ କ୍ଷେତ୍ର। ଏହା ଅର୍ଥନୈତିକ ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ସହ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରୁଛି। ଏହି ପରିବର୍ତନର ଅନ୍ୟତମ ପ୍ରମୁଖ ଆଧାର ଭାବେ ବିଦ୍ୟୁତ୍ ଯାନର ଦ୍ରୁତ ପ୍ରସାର ଭବିଷ୍ୟତର ପରିବହନ ବ୍ୟବସ୍ଥାକୁ ନୂଆ ଦିଗ ଦେବା ସହ ଭାରତକୁ ବିଶ୍ୱସ୍ତରୀୟ ଓ ଭବିଷ୍ୟତମୁଖୀ ଅର୍ଥନୀତି ଭାବେ ଗଢ଼ି ତୋଳିବାର ଲକ୍ଷ୍ୟକୁ ମଜବୁତ କରିଛି। ବିଦ୍ୟୁତ୍ ଚାଳିତ ପରିବହନ ବ୍ୟବସ୍ଥା ଗତିଶୀଳ ହେଉଥିବାବେଳେ ଆଲୋଚନା କେବଳ ଯାନବାହନ





ମଧ୍ୟରେ ସୀମିତ ନ ରହି, ଏହାକୁ ସମର୍ଥନ କରୁଥିବା ସମଗ୍ର ପରିବେଶ ବ୍ୟବସ୍ଥା ଆଡ଼କୁ ବଢୁଛି। ବ୍ୟାଟେରୀ ପ୍ରଯୁକ୍ତି, ଚାର୍ଜିଂ ଭିତିଭୂମିଠାରୁ ଆରମ୍ଭ କରି ଉନ୍ନତମାନର ଉପାଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ଉପାଦାନ ଆଗାମୀ ପିଢ଼ିର ପରିବହନ ବ୍ୟବସ୍ଥା ଗଠନରେ ଗୁରୁତ୍ୱ ବହନ କରୁଛି। ଏଥିମଧ୍ୟରେ ଆଲୁମିନିୟମ୍ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଉପାଦାନ ଭାବେ ଉଭା ହୋଇଛି। ଏହାର ହାଲୁକା ଓଜନ ସହ ଦୃଢ଼ତା ଯୋଗୁଁ ବିଦ୍ୟୁତ୍ ଯାନରେ ଏହା ବିଶେଷ ଉପଯୋଗୀ। ଯାନର ଓଜନ ହ୍ରାସ ପାଇଲେ ଶକ୍ତି ବ୍ୟବହାରରେ ଦକ୍ଷତା ବଢ଼ିବା ସହ ଏହାର ଚାଳନା ଦୂରତା ମଧ୍ୟ ବୃଦ୍ଧି ପାଇଥାଏ। ତେଣୁ ଆଧୁନିକ ପରିବହନ ସମାଧାନରେ ଆଲୁମିନିୟମ୍ ଏକ ପ୍ରମୁଖ ନିର୍ମାଣ ଉପାଦାନରେ ପରିଣତ ହେଉଛି।

ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ଭାବେ ବେଦାନ୍ତ ଆଲୁମିନିୟମ୍ ଏହି ପରିବର୍ତନକୁ ସମର୍ଥନ କରିବାରେ ପ୍ରମୁଖ ଭୂମିକା ନେଉଛି। କମ୍ପାନୀ ବିଭିନ୍ନ ପରିବହନ ଓ ଉତ୍ପାଦନ କ୍ଷେତ୍ର ପାଇଁ ଉଚ୍ଚମାନର ଆଲୁମିନିୟମ୍ ଉତ୍ପାଦ ଯୋଗାଇ ଆସୁଛି। ପରିବହନ କ୍ଷେତ୍ରରେ ଉଦୀୟମାନ ସୁଯୋଗ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ବିଦ୍ୟୁତ୍ ଚାଳିତ ପରିବହନ ବ୍ୟବସ୍ଥାର ପରିବର୍ତନ ସେତେବେଳେ ପ୍ରକୃତ ଅର୍ଥରେ ପରିବର୍ତନକାରୀ ହୁଏ, ଯେତେବେଳେ ଏହା ସମଗ୍ର ମୂଲ୍ୟ ଶୃଙ୍ଖଳାରେ ମୂଲ୍ୟ ସୃଷ୍ଟି କରେ। ଶିଳ୍ପର ପରିଚାଳନାଠାରୁ ଆରମ୍ଭ କରି ଯାନର ଡିଜାଇନ୍ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ। ବେଦାନ୍ତ ଆଲୁମିନିୟମ୍ରେ ଆମେ ନିଜ କାର୍ଯ୍ୟକ୍ଷେତ୍ରରେ ପାରମ୍ପରିକ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ଏଭଳି ଉନ୍ନତ ଉପାଦାନ ବିକଶିତ କରୁଛୁ, ଯାହା ଅଟୋମୋବାଇଲ୍ ନିର୍ମାତାଙ୍କୁ ଅଧିକ ହାଲୁକା, ଦକ୍ଷ ଓ ଭବିଷ୍ୟତମୁଖୀ ଯାନ ନିର୍ମାଣରେ ସହାୟତା କରିବ। ଏହି ଦୁଇ ପ୍ରକାର ପଦକ୍ଷେପ ବିଦ୍ୟୁତ୍ ଯାନ ଆଡ଼କୁ ପରିବର୍ତନର ଅର୍ଥନୈତିକ ଓ ପରିବେଶଗତ ଯୁକ୍ତିକୁ ଆହୁରି ମଜବୁତ କରୁଛି।

### ଜାତିସଂଘରେ ସୀମାପାର ଆତଙ୍କବାଦକୁ ବିରୋଧ

# ଶୂନ୍ୟ ସହନଶୀଳତା ନୀତି ଦୋହରାଇଲା ଭାରତ



**ନ୍ୟୁୟର୍କ:** ସୀମାପାର ଆତଙ୍କବାଦ ବିରୋଧରେ ଭାରତ ନିଜର ଶୂନ୍ୟ ସହନଶୀଳତା ନୀତିକୁ ଜାତିସଂଘରେ ପୁଣି ଦୋହରାଇଛି। ଆତଙ୍କବାଦକୁ କୌଣସି ପରିସ୍ଥିତିରେ ଯଥାର୍ଥ ବୋଲି କୁହାଯାଇପାରିବ ନାହିଁ ଏବଂ ରାଷ୍ଟ୍ର ପ୍ରାୟୋଜିତ ଓ ସୀମାପାର ଆତଙ୍କବାଦୀ ନେଟୱର୍କ ବିରୋଧରେ ବିଶ୍ୱ ସମୁଦାୟ ଏକଜୁଟ ହୋଇ ନିର୍ଣ୍ଣାୟକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଭାରତୀୟ ସାଂସଦ ପ୍ରତିନିଧିମଣ୍ଡଳ କହିଛି। ଜାତିସଂଘ ମହାସଭାର ଅଧିବେଶନରେ ଯୋଗ ଦେବା ପାଇଁ ନ୍ୟୁୟର୍କ ଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ରାଜ୍ୟସଭା ସାଂସଦ ସିକନ୍ଦର କୁମାର ନେଇଥିଲେ। ଏହି ଗସ୍ତ ସମୟରେ ପ୍ରତିନିଧିମଣ୍ଡଳ ଜାତିସଂଘର ଆତଙ୍କବାଦ ନିରୋଧୀ କାର୍ଯ୍ୟାଳୟ (ୟୁଏନ୍‌ଓସିଟି)ର କାର୍ଯ୍ୟକାରୀ ଉପମହାସଚିବ ଆଲେକ୍ସଜାଣ୍ଡର ଜୁଏଲଭଟ ଭେଟିଥିଲେ। ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ଭାରତ ଓ ଜାତିସଂଘ ମଧ୍ୟରେ ସହଯୋଗକୁ ଅଧିକ ପ୍ରଭାବଶାଳୀ କରିବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ପ୍ରତିନିଧିମଣ୍ଡଳ କହିଛି ଯେ ଭାରତ ଦୀର୍ଘଦିନ ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି। ତେଣୁ ଆତଙ୍କବାଦ ମୁକାବିଲା ପାଇଁ ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ସୁରକ୍ଷିତ ସ୍ଥାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ନ ଦେଲେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ ବୋଲି ଭାରତ ପକ୍ଷରୁ କୁହାଯାଇଛି। ଆତଙ୍କବାଦୀମାନେ ଆଧୁନିକ ପ୍ରଯୁକ୍ତି, ଡିଜିଟାଲ୍ ମାଧ୍ୟମ ଓ ଅବୈଧ ଅର୍ଥ କାରବାରକୁ ବ୍ୟବହାର କରୁଥିବାରୁ ଏହାକୁ ରୋକିବା ପାଇଁ ଦେଶଗୁଡ଼ିକ ମଧ୍ୟରେ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ, ବୈଷୟିକ ସହଯୋଗ ଓ ଆଇନଗତ ବ୍ୟବସ୍ଥାରେ ସମନ୍ୱୟ ଆବଶ୍ୟକ ବୋଲି ଭାରତୀୟ ପ୍ରତିନିଧିମାନେ କହିଛନ୍ତି। ସାଇବର୍ ଜଗତରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ସେମାନଙ୍କ ଆର୍ଥିକ ସହାୟତାର ଉତ୍ସ ବନ୍ଦ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଭାରତର ମତ ହେଉଛି, ଆତଙ୍କବାଦର କୌଣସି ଭଲ ବା ଖରାପ ରୂପ ନାହିଁ। ସାଧାରଣ ନାଗରିକଙ୍କୁ ଜାଣିଶୁଣି ଆକ୍ରମଣ କରିବାକୁ କୌଣସି କାରଣ ଦର୍ଶାଇ ଯଥାର୍ଥ ପ୍ରମାଣିତ କରାଯାଇପାରିବ ନାହିଁ। ଆତଙ୍କବାଦର ମୁକାବିଲା ପାଇଁ ବିଶ୍ୱର ସମସ୍ତ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ସହ ଏହାକୁ ସମର୍ଥନ ଓ ଆଶ୍ରୟ ଦେଉଥିବା ନେଟୱର୍କଗୁଡ଼ିକୁ ଦାୟୀ କରିବା ଦରକାର ବୋଲି ଭାରତ ଆହ୍ୱାନ ଦେଇଛି।

### ଅଶ୍ରୁଳ ବିଦାୟ

# ପଞ୍ଚଭୂତରେ ବିଲୀନ ନାନା



**ମୁମ୍ବାଇ:** ପଞ୍ଚଭୂତରେ ବିଲୀନ ହେଲେ ପ୍ରଖ୍ୟାତ ଅଭିନେତା ନାନା ପାଟେକର। ବିଳମ୍ବିତ ରାତିରେ ପୁଣେର ଡୋଞ୍ଜେ ଗାଁରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ତାଙ୍କୁ ଅନ୍ତିମ ବିଦାୟ ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହା ପରେ ଭାରତରେ ରାଜକୀୟ ସମ୍ମାନରେ ଶେଷକୃତ୍ୟ କରିବା ସମ୍ପର୍କିତ ନିୟମ ଓ ପରମ୍ପରା ଉପରେ ଆଲୋଚନା ଆରମ୍ଭ ହୋଇଛି। ଏହି ସମ୍ମାନ ହେଉଛି ଏକ ସରକାରୀ ସ୍ୱୀକୃତି, ଯାହା କେତେକ ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତି, ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ ଦେଶର ସେବାରେ ଅସାଧାରଣ ଅବଦାନ ଦେଇଥିବା କିମ୍ବା ନିଜ ଜୀବନ ବଳିଦାନ ଦେଇଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥାଏ। ତେବେ ପ୍ରତ୍ୟେକ ପ୍ରସିଦ୍ଧ ବ୍ୟକ୍ତିଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ରାଜକୀୟ ସମ୍ମାନରେ ଶେଷକୃତ୍ୟର ସୁଯୋଗ ମିଳେ ନାହିଁ। ଏହାର ନିଷ୍ପତ୍ତି ପ୍ରଚଳିତ ନିୟମ, ପ୍ରୋଟୋକଲ୍ ଏବଂ ସରକାରଙ୍କ ଅନୁମୋଦନ ଉପରେ ନିର୍ଭର କରେ। ପାରମ୍ପରିକ ଭାବେ ରାଜକୀୟ ସମ୍ମାନରେ ଶେଷକୃତ୍ୟ ଦେଶର ବରିଷ୍ଠ ସାମ୍ବିଧାନିକ ପଦବିରେ ଥିବା ବ୍ୟକ୍ତିଙ୍କ ସହ ଜଡ଼ିତ। ଏଥିରେ ବର୍ତ୍ତମାନର ଓ ପୂର୍ବତନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଉପରାଷ୍ଟ୍ରପତି ସାମିଲ ଅଛନ୍ତି। ପ୍ରଚଳିତ ନିୟମ ଅନୁସାରେ ବର୍ତ୍ତମାନର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ରାଜକୀୟ ସମ୍ମାନ ମିଳିପାରେ। ସିନେମା, ସାହିତ୍ୟ, ବିଜ୍ଞାନ, କ୍ରୀଡ଼ା, ରାଜନୀତି ଓ ସମାଜସେବା ଭଳି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ନାଗରିକଙ୍କୁ ମଧ୍ୟ ଏହି ସମ୍ମାନ ଦିଆଯାଇପାରେ। ଏଭଳି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜନସେବା, ସଫଳତା ଏବଂ ପ୍ରଚଳିତ ପ୍ରକ୍ରିୟାକୁ ଆଧାର କରି ସାଧାରଣତଃ ସରକାର ନିଷ୍ପତ୍ତି ନେଇଥାନ୍ତି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଜୀବନ ହରାଇଥିବା ସଶସ୍ତ୍ର ବାହିନୀ ଓ ପୁଲିସ କର୍ମଚାରୀଙ୍କୁ ମଧ୍ୟ ସରକାରୀ କିମ୍ବା ସାମରିକ ସମ୍ମାନ ଦିଆଯାଇପାରେ। ମୃତ୍ୟୁର ପରିସ୍ଥିତି ଏବଂ ସମ୍ପୃକ୍ତ ବିଭାଗର ନିୟମ ଅନୁସାରେ ଏହି ସମ୍ମାନର ସ୍ୱରୂପ ନିର୍ଦ୍ଧାରିତ ହୋଇଥାଏ। ଅନେକ ଆଲୋଚନାରେ ନାନା କହିଥିଲେ, 'ଜନ୍ମ ମୃତ୍ୟୁ ଏହା ହିଁ ସତ। ଜନ୍ମ ହୋଇଛେ ମାନେ ମୃତ୍ୟୁ ନିଶ୍ଚିତ। ମୋର ଇଚ୍ଛା ମୋର ମୃତ୍ୟୁ ପରେ ଫାର୍ମହାଉସରେ ହିଁ ମୋର ଜୁଇ ଜଳାଯିବ।'ନାନାଙ୍କ ଏହି ଇଚ୍ଛା ଅନୁସାରେ ତାଙ୍କ ଫାର୍ମହାଉସରେ ହିଁ ପୁଅ ମଲ୍ହାର ପାଟେକର ପିତାଙ୍କୁ ମୁଖାଗ୍ନି ଦେଇ ଶେଷକୃତ ସମ୍ପନ୍ନ କରିଥିଲେ। ଏହି ସମୟରେ 'ନାନା ସାହେବ ଅମର ରହେ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମ୍ପୂର୍ଣ୍ଣ ପରିବେଶ। ଗତ ଅକ୍ଟୋବର ୮ ତାରିଖରେ ନାନାଙ୍କ ହୃଦଘାତ ଯୋଗୁଁ ୭୫ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

# ୟୁକ୍ରେନରେ ରୁଷ୍ ତାଣ୍ଡବ: ୭୮ ମୃତ



**କିଭ:** ରୁଷ୍ ଆକ୍ରମଣ ବିରୋଧରେ କିଭକୁ ସାହାଯ୍ୟ କରିବାକୁ ଆମେରିକା ଇଚ୍ଛୁକ ନଥିବା ଗୁରୁବାର ୟୁକ୍ରେନ୍ ରାଷ୍ଟ୍ରପତି ବୋଲ୍ଡିମିର୍ ଜେଲେନସ୍କି ଅଭିଯୋଗ କରିଛନ୍ତି। ରୁଷ୍ ଲଗାତାର ଦୁଇଦିନ ହେଲା ୟୁକ୍ରେନ୍ ଉପରେ ଭୀଷଣ ଆକ୍ରମଣ ଜାରି ରଖିଛି। ପୂର୍ବାଞ୍ଚଳ ସହର କ୍ରାମଟୋର୍ସ୍କ ଦୁଇ ଦିନ ଧରି ୟୁକ୍ରେନରେ ହୋଇଥିବା ଆକ୍ରମଣରେ ମୃତ୍ୟୁ ସଂଖ୍ୟା ୭୮କୁ ବୃଦ୍ଧି ପାଇଛି। ଉତ୍ତର ୟୁକ୍ରେନରେ ଥିବା ସହର ପ୍ରିଲୁକିରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାବେଳେ ଜେଲେନସ୍କି କହିଛନ୍ତି, ରୁଷ୍ର ଭୀଷଣ ଆକ୍ରମଣ ଯୋଗୁ ସାରା ଦେଶରେ ଗତ ଦୁଇଦିନରେ ୭୮ ଜଣ ଲୋକଙ୍କ ମୃତ୍ୟୁ ଓ ୨୧୫ ଜଣ ଆହତ ହୋଇଛନ୍ତି। କିଭ୍‌ରୁ ପ୍ରାୟ ୧୩୦ କିଲୋମିଟର ପୂର୍ବରେ ଥିବା ପ୍ରିଲୁକିରେ ରୁଷ୍ର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ଏକ ଆବାସିକ କୋଠାରେ ୨୨ ଜଣଙ୍କ ସମେତ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ଜେଲେନସ୍କି ୱାସିଂଟନକୁ ମସ୍କୋ ସହିତ ସମ୍ଭାବ୍ୟ ଆର୍ଥିକ ସମ୍ପର୍କ ସ୍ଥାପନ କରିବା ପାଇଁ ସମାଲୋଚନା କରିଛନ୍ତି। ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଦିଗରେ କାର୍ଯ୍ୟ କରିବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଦାବି କରିଥିଲେ। ସେ ଷ୍ଟାରଲିଙ୍କ ସାଟେଲାଇଟ୍ ନେଟୱାର୍କକୁ ୟୁକ୍ରେନ୍ର ପ୍ରବେଶ ବିସ୍ତାର କରିବାକୁ ଅନୁରୋଧ କରିଥିଲେ ଯାହାଦ୍ୱାରା ଏହାର ସୈନ୍ୟବାହିନୀ ରୁଷ୍ର ବାଲିଷ୍ଟିକ୍-କ୍ଷେପଣାସ୍ତ୍ର ଲଞ୍ଚରକୁ ଟାର୍ଗେଟ କରିବାରେ ଓ ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବାରେ ସାହାଯ୍ୟ ପାଇପାରିବେ।

## ନୋଏଡା ବିମାନବନ୍ଦର ମୋଦୀଙ୍କ ନାମରେ ନାମିତ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଜେୱରଠାରେ ଥିବା ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ନାମ ପରିବର୍ତ୍ତନ କରାଯାଇ 'ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ବିମାନବନ୍ଦର ନୋଏଡା-ଜେୱର' ରଖାଯିବ। ଏଥିପାଇଁ ଉତ୍ତରପ୍ରଦେଶ ମନ୍ତ୍ରିମଣ୍ଡଳ ଶୁକ୍ରବାର ପ୍ରସ୍ତାବ ଅନୁମୋଦନ କରିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌରେ ମନ୍ତ୍ରିମଣ୍ଡଳ ବୈଠକ ପରେ ଏହି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ମୁଖ୍ୟ ଭାବେ ୨୫ ବର୍ଷର ନିରବଚ୍ଛିନ୍ନ ଯାତ୍ରାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଥିବା ଯୋଗୀ କହିଛନ୍ତି। ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାଠାରୁ ମୋଦୀ ରାଜ୍ୟ ବା କେନ୍ଦ୍ରରେ ସରକାରର ମୁଖ୍ୟ ରହିଆସିଛନ୍ତି। ଏହି ଅବସରରେ ଉତ୍ତରପ୍ରଦେଶ ମନ୍ତ୍ରିମଣ୍ଡଳ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ବିକାଶରେ ତାଙ୍କ ଭୂମିକାକୁ ପ୍ରଶଂସା କରିଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଯାତ୍ରୀ ଚାପ କମାଇବା ଉଦ୍ଦେଶ୍ୟରେ ଜେୱର ବିମାନବନ୍ଦର ନିର୍ମାଣ କରାଯାଇଛି। ଗୌତମ ବୁଦ୍ଧ ନଗର ଜିଲ୍ଲାରେ ଅବସ୍ଥିତ ଏହି ବିମାନବନ୍ଦର ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳର ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର। ଏହାର ପ୍ରଥମ ପର୍ଯ୍ୟାୟକୁ ପ୍ରଧାନମନ୍ତ୍ରୀ ମୋଦୀ ୨୦୨୬ ମାର୍ଚ୍ଚ ୨୮ ତାରିଖରେ ଉଦ୍ଘାଟନ କରିଥିଲେ। ଜୁନ୍ ୧୫ରୁ ଏଠାରେ ବାଣିଜ୍ୟିକ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ବିମାନବନ୍ଦରରେ ବର୍ଷକୁ ୧ କୋଟି ୨୦ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପରିଚାଳନା କରିବାର କ୍ଷମତା ରହିଛି।

# ମସ୍କ ପୁଣି ହରାଇଲେ ଟ୍ରିଲିୟନେୟାର ମାନ୍ୟତା

**ୱାଶିଂଟନ:** ଟେସ୍ଲା ଓ ସ୍ପେସଏକ୍ସ ଭଳି କମ୍ପାନିର ମାଲିକ ଏଲନ୍ ମସ୍କ ମାସକ ମଧ୍ୟରେ ଦ୍ୱିତୀୟ ଥର ପାଇଁ ତାଙ୍କର ଟ୍ରିଲିୟନେୟାର ମାନ୍ୟତା ହରାଇଛନ୍ତି। ମସ୍କଙ୍କ ମାଲିକାନାରେ ଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ହ୍ରାସ ପାଇବା ଫଳରେ ତାଙ୍କର ସମ୍ପତ୍ତି ଦିନକରେ ୩୬.୪ ବିଲିଅନ ଡଲାର କମିଯାଇଛି। ଫୋର୍ବସ ତଥ୍ୟ ଅନୁଯାୟୀ ଅକ୍ଟୋବର ୮ ତାରିଖରେ ମସ୍କଙ୍କ ନିଟ୍ ସମ୍ପତ୍ତି ୯୯୧.୬ ବିଲିଅନ ଡଲାରକୁ କମିଯାଇଛି। ଏନ୍ଭିଡିଆ ଚିପ୍ସକୁ କିଣିବା ପାଇଁ କମ୍ପାନି ୪୦ ବିଲିଅନ ଡଲାର ସଂଗ୍ରହ କରିବାକୁ ଯୋଜନା ଚଳାଇଥିବା ସଂକ୍ରାନ୍ତ ରିପୋର୍ଟ ଆସିବା ପରେ ନିବେଶକମାନଙ୍କ ଚିନ୍ତା ବଢ଼ିଯାଇଛି। ଫଳରେ ସ୍ପେସଏକ୍ସର ସେୟାରରେ ପ୍ରାୟ ୩.୫ ପ୍ରତିଶତ ହ୍ରାସ ଘଟିଛି। ସେହିଭଳି ଟେସ୍ଲାର ସେୟାର ମୂଲ୍ୟରେ ୨ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ଉଲ୍ଲେଖଯୋଗ୍ୟ, ସ୍ପେସଏକ୍ସ ପୁଞ୍ଜି ବଜାରରେ ପ୍ରବେଶ କରିବା ପରେ ଚଳିତବର୍ଷ ଜୁନ ମାସରେ ମସ୍କ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ପାଲଟିଥିଲେ। କିଛି ସମୟ ପାଇଁ ତାଙ୍କର ସମ୍ପତ୍ତି ୧.୪୫ ଟ୍ରିଲିଅନ ଡଲାର ଛୁଇଁଥିଲା।

## ମେକ୍ସିକୋ ଜେଲରେ ଦଙ୍ଗା: ୧୦ ମୃତ

**ମେକ୍ସିକୋ ସିଟି:** ମେକ୍ସିକୋର ହିଂସାପ୍ରବଣ ରାଜ୍ୟ ସିନାଲୋଆରେ ଗୁରୁବାର ଏକ ଜେଲରେ ଭୀଷଣ ଦଙ୍ଗା ଘଟି ନଅ ଜଣ କଏଦୀ ଓ ଜଣେ ପରିଦର୍ଶକଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସୁରକ୍ଷା କାର୍ଯ୍ୟାଳୟ କହିଛି। ଏହି ଘଟଣାରେ ୧୬ ଜଣ କଏଦୀ ମଧ୍ୟ ଆହତ ହୋଇଛନ୍ତି। ସୁରକ୍ଷା କାର୍ଯ୍ୟାଳୟ ଏକ ବିବୃତିରେ କହିଛି ଯେ, ହିଂସାର କାରଣ ଜାଣିବା ପାଇଁ ପବ୍ଲିକ ପ୍ରସିକ୍ୟୁଟରମାନେ ତଦନ୍ତ କରିବେ। ରାଜ୍ୟ ସୁରକ୍ଷା ମୁଖପାତ୍ରଙ୍କ କାର୍ଯ୍ୟାଳୟ କହିଛି ଯେ, ଗୁଳିବିନିମୟରେ ତିନି ଜଣ ପୁଲିସ ଅଧିକାରୀ ଓ ଚାରି ଜଣ କଏଦୀଙ୍କ ମୃତ୍ୟୁ ହୋଇଥିଲା, ଅନ୍ୟପକ୍ଷରେ ଛଅ ଜଣ ପୁଲିସ ଅଧିକାରୀ ଓ ସାତ ଜଣ କଏଦୀ ଆହତ ହୋଇଥିଲେ। ଜେଲ ଭିତରେ କଏଦୀମାନେ କୌଣସି ପ୍ରକାରେ ବନ୍ଧୁକ ପାଇ କର୍ତ୍ତୃପକ୍ଷଙ୍କ ସହ ଲଢ଼ିଥିଲେ। ମେକ୍ସିକୋର ଜାତୀୟ ମାନବାଧିକାର କମିସନ ବୁଧବାର କହିଛନ୍ତି ଯେ, ଜେଲ୍ର ଭିତିଭୂମି ଓ କଏଦୀମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ସେମାନେ ଜେଲକୁ ଏକ ପ୍ରତିନିଧିମଣ୍ଡଳୀ ପଠାଇଥିଲେ।

## ଜେଡି ଭାନ୍ସଙ୍କ ଟିପ୍ପଣୀ ନେଇ ଭାରତର ଆପତ୍ତି



**ନୂଆଦିଲ୍ଲୀ:** ଭାରତୀୟ ଆଇଟି କମ୍ପାନିଗୁଡ଼ିକ ଉପରେ ଆମେରିକାର କଟକଣାକୁ ଭାରତ ସରକାର କଡ଼ା ବିରୋଧ କରିଛନ୍ତି। ଭାରତୀୟ ଆଇଟି ପେସାଦାରଙ୍କୁ ବନ୍ଧୁଆ ଶ୍ରମିକ ବୋଲି କହିଥିବା ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ମନ୍ତବ୍ୟକୁ ମଧ୍ୟ ଭାରତ ଅନୁଚିତ ଓ ଅପମାନଜନକ ବୋଲି କହିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଆମେରିକାର ଅର୍ଥନୀତି ଓ ନୂଆ ଜ୍ଞାନକୌଶଳର ବିକାଶରେ ଭାରତୀୟ ପେସାଦାରମାନେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି। ସେମାନଙ୍କୁ ଏପରି ଭାବେ ବର୍ଣ୍ଣନା କରିବା ଅତ୍ୟନ୍ତ ଅଶୋଭନୀୟ। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ପେସାଦାରମାନେ ଉଚ୍ଚଶିକ୍ଷିତ ଓ ଦକ୍ଷ। ସେମାନେ ଆମେରିକାର ଅର୍ଥନୀତି, ଗବେଷଣା, ନୂଆ ଉଦ୍ଭାବନ ଓ ଉତ୍ପାଦନ କ୍ଷମତା ବୃଦ୍ଧିରେ ସହାୟତା କରୁଛନ୍ତି। ବିଦେଶୀ ପ୍ରତିଭାଙ୍କ ଯୋଗଦାନ ଦ୍ୱାରା ଉଭୟ ଦେଶ ଲାଭବାନ ହେଉଛନ୍ତି। ଏହା ଆମେରିକୀୟ କମ୍ପାନିଗୁଡ଼ିକୁ ମଧ୍ୟ ବିଶ୍ୱ ବଜାରରେ ପ୍ରତିଯୋଗିତା କରିବାରେ ସହାୟତା କରୁଛି। ଦୁଇ ଦେଶ ମଧ୍ୟରେ ପ୍ରତିଭା ଓ ଦକ୍ଷ କର୍ମଚାରୀଙ୍କ ଆଦାନପ୍ରଦାନ ଉଭୟ ଅର୍ଥନୀତି ପାଇଁ ଲାଭଦାୟକ। ତେଣୁ ଏପରି କଟକଣା ଦୁଇ ଦେଶର ସହଭାଗୀ ଆର୍ଥିକ ଲକ୍ଷ୍ୟକୁ ଆଗକୁ ନେବ ନାହିଁ।

## ନନ୍ଦିଗ୍ରାମ ଉପନିର୍ବାଚନରେ ବିଜେପିର ବାଜିମାତ୍

**କୋଲକାତା:** ପଶ୍ଚିମବଙ୍ଗରେ ବିଜେପିର ଆଉ ଏକ ବିପୁଳ ବିଜୟ। ନନ୍ଦିଗ୍ରାମ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ବଡ଼ ବ୍ୟବଧାନରେ ବିଜୟୀ ହୋଇଛନ୍ତି ଦଳୀୟ ପ୍ରାର୍ଥୀ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ୧ ଲକ୍ଷ ୨୨ ହଜାର ୬୦୩ ଖଣ୍ଡ ଭୋଟ୍ରେ ପରାସ୍ତ କରିଛନ୍ତି ବିଜେପି ପ୍ରାର୍ଥୀ ହାସୀରାଣୀ ରଥ। ସେ ୧ ଲକ୍ଷ ୬୪ ହଜାର ୨୭୭ ଖଣ୍ଡ ଭୋଟ୍ ପାଇଥିବା ବେଳେ ମିଲନ ପ୍ରଧାନ ମାତ୍ର ୪୧ ହଜାର ୬୭୪ ଖଣ୍ଡ ଭୋଟ୍ ପାଇଛନ୍ତି। ୧୯୬୭ ପରଠୁ ଏହି ଆସନରେ ପ୍ରଥମ ଥର ପାଇଁ କୌଣସି ପ୍ରାର୍ଥୀ ଏତେ ସଂଖ୍ୟକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହା ପୂର୍ବରୁ ନନ୍ଦିଗ୍ରାମ ଆସନରେ ରେକର୍ଡ ବ୍ୟବଧାନରେ ନିର୍ବାଚନ ଜିତିଥିଲେ ଶୁଭେନ୍ଦୁ ଅଧିକାରୀ। ୨୦୧୬ ମସିହାରେ ସେ ତୃଣମୂଳ କଂଗ୍ରେସ ଟିକେଟ୍ରେ ଏହି ଆସନରେ ୮୧ ହଜାର ୨୩୦ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଗତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ସହିତ ଭବାନୀପୁର ଆସନରୁ ପ୍ରାର୍ଥୀ ହୋଇଥିଲେ। ସେ ଦୁଇଟି ଯାକ ଆସନରେ ବିଜୟୀ ହୋଇଥିବା ବେଳେ ନନ୍ଦିଗ୍ରାମ ଆସନକୁ ଛାଡ଼ି ଦେଇଥିଲେ। ସେଥିପାଇଁ ଏହି ଆସନରେ ଉପନିର୍ବାଚନ କରାଯାଇଥିଲା। ଏହି ଆସନରୁ ବିଜୟୀ ହୋଇଥିବା ହାସୀରାଣୀ ରଥ ହେଉଛନ୍ତି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କ ମା', ଯାହାଙ୍କୁ ଗତ ମେ' ୬ ତାରିଖରେ ଗୁଳି କରି ହତ୍ୟା କରାଯାଇଥିଲା। ନନ୍ଦିଗ୍ରାମ ସହିତ ପଶ୍ଚିମବଙ୍ଗର ରେଜିନଗର ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଠାରେ ବିଜେପି ପକ୍ଷରୁ ଶଙ୍ଖାରବ ସରକାର ପ୍ରାର୍ଥୀ ହୋଇଥିଲେ। ସେ ୭୫ ହଜାରରୁ ଅଧିକ ଭୋଟ୍ରେ ବିଜୟୀ ହୋଇଛନ୍ତି। ସେ ୧ ଲକ୍ଷ ୨୯ ହଜାର ୯୧୪ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଆମ୍ ଜନତା ଉନ୍ନୟନ ପାର୍ଟି ପ୍ରାର୍ଥୀ ଗୁଲାମ ନବୀ ଆଜାଦ ୫୪ ହଜାର ୯୮ ଖଣ୍ଡ ଭୋଟ୍ ପାଇଥିଲେ।

## ଭୂଭାଗରୁ ମହାକାଶ ଯାଏଁ ଜିଓର କନେକ୍ଟିଭିଟି ଯୋଜନା

**ନୂଆଦିଲ୍ଲୀ:** ଭୂଭାଗରେ ମୋବାଇଲ୍ ନେଟୱର୍କ ଓ ଫାଇବର୍ ପରେ ଏବେ ମହାକାଶକୁ ନେଟୱର୍କ ବିସ୍ତାର କରିବାକୁ ଯୋଜନା କରୁଛି ଜିଓ। ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍ ୨୦୨୬ରେ କମ୍ପାନୀ ପ୍ରାୟ ୧,୬୦୦ଟି ଲିଓ ସାଟେଲାଇଟ୍ ଏବଂ ଭାରତରେ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ନେଇ ଏକ ପ୍ରସ୍ତାବିତ ସାଟେଲାଇଟ୍ ନେଟୱର୍କର ଭିଜନ୍ ପ୍ରଦର୍ଶନ କରିଛି। ଜିଓ ଏହି ପ୍ରକଳ୍ପକୁ 'ସୋଭରେନ୍ ସାଟେଲାଇଟ୍ କନେକ୍ଟିଭିଟି' ଭାବେ ଉପସ୍ଥାପନ କରିଛି। ଦୁର୍ଗମ ଗ୍ରାମ, ଦ୍ୱୀପାଞ୍ଚଳ, ସୀମାନ୍ତ ଅଞ୍ଚଳ ଓ ଯେଉଁଠାରେ ସ୍ଥଳଭିତ୍ତିକ ନେଟୱର୍କ ପହଞ୍ଚାଇବା କଷ୍ଟକର, ସେଠାକୁ କନେକ୍ଟିଭିଟି ଯୋଗାଇବା ଏହାର ପ୍ରମୁଖ ଲକ୍ଷ୍ୟ। ପ୍ରସ୍ତାବିତ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ସାଟେଲାଇଟ୍ ନେଟୱର୍କକୁ ଭାରତର ଭୂଭାଗ ସହ ଯୋଡ଼ିବ। ଏଥିସହ ସାଟେଲାଇଟ୍ ନେଟୱର୍କକୁ ଜିଓର ବର୍ତ୍ତମାନର ମୋବାଇଲ୍ ଓ ଫାଇବର୍ ନେଟୱର୍କ ସହ ଏକୀକୃତ କରିବାର ଯୋଜନା ରହିଛି।

## ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢ଼ୁଛି: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ:** ମୃତ୍ୟୁଦଣ୍ଡକୁ ବାରମ୍ବାର ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯିବା ଓ ଏହା ପରେ ଦୋଷୀଙ୍କ ଅକାଳ ମୁକ୍ତି ଦାବିକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଅଦାଲତର ଅତ୍ୟଧିକ ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢ଼ୁଥିଛି ବୋଲି ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତ ମତ ଦେଇଛନ୍ତି। ଗୁରୁବାର ଏକ ଅକାଳ ମୁକ୍ତି ଆବେଦନର ଶୁଣାଣି ବେଳେ ସେ ଏହି ମୌଖିକ ମନ୍ତବ୍ୟ ଦେଇଥିଲେ। ଜଷ୍ଟିସ୍ ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କ ଖଣ୍ଡପୀଠ ହରିୟାଣାର ସଞ୍ଜୀବ କୁମାର ନାମକ ଜଣେ ଦୋଷୀଙ୍କ ଆବେଦନର ଶୁଣାଣି କରୁଥିଲେ। ଏକାଧିକ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ସଞ୍ଜୀବଙ୍କ ଦଣ୍ଡ ପରେ ଆଜୀବନ କାରାଦଣ୍ଡକୁ ହ୍ରାସ କରାଯାଇଥିଲା। ଜେଲରେ ୨୦ ବର୍ଷ ବିତାଇବା ପରେ ସେ ହରିୟାଣା ସରକାରଙ୍କ ୨୦୦୨ ମସିହାର କ୍ଷମାଦାନ ନୀତି ଅନୁସାରେ ଅକାଳ ମୁକ୍ତି ଦାବି କରିଥିଲେ। ରାଜ୍ୟ ସରକାର ତାଙ୍କ ଆବେଦନ ଖାରଜ କରିଥିବାବେଳେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଡିସେମ୍ବର ୨୦୨୫ରେ ସେହି ନିଷ୍ପତ୍ତିକୁ ରଦ୍ଦ କରି ମାମଲାର ପୁନର୍ବିଚାର ପାଇଁ କହିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା। ଜଷ୍ଟିସ୍ ଦତ୍ତ କହିଥିଲେ, ପୂର୍ବରୁ ହତ୍ୟା ଭଳି ଅପରାଧରେ ମୃତ୍ୟୁଦଣ୍ଡ କେବଳ 'ବିରଳରୁ ବିରଳତମ' ମାମଲାରେ ଦିଆଯାଉଥିଲା। ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବା ପରେ ପୁଣି ଅକାଳ ମୁକ୍ତି ଦାବି କରାଯିବାକୁ ନେଇ ମଧ୍ୟ ଖଣ୍ଡପୀଠ ଆପତ୍ତି ଉଠାଇଥିଲେ। ଏହାକୁ ବୁଝାଇବା ପାଇଁ ଜଷ୍ଟିସ୍ ଦତ୍ତ ଏକ ପୂର୍ବ ମାମଲାର ଉଦାହରଣ ଦେଇଥିଲେ। ଜଣେ ବ୍ୟକ୍ତି ନିଜ ବଡ଼ ଝିଅକୁ ଦୁଷ୍କର୍ମ କରି ହତ୍ୟା କରିଥିଲେ। ପତ୍ନୀଙ୍କ ସାକ୍ଷ୍ୟ ଆଧାରରେ ସେ ଆଜୀବନ କାରାଦଣ୍ଡ ପାଇଥିଲେ। ପରେ ପାରୋଲରେ ମୁକୁଳିବା ପରେ ସେ ନିଜ ପତ୍ନୀଙ୍କୁ ସାନ ଝିଅ ସମ୍ମୁଖରେ ହତ୍ୟା କରିଥିଲେ। ସାନ ଝିଅର ସାକ୍ଷ୍ୟ ଆଧାରରେ ତାଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା। କିନ୍ତୁ ପରେ ସୁପ୍ରିମକୋର୍ଟ ସେହି ଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ। ଏଭଳି ମାମଲାରେ ଦୟାଭାବର ସୀମା ରହିବା ଆବଶ୍ୟକ ବୋଲି ଜଷ୍ଟିସ୍ ଦତ୍ତ କହିଥିଲେ। ଖଣ୍ଡପୀଠ ସଞ୍ଜୀବ କୁମାରଙ୍କ ଅକାଳ ମୁକ୍ତି ମାମଲାରେ ରାଜ୍ୟ ସରକାରଙ୍କଠାରୁ ଅଧିକ ତଥ୍ୟ ମାଗିଛନ୍ତି।

# ସଂଘର୍ଷ କରି 'ଶାନ୍ତି' ପାଇଥିବା ମହିଳା ଭାରତୀୟ ବଂଶୋଦ୍ଭବ



**ନୂଆଦିଲ୍ଲୀ:** ବର୍ଷ ୨୦୨୬ ପାଇଁ ଶୁକ୍ରବାର ଘୋଷଣା କରାଯାଇଛି ନୋବେଲ ଶାନ୍ତି ପୁରସ୍କାର। ଏହି ପୁରସ୍କାର ପାଇବେ ଦକ୍ଷିଣ ଆଫ୍ରିକୀୟ ବିଚାରପତି ନଭନେଥେମ ନଭି ପିଲେ। ସେ ଜଣେ ଭାରତୀୟ ବଂଶୋଦ୍ଭବ। ସାରା ଜୀବନ ସେ ଶାନ୍ତି ଓ ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହିତ କରିଆସିଥିବାରୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି। ବର୍ଷ ୨୦୨୬ ପାଇଁ ଶୁକ୍ରବାର ଘୋଷଣା କରାଯାଇଛି ନୋବେଲ ଶାନ୍ତି ପୁରସ୍କାର। ଏହି ପୁରସ୍କାର ପାଇବେ ଦକ୍ଷିଣ ଆଫ୍ରିକୀୟ ବିଚାରପତି ନଭନେଥେମ ନଭି ପିଲେ। ସେ ଜଣେ ଭାରତୀୟ ବଂଶୋଦ୍ଭବ। ସାରା ଜୀବନ ସେ ଶାନ୍ତି ଓ ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହିତ କରିଆସିଥିବାରୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି। ୮୫ ବର୍ଷୀୟା ନଭନେଥେମ ନଭି ପିଲେ ୧୯୪୧ ମସିହା ସେପ୍ଟେମ୍ବର ୨୩ ତାରିଖରେ ଦକ୍ଷିଣ ଆଫ୍ରିକାର ଡରବାନର ନେଟାଲ ପ୍ରାନ୍ତରେ ଏକ ଭାରତୀୟ ତାମିଲ ପରିବାରରେ ଜନ୍ମ ହୋଇଥିଲେ। ସେମାନେ ଥିଲେ ଆଠ ଭାଇଭଉଣୀ। ତାଙ୍କ ପରିବାର ଖୁବ୍ ଗରିବ ଥିଲା। ତାଙ୍କ ଜେଜେ ବାପା ତାମିଲନାଡୁରୁ ଗୋଟି ଶ୍ରମିକ ଭାବେ ଦକ୍ଷିଣ ଆଫ୍ରିକାକୁ ଯାଇ ସେଠାରେ ସ୍ଥାୟୀ ଭାବେ ରହି ଯାଇଥିଲେ। ନଭନେଥେମ ନଭି ପିଲେଙ୍କ ବାପା ଜଣେ ବସ୍ ଡ୍ରାଇଭର ଥିଲେ। ଅଧିକ ଆୟ ପାଇଁ ବେଳେ ବେଳେ ସେ ମାଛ ଧରୁଥିଲେ। ଯେଉଁ ସମୟରେ ନଭନେଥେମ ନଭି ପିଲେ ପ୍ରାଥମିକ ସ୍କୁଲରେ ପଢୁଥିଲେ ତାଙ୍କର ବହୁ ସାଙ୍ଗ ବିବାହ କରି ସାରିଥିଲେ। କିନ୍ତୁ ନଭନେଥେମ ନଭି ପିଲେ ଓ ତାଙ୍କର ଅନ୍ୟ ଦୁଇ ଭଉଣୀଙ୍କୁ ସେମାନଙ୍କର ଭାଇମାନଙ୍କ ଭଳି ପାଠ ପଢ଼ିବାକୁ ପ୍ରୋତ୍ସାହିତ କରିଥିଲେ ତାଙ୍କ ବାପା। ବହୁ ପ୍ରତିକୂଳ ପରିସ୍ଥିତିରେ ଓ ବର୍ଣ୍ଣ ବୈଷମ୍ୟ ଯୁଗରେ ନଭନେଥେମ ନାଭୀ ପିଲ୍ଲାଇ ତାଙ୍କ ପାଠପଢ଼ା ଶେଷ କରି ଦକ୍ଷିଣ ଆଫ୍ରିକାର ନେଟାଲ ପ୍ରାନ୍ତରେ ଓକିଲାତି ଆରମ୍ଭ କରିଥିଲେ। ନେଟାଲ ପ୍ରାନ୍ତରେ ଓକିଲାତି କରିବାରେ ସେ ହେଉଛନ୍ତି ପ୍ରଥମ ଅଣ-ଶ୍ୱେତ ମହିଳା। ଦିନ ଥିଲା ଯେତେବେଳେ ଅଣ-ଶ୍ୱେତ ହୋଇଥିବାରୁ ତାଙ୍କୁ ଦକ୍ଷିଣ ଆଫ୍ରିକାରେ ବିଚାରପତିମାନଙ୍କ ଚାମ୍ବରରେ ପ୍ରବେଶ କରିବାକୁ ଅନୁମତି ମିଳି ନଥିଲା। କିନ୍ତୁ ଏହା ତାଙ୍କର ଓକିଲାତି ଜୀବନକୁ ପ୍ରଭାବିତ କରିପାରି ନଥିଲା। ୧୯୯୫ ମସିହାରେ ବର୍ଣ୍ଣ ବୈଷମ୍ୟବାଦର ଅନ୍ତ ପରେ ତାଙ୍କୁ ଦକ୍ଷିଣ ଆଫ୍ରିକାର ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ସହିତ ସେ ହୋଇଥିଲେ ଦକ୍ଷିଣ ଆଫ୍ରିକା ହାଇକୋର୍ଟର ପ୍ରଥମ ଅଣ-ଶ୍ୱେତ ମହିଳା ବିଚାରପତି। ମାନବାଧିକାର ଲଢ଼େଇରେ ତାଙ୍କର ଯୋଗଦାନ ଐତିହାସିକ ଥିଲା। ନିଷ୍ଠୁର ବର୍ଣ୍ଣବୈଷମ୍ୟ ଯୁଗରେ ସେ ନେଲସନ ମଣ୍ଡେଲା ଓ ଅନ୍ୟ ମାନବାଧିକାରୀ କର୍ମୀଙ୍କ ଭଳି ରାଜନୀତିକ ବନ୍ଦୀମାନଙ୍କର ପ୍ରତିନିଧିତ୍ୱ କରିଥିଲେ ଓ ଜେଲ୍ରେ ସେମାନଙ୍କୁ ଦିଆଯାଉଥିବା ନିର୍ଯାତନା ବିରୋଧରେ ସ୍ୱର ଉଠାଇଥିଲେ। ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ନଭନେଥେମ ନାଭୀ ପିଲ୍ଲାଇ ଜାତିସଂଘରେ ମାନବାଧିକାର କମିଶନର ଭାବେ କାର୍ଯ୍ୟ କରିଥିଲେ। ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସେ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟରେ ବିଚାରପତି ରହିଥିଲେ। ରୁଆଣ୍ଡାରେ ହୋଇଥିବା ନରସଂହାର ପାଇଁ ଗଠନ କରାଯାଇଥିବା ଇଣ୍ଟରନ୍ୟାଶନାଲ କ୍ରିମିନାଲ ଟ୍ରିବ୍ୟୁନାଲରେ ସେ ପ୍ରଥମେ ବିଚାରପତି ଓ ପରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ୧୯୯୫ରୁ ୨୦୦୩ ମଧ୍ୟରେ ସେ ପର୍ଯ୍ୟାୟକ୍ରମେ ଏହି ଦୁଇ ପଦବୀରେ କାର୍ଯ୍ୟ କରିଥିଲେ। ଏହି ସମୟରେ ସେ ଏକ ଐତିହାସିକ ରାୟ ଦେଇଥିଲେ ଯେଉଁଥିରେ ଅନ୍ତରାଷ୍ଟ୍ରୀୟ ଆଇନରେ ପ୍ରଥମ ଥର ପାଇଁ ଦୁଷ୍କର୍ମ ଓ ଯୌନ ହିଂସାକୁ ନରସଂହାର ଅଂଶ ଭାବେ ବିବେଚନା କରାଯାଇଥିଲା। ନଭନେଥେମ ନାଭୀ ପିଲ୍ଲାଇ ବର୍ଷ ବର୍ଷ ଧରି ବର୍ଣ୍ଣ ବୈଷମ୍ୟ ବିରୋଧୀ କର୍ମୀ ଓ ରାଜନୀତିକ ବନ୍ଦୀମାନଙ୍କ ପାଇଁ ଲଢ଼ିଥିଲେ। ତା' ସହିତ ଦକ୍ଷିଣ ଆଫ୍ରିକାରେ ମହିଳାଙ୍କ ଅଧିକାର ପାଇଁ ମଧ୍ୟ ସେ ଲଢ଼େଇ କରିଛନ୍ତି।

# ହୋପଙ୍କ ଶତକରେ ଭାରତ ଫିଙ୍କା

## ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ୧-୧



ରାଞ୍ଚି, ୯ ।୧୦(ଏଜେନ୍ସି): ସାଇ ହୋପଙ୍କ ଧୂଆଁଧାର ଶତକ ଓ ସେରଫାନେ ରଦରଫୋର୍ଡଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତକୁ ଦ୍ୱିତୀୟ ଟି-୨୦ ମ୍ୟାଚରେ ୬ ୱିକେଟରେ ପରାସ୍ତ କରିଛି ୱେଷ୍ଟଇଣ୍ଡିଜ୍ । ଶୁକ୍ରବାର ରାଞ୍ଚିରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ରଖିଥିବା ୨୫୦ ରନର ବିଶାଳ ଲକ୍ଷ୍ୟକୁ ଭ୍ରମଣକାରୀ ଦଳ ମାତ୍ର ୧୮.୩ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଛି । ଏହି ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ସ୍ଥିତିକୁ ଫେରିଛି ।

୨୫୦ ରନର କଷ୍ଟସାଧ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ୍ ପ୍ରାରମ୍ଭରେ ତିନୋଟି ୱିକେଟ୍ ହରାଇଥିଲା । ଦଳ ୫୮ ରନରେ ୩ ୱିକେଟ୍ ହରାଇବା ପରେ ଭାରତ ବିଜୟ ଆଶା ଦେଖିଥିଲା । କିନ୍ତୁ ହୋପ୍ ଓ ରଦରଫୋର୍ଡ ଭାରତୀୟ ବୋଲର୍ଙ୍କ ଉପରେ ପ୍ରତିଆକ୍ରମଣ କରି ମ୍ୟାଚର ଗତି ବଦଳାଇ ଦେଇଥିଲେ । ଉଭୟ ଚତୁର୍ଥ ୱିକେଟ୍ ପାଇଁ ମାତ୍ର ୫୪ ବଲରେ ୧୨୦ ରନ୍ ଯୋଡ଼ିଥିଲେ । ହୋପ୍ ୪୫ ବଲରୁ ୧୦୨ ରନ୍ କରି ଅପରାଜିତ ରହିଥିଲେ । ତାଙ୍କ ଇନିଂସରେ ୬ଟି ଚୌକା ଓ ୯ଟି ଛକା ସାମିଲ ଥିଲା । ଅନ୍ୟପଟେ ରଦରଫୋର୍ଡ ମାତ୍ର ୩୭ ବଲରୁ ୮୪ ରନ୍ କରିଥିଲେ । ସେ ୭ଟି ଚୌକା ଓ ୭ଟି ଛକା ମାରି ଭାରତୀୟ ବୋଲିଂ ଆକ୍ରମଣକୁ ଚାପରେ ପକାଇଥିଲେ । ରଦରଫୋର୍ଡ ଆଉଟ୍ ହେବା ପରେ ରୋମାରିଓ ସେଫର୍ଡ ୧୩ ବଲରୁ ୩୪ ରନ୍ କରି ଦଳର ବିଜୟକୁ ଶୀଘ୍ର ସୁନିଶ୍ଚିତ କରିଥିଲେ । ଏହା ପୂର୍ବରୁ ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ୍ ହରାଇ ୨୪୯ ରନ୍ କରିଥିଲା । ସଞ୍ଜୁ ସାମସନ୍ ଦମଦାର ଆରମ୍ଭ କରି ୩୮ ବଲରୁ ୮୨ ରନ୍ କରିଥିଲେ । ତାଙ୍କ ଇନିଂସରେ ୬ଟି ଚୌକା ଓ ୬ଟି ଛକା ରହିଥିଲା । ଈଶାନ କିଶନ ୪୩ ରନ୍ କରିବା ସହ ସାମସନଙ୍କ ସହ ଦ୍ୱିତୀୟ ୱିକେଟ୍ ପାଇଁ ୯୭ ରନ୍ ଯୋଡ଼ିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରେୟସ ଆୟର ୧୮ ବଲ୍ରୁ ୪୦ ଏବଂ ତିଲକ ବର୍ମା ୧୮ ବଲ୍ରୁ ଅପରାଜିତ ୪୪ ରନ୍ କରି ଭାରତକୁ ବଡ଼ ସ୍କୋର୍ରେ ପହଞ୍ଚାଇଥିଲେ । ତଥାପି ବୋଲର୍ମାନେ ଏହି ସ୍କୋର୍କୁ ସୁରକ୍ଷା ଦେଇପାରି ନଥିଲେ । ହୋପ୍ ଓ ରଦରଫୋର୍ଡଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଭାରତର ବିଜୟ ଆଶାକୁ ଧୂଳିସାତ୍ କରିଦେଇଥିଲା । ଏହି ବିଜୟ ୱେଷ୍ଟଇଣ୍ଡିଜକୁ ସିରିଜରେ ଦୃଢ଼ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇଥିବା ବେଳେ ଆଗାମୀ ମ୍ୟାଚ ଗୁଡ଼ିକୁ ନେଇ ଉତ୍ସାହ ବଢ଼ାଇଛି ।

# ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି: ୨୭ରୁ ଲଢ଼େଇ



ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ପୁଣି ଥରେ ଅନ୍ତର୍ଜାତୀୟ ହକିର ରୋମାଞ୍ଚ ଦେଖିବ ପଞ୍ଜାବ । ପୁରୁଷ ହକିର ମର୍ଯ୍ୟାଦାଜନକ ହିରୋ ଏସୀୟ ଚାମ୍ପିଅନ୍ସ ଟ୍ରଫି ପଞ୍ଜାବ-୨୦୨୬ ପାଇଁ ଶୁକ୍ରବାର ମ୍ୟାଚ୍ ସୂଚୀ ଘୋଷଣା କରିଛି ଏସୀୟ ହକି ମହାସଂଘ । ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଜଳନ୍ଧର ଓ ମୋହାଲିରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଜଳନ୍ଧରର ଅଲିମ୍ପିଆନ୍ ସୁରଜିତ ସିଂହ ହକି ଷ୍ଟାଡିୟମରେ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟର ମ୍ୟାଚ୍ ଖେଳାଯିବ । ଏହା ପରେ ପ୍ରତିଯୋଗିତା ମୋହାଲିକୁ ସ୍ଥାନାନ୍ତର ହେବ । ସେଠାକାର ଅଲିମ୍ପିଆନ୍ ବଲବୀର ସିଂହ ସିନିୟର ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ନଭେମ୍ବର ୪ରେ ସେମିଫାଇନାଲ୍ ଏବଂ ନଭେମ୍ବର ୫ରେ ବ୍ରୋଞ୍ଜ ଓ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ଅନୁଷ୍ଠିତ ହେବ ।

**ଭାରତର ପ୍ରଥମ ମୁକାବିଲା ବାଂଲାଦେଶ ସହ**

ପ୍ରତିଯୋଗିତାରେ ଏସିଆର ୬ଟି ଦଳ—ଭାରତ, ମାଲେସିଆ, ଜାପାନ, ଦକ୍ଷିଣ କୋରିଆ, ଚୀନ୍ ଓ ବାଂଲାଦେଶ ଅଂଶଗ୍ରହଣ କରିବେ । ଭାରତ ଅକ୍ଟୋବର ୨୭ରେ ବାଂଲାଦେଶ ବିପକ୍ଷରେ ନିଜ ଅଭିଯାନ ଆରମ୍ଭ କରିବ । ଏହି ଦିନ ଉଦ୍ଘାଟନୀ ସମାରୋହ ମଧ୍ୟ ଆୟୋଜିତ ହେବ । ଭାରତର ସମସ୍ତ ଲିଗ୍ ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଅକ୍ଟୋବର ୨୯ରେ ଚୀନ୍, ୩୦ରେ ଜାପାନ, ନଭେମ୍ବର ୧ରେ ମାଲେସିଆ ଏବଂ ୨ରେ ଦକ୍ଷିଣ କୋରିଆକୁ ଭେଟିବ ଭାରତ । ଅକ୍ଟୋବର ୨୮ ଓ ୩୧ ସହ ନଭେମ୍ବର ୩କୁ ବିଶ୍ରାମ ଦିବସ ଭାବେ ରଖାଯାଇଛି ।

**ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟ**

ଏସୀୟ ଚାମ୍ପିଅନ୍ସ ଟ୍ରଫି ଇତିହାସରେ ଭାରତ ସବୁଠାରୁ ସଫଳ ଦଳ । ଭାରତ ୨୦୧୧, ୨୦୧୬, ୨୦୧୮ ରେ ପାକିସ୍ତାନ ସହ ଯୁଗ୍ମ ବିଜେତା ଭାବେ ଏବଂ ୨୦୨୩ ଓ ୨୦୨୪ରେ ଟାଇଟଲ୍ ଜିତିଛି । ନିକଟରେ ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିବା ଭାରତ ଏଥର ମଧ୍ୟ ଟାଇଟଲ୍ ଜିତିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ । ହକି ଇଣ୍ଡିଆର ସଭାପତି ଡ. ଦିଲୀପ ତିର୍କୀ କହିଛନ୍ତି, ମ୍ୟାଚ୍ ସୂଚୀ ଘୋଷଣା ହେବା ସହ ପ୍ରତିଯୋଗିତାକୁ ନେଇ ଉତ୍ସାହ ବଢ଼ିଛି । ଏସିଆର ବିଭିନ୍ନ ଦେଶର ଦଳଗୁଡ଼ିକୁ ପଞ୍ଜାବରେ ସ୍ୱାଗତ କରିବା ସହ ଉଚ୍ଚମାନର ହକି ଦେଖିବାକୁ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଳାନାଥ ସିଂହ ମଧ୍ୟ କହିଛନ୍ତି ଯେ, ଏହି ଆୟୋଜନ ମାଧ୍ୟମରେ ପଞ୍ଜାବର ହକି ପରମ୍ପରା, ଆତିଥ୍ୟ ଓ ଖେଳ ପ୍ରତି ଥିବା ଆଗ୍ରହକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାର ସୁଯୋଗ ମିଳିବ । ହକିପ୍ରେମୀଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତା ରୋମାଞ୍ଚକର ହେବ ବୋଲି ସେ ଆଶା ରଖିଛନ୍ତି ।

# ସିକେ ନାଇଡୁ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୯ ।୧୦(ସବ୍ୟୁ): ବିସିସିଆଇର ଘରୋଇ କ୍ରିକେଟ୍ ଋତୁ ୨୦୨୬-୨୭ ପାଇଁ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ୍ ନିମନ୍ତେ ଓଡ଼ିଶାର ୧୬ ଜଣିଆ ୨୩ ବର୍ଷରୁ କମ୍ ପୁରୁଷ ଦଳ ଘୋଷଣା କରାଯାଇଛି । ଶୁକ୍ରବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ପୁରୁଷ ଚୟନ କମିଟିର ଅଧ୍ୟକ୍ଷ କୁଳମଣି ପରିଡ଼ା ଦଳ ଘୋଷଣା କରିଛନ୍ତି । ସୁଜଳ ସିଂହଙ୍କୁ ଦଳର ଅଧିନାୟକ ଦାୟିତ୍ୱ ମିଳିଛି ।ଓଡ଼ିଶା ଅକ୍ଟୋବର ୧୨ରୁ ୧୫ ପର୍ଯ୍ୟନ୍ତ ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମ୍ରେ ବିହାର ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ । ଏହାପରେ ଅକ୍ଟୋବର ୧୯ରୁ ୨୨ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ବରୋଦା ସହ ଦ୍ୱିତୀୟ ମ୍ୟାଚ୍ ଖେଳିବ ଦଳ । ଘୋଷିତ ଦଳରେ ବ୍ୟାଟିଂ, ୱିକେଟରେ ରକ୍ଷଣ ଓ ବୋଲିଂ ବିଭାଗରେ ସନ୍ତୁଳନ ରଖିବାକୁ ଚୟନକର୍ତ୍ତା ଗୁରୁତ୍ୱ ଦେଇଛନ୍ତି । ଆୟୁଷ ସୁତାର, ପନକଲା ଶଶାଙ୍କ, ଉମେଶ ଗୌତମ, ଦିବ୍ୟଜ୍ୟୋତି ପଟ୍ଟନାୟକ, ସୁଜଳ ସିଂହ, ସାଇଦୀପ ମହାପାତ୍ର, ସୁବୀର ସର୍ଦ୍ଦାର, ମହମ୍ମଦ ସୋହେଲ ଖାନ୍, ସ୍ୱପ ଭୂୟାଁ, କମଳ କାନହର, ରିତେଶ ପ୍ରିୟରଞ୍ଜନ, ଆଶୁତୋଷ ମାରାଣ୍ଡି, ଓମ୍କାର ମହାନ୍ତି, ସାର୍ଥକ ପଣ୍ଡା, ଅର୍ପିତ ଏସ୍. ମହାନ୍ତି ଓ ଆର୍ଯ୍ୟନ ତିୱାରୀ ଦଳରେ ସ୍ଥାନ ପାଇଛନ୍ତି । ୱିକେଟରକ୍ଷକ ଭାବେ ଉମେଶ ଗୌତମ ଓ ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କୁ ଚୟନ କରାଯାଇଛି । ସାଇଦୀପ ମହାପାତ୍ର, ମହମ୍ମଦ ସୋହେଲ ଖାନ୍ ଓ ସ୍ୱପ ଭୂୟାଁ ଅଲରାଉଣ୍ଡର ଭାବେ ଦଳରେ ରହିଛନ୍ତି । ବୋଲିଂ ବିଭାଗରେ ଡାହାଣହାତୀ ମିଡିୟମ୍ ଫାଷ୍ଟ ବୋଲର କମଳ କାନହର, ଆଶୁତୋଷ ମାରାଣ୍ଡି ଓ ଆର୍ଯ୍ୟନ ତିୱାରୀଙ୍କ ସହ ବାମହାତୀ ସ୍ପିନର ରିତେଶ ପ୍ରିୟରଞ୍ଜନ ଏବଂ ଲେଗ୍ ସ୍ପିନର ସାର୍ଥକ ପଣ୍ଡା ରହିଛନ୍ତି । ଅର୍ପିତ ଏସ୍. ମହାନ୍ତି ଅଫ୍ ସ୍ପିନ୍ ବୋଲିଂ କରିବେ । ପ୍ରଥମ ଦୁଇଟି ମ୍ୟାଚ୍ରେ ଭଲ ପ୍ରଦର୍ଶନ କରି ଅଭିଯାନ ଆରମ୍ଭ କରିବା ଓଡ଼ିଶା ଯୁବ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଘରୋଇ ପଡ଼ିଆରେ ଦ୍ୱିତୀୟ ମ୍ୟାଚ୍ ଖେଳିବା ଦଳକୁ ଅତିରିକ୍ତ ସୁଯୋଗ ଦେବ ।

# କୋରିଆର ଆଧିପତ୍ୟ ଭାଙ୍ଗିଲେ, ଏବେ ଅଲିମ୍ପିକ୍ ସ୍ୱର୍ଣ୍ଣ ଲକ୍ଷ୍ୟ

ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ଦିନେ ଯେଉଁ ଦକ୍ଷିଣ କୋରିଆର ତୀରନ୍ଦାଜମାନଙ୍କୁ ଆଦର୍ଶ ଭାବେ ଦେଖୁଥିଲେ, ଆଜି ସେମାନଙ୍କୁ ପରାସ୍ତ କରି ଇତିହାସ ରଚିଛନ୍ତି ଭାରତର ଯୁବ ତୀରନ୍ଦାଜ କୁମ୍କୁମ୍ ମହୋଡ୍ । ଏସୀୟ କ୍ରୀଡ଼ାରେ ରିକର୍ଭ ତୀରନ୍ଦାଜୀରେ କୋରିଆର ଦୀର୍ଘଦିନର ଆଧିପତ୍ୟକୁ ଭାଙ୍ଗିବା ପରେ ଏବେ ତାଙ୍କ ନଜର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଉପରେ । ୧୭ ବର୍ଷ ବୟସରେ ଏଭଳି ବଡ଼ ସ୍ୱପ୍ନ ଦେଖୁଥିବା କୁମକୁମ ଆତ୍ମବିଶ୍ୱାସ ଭାରତୀୟ ତୀରନ୍ଦାଜୀ ପାଇଁ ନୂଆ ଆଶା ସଞ୍ଚାର କରିଛି । ଜାପାନର ଆଇଚି-ନାଗୋୟାରେ ଆୟୋଜିତ ୨୦୨୬ ଏସୀୟକ୍ରୀଡ଼ାରେ କୁମକୁମ ମହିଳା ବ୍ୟକ୍ତିଗତ ରିକର୍ଭ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ନୂଆ ଇତିହାସ ରଚିଥିଲେ । ଏହି ବିଭାଗରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି । ଫାଇନାଲରେ ଦକ୍ଷିଣ କୋରିଆର ଓହ ୟେଜିନଙ୍କ ସହ ତାଙ୍କର ଜୋରଦାର ମୁକାବିଲା ହୋଇଥିଲା । ନିର୍ଦ୍ଧାରିତ ରାଉଣ୍ଡ ପରେ ସ୍କୋର ୫-୫ରେ ସମାନ ରହିବାରୁ ଫଳାଫଳ ସୁଟ୍-ଅଫକୁ ଯାଇଥିଲା । ନିର୍ଣ୍ଣାୟକ ତୀରରେ କୁମକୁମ ୧୦ ପଏଣ୍ଟ ହାସଲ କରିଥିବା ବେଳେ କୋରିଆର ପ୍ରତିଦ୍ୱନ୍ଦ୍ୱୀ ୮ ପଏଣ୍ଟ ପାଇଥିଲେ ।

**କୋରିଆରୁ ଶିଖିଲେ, କୋରିଆକୁ ହରାଇଲେ**

ଦକ୍ଷିଣ କୋରିଆର ତୀରନ୍ଦାଜମାନେ ବର୍ଷ ବର୍ଷ ଧରି ରିକର୍ଭ ବିଭାଗରେ ପ୍ରଭାବ ବିସ୍ତାର କରିଆସିଛନ୍ତି । କୁମକୁମ ମଧ୍ୟ ସେମାନଙ୍କ ଖେଳର ଶୈଳୀ, ଶରୀରର ଗତିବିଧି ଓ ଏକାଗ୍ରତାକୁ ନିକଟରୁ ଅନୁଧ୍ୟାନ କରୁଥିଲେ । ସେମାନଙ୍କଠାରୁ ଶିଖିବା ସହ ନିଜ ଦୁର୍ବଳତା ଦୂର କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଶେଷରେ ଏସୀୟ କ୍ରୀଡ଼ାର ବଡ଼ ମଞ୍ଚରେ ସେହି କୋରିଆର ତୀରନ୍ଦାଜଙ୍କୁ ପରାସ୍ତ କରିବା ତାଙ୍କ ପରିଶ୍ରମର ଫଳ । ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ପୂର୍ବରୁ ମଧ୍ୟ କୁମକୁମ ଏହି ପ୍ରତିଯୋଗିତାରେ ଚମକ ଦେଖାଇଥିଲେ । ଅଙ୍କିତା ଭକତ ଓ କୀର୍ତ୍ତିଙ୍କ ସହ ମିଶି ସେ ମହିଳା ଦଳଗତ ରିକର୍ଭରେ ଭାରତକୁ ପ୍ରଥମ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ଦେଇଥିଲେ । ଧୀରଜ ବୋମ୍ମାଦେବରାଙ୍କ ସହ ମିଶ୍ରିତ ଦଳଗତ ବିଭାଗରେ ରୌପ୍ୟ ପଦକ ମଧ୍ୟ ଜିତିଥିଲେ । ଏହିପରି ନିଜର ପ୍ରଥମ ଏସୀୟ କ୍ରୀଡ଼ାରେ ସେ ମୋଟ ତିନୋଟି ପଦକ ହାସଲ କରିଛନ୍ତି ।

**ଏବେ ଲକ୍ଷ୍ୟ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ**

କୁମକୁମ ସଫଳତା କେବଳ ଏସୀୟ କ୍ରୀଡ଼ାରେ ସୀମିତ ନୁହେଁ । ବ୍ୟକ୍ତିଗତ ରିକର୍ଭରେ ତାଙ୍କ ସ୍ୱର୍ଣ୍ଣ ଜିତିବା ଭାରତକୁ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଏକ କୋଟା ସ୍ଥାନ ମଧ୍ୟ ଦେଇଛି । ଏହି କୋଟା ଖେଳାଳିଙ୍କ ବ୍ୟକ୍ତିଗତ ନୁହେଁ, ଦେଶର ଅଟେ । ତେଣୁ ଆଗାମୀ ଦିନରେ ଅଲିମ୍ପିକ୍ସରେ ଭାରତ ପକ୍ଷରୁ କିଏ ଖେଳିବେ, ତାହା ଚୟନ ପ୍ରକ୍ରିୟା ଉପରେ ନିର୍ଭର କରିବ । କୁମକୁମ ଏହି ସଫଳତା ପଛରେ ରହିଛି ଦୀର୍ଘଦିନର ଅଭ୍ୟାସ, ଶୃଙ୍ଖଳା ଓ ପରିବାରର ସମର୍ଥନ । ମହାରାଷ୍ଟ୍ରର ଅମରାବତୀରୁ ଆସିଥିବା ଏହି ଯୁବ ତୀରନ୍ଦାଜ ଆରମ୍ଭରୁ ସାଧାରଣ ଉପକରଣରେ ଅଭ୍ୟାସ କରିଥିଲେ । ପ୍ରଶିକ୍ଷକ ପ୍ରଫୁଲ ଡାଙ୍ଗେଙ୍କ ମାର୍ଗଦର୍ଶନରେ ସେ ନିଜର କୌଶଳ ଓ ଶାରୀରିକ ଦକ୍ଷତାକୁ ନିରନ୍ତର ଉନ୍ନତ କରିଛନ୍ତି । ଏବେ ଏସୀୟ ସ୍ତରରେ ନିଜ ଦକ୍ଷତା ପ୍ରମାଣିତ କରିବା ପରେ କୁମକୁମ ଆଗରେ ଆହୁରି ବଡ଼ ଆହ୍ୱାନ । ତାଙ୍କ ସ୍ୱପ୍ନ ସ୍ପଷ୍ଟ—ଅଲିମ୍ପିକ୍ ସ୍ୱର୍ଣ୍ଣ ଜିତିବା । ସେହି ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ଏସୀୟ କ୍ରୀଡ଼ାର ଏହି ଐତିହାସିକ ସଫଳତା ତାଙ୍କୁ ନୂଆ ପ୍ରେରଣା ଯୋଗାଇବ ।

# ସଞ୍ଜୁଙ୍କ ପାଇଁ ବୈଭବଙ୍କୁ ମିଳୁନି ସୁଯୋଗ

ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ଭାରତୀୟ ଟି-୨୦ ଦଳରେ ସୁଯୋଗ ମିଳୁଥିଲେ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଉନାହାନ୍ତି ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ । ତାଙ୍କ ସ୍ଥାନରେ ଫର୍ମରେ ନଥିବା ସଞ୍ଜୁ ସାମସନଙ୍କୁ ବାରମ୍ବାର ସୁଯୋଗ ଦିଆଯାଉଛି । ସବୁବେଳେ ଏପରି ଘଟଣା ୧୫ ବର୍ଷିୟ ବୈଭବ ସୂର୍ଯ୍ୟବଂଶୀଙ୍କ କ୍ୟାରିୟରକୁ ପ୍ରଭାବିତ କରୁଛି । ଏସବୁ ନେଇ ଚୟନକର୍ତ୍ତାଙ୍କୁ ସୂର୍ଯ୍ୟବଂଶୀ ବଡ ବାର୍ତ୍ତା ଦେଇଛନ୍ତି । ଶୁକ୍ରବାର ଭାରତ ଓ ଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟି-୨୦ ମ୍ୟାଚ ରାଞ୍ଚିରେ ଖେଳାଯାଉଛି । ଏଠାକାର ସ୍ଥାନୀୟ ବାସିନ୍ଦା ହେଉଛନ୍ତି ବୈଭବ ଓ ଇଶାନ କିଷାନ ତେଣୁ ସେମାନେ ଅଭ୍ୟାସ କରୁଥିବା ବେଳେ ବି ବହୁ ସଂଖ୍ୟାରେ ପ୍ରଶଂସକ ଦେଖିବା ପାଇଁ ଷ୍ଟାଡିୟମ ଆସିଥିଲେ । କିସାନ ରାଞ୍ଚି ପିଚକୁ ନେଇ ଆତ୍ମବିଶ୍ୱାସରେ ଭରପୂର ଅଛନ୍ତି । ସେ ଇଣ୍ଡିଜ ବିପକ୍ଷ ମ୍ୟାଚରେ ମଧ୍ୟ ୨୨ ବଲରୁ ୪୩ ରନର ଇନିଂସ ଖେଳିଛନ୍ତି । ଗତବର୍ଷ ସୟଦ ମୁସ୍ତକ ଅଲ୍ଲୀ ଟ୍ରଫିରେ ଇସାନ ରାଞ୍ଚିରେ ଭଲ ବ୍ୟାଟିଂ କରିଥିଲେ । ହରିୟାଣା ବିପକ୍ଷ ଫାଇନାଲରେ ସେ ୪୯ ବଲରୁ ୧୦୧ ରନ କରିଥିଲେ । ସେହିଭଳି ଅଭ୍ୟାସ ସେସନରେ ମୁଖ୍ୟ ଆକର୍ଷଣ ଥିଲେ ବୈଭବ । ନେଟ୍ସରେ ବ୍ୟାଟିଂ କରୁଥିବା ବେଳେ ପୋଲିସ କର୍ମୀ ପ୍ରଶଂସକ ଏବଂ ଗଣମାଧ୍ୟମ ପ୍ରତିନିଧି ତାଙ୍କ ବ୍ୟାଟିଂ ଦେଖୁଥିଲେ । କିନ୍ତୁ ଶୁକ୍ରବାର ଅସଲ ମ୍ୟାଚରେ ବୈଭବଙ୍କୁ ଚଡାନ୍ତ ଏକାଦଶରେ ସ୍ଥାନ ନାହିଁ । ବିହାରର ବୈଭବ ବଡ ସଟ ଖେଳିଥାନ୍ତି । ଆଇପିଏଲରେ ସେ ଅରେଞ୍ଜ କ୍ୟାପ ଜିତିଥିଲେ । ମାତ୍ର ୧୫ ବର୍ଷ ବୟସରେ ବିଶ୍ୱର ତାରକା ବୋଲରଙ୍କ ନିଦ ହଜାଇଦେଇଛନ୍ତି । ତଥାପି ଭାରତୀୟ ଦଳର ପ୍ରଶିକ୍ଷକ, ଅଧିନାୟକ ଏବଂ ଟିମ୍ ମ୍ୟାନେଜମେଣ୍ଟ ତାଙ୍କ ଉପରେ ଭରଷା ଦେଖାଇ ପାରୁନାହାନ୍ତି । ଏମିତି ଜାରି ରହିଲେ ବୈଭବଙ୍କ ଭଳି ବିସ୍ଫୋରକ ବ୍ୟାଟରଙ୍କ ମନୋବଳ ଭାଙ୍ଗି ଯିବ । ସାରା ବିଶ୍ୱକୁ ନିଜ ବ୍ୟାଟିଂରେ ପ୍ରଭାବିତ କରୁଥିବା ବୈଭବଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳିଲେ ଟିମ ଇଣ୍ଡିଆ ପାଇଁ ସେ ଗେମ ଚେଞ୍ଜର ସାବ୍ୟସ୍ତ ହୋଇପାରିବେ ।

# ପାରା ଏସୀୟ କ୍ରୀଡ଼ା ଚୟନରେ ଦୁର୍ନୀତି ଅଭିଯୋଗ: କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ ସୁଟର୍

ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ଆଗାମୀ ଏସୀୟ ପାରା କ୍ରୀଡ଼ା ପାଇଁ ଭାରତୀୟ ପାରା ସୁଟିଂ ଦଳ ଚୟନକୁ ନେଇ ବିବାଦ ତୀବ୍ର ହୋଇଛି । ଚୟନ ପ୍ରକ୍ରିୟାରେ ଦୁର୍ନୀତି, ପକ୍ଷପାତ ଓ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଥିବା ପାରା ସୁଟରମାନେ ଶୁକ୍ରବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କୁ ଭେଟି ନିଜ ଅସନ୍ତୋଷ ଜଣାଇଛନ୍ତି । ଏହି ମାମଲାରେ ତୁରନ୍ତ ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି । ପ୍ରତିବାଦୀ ସୁଟର୍ମାନଙ୍କ ଅଭିଯୋଗ ଅନୁଯାୟୀ, ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଆଗାମୀ ଅକ୍ଟୋବର ୧୮ରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏସୀୟ ପାରା କ୍ରୀଡ଼ା ପାଇଁ ଦଳ ଚୟନ କରିବା ବେଳେ ନିର୍ଦ୍ଧାରିତ ମାନଦଣ୍ଡକୁ କୋହଳ କରିଛି । ଯୋଗ୍ୟତା ମାନଦଣ୍ଡ ପୂରଣ କରିନଥିବା ଚାରି ଜଣ ସୁଟରଙ୍କୁ ଦଳରେ ସାମିଲ କରିବା ପାଇଁ ଏପରି କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏସିଆରେ ତୃତୀୟ ସ୍ଥାନରେ ଥିବା ପାରା ପିସ୍ତଲ ସୁଟର୍ ସନ୍ଦୀପ କୁମାର ଚୟନ ପ୍ରକ୍ରିୟାରେ ପକ୍ଷପାତ ହୋଇଥିବା କହିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ଏସିଆର ଏକ ନମ୍ବର ସୁଟର୍ ଆକାଶ ଏବଂ ତାଙ୍କୁ ଅଣଦେଖା କରି ମହାଦେଶୀୟ ମାନ୍ୟତାରେ ୧୪ତମ ସ୍ଥାନରେ ଥିବା ରୁଦ୍ରାଂଶ ଖଣ୍ଡେଲୱାଲଙ୍କୁ ଦଳରେ ସ୍ଥାନ ଦିଆଯାଇଛି ।

ବୁଧବାର ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ମହାନିର୍ଦ୍ଦେଶକଙ୍କ ନିକଟରେ ଦାଖଲ ଅଭିଯୋଗପତ୍ରରେ ସୁଟରମାନେ ଆର୍ଥିକ ଅନିୟମିତତା, ବେଆଇନ ଅର୍ଥ ଆଦାୟ ଓ ଚୟନ ପ୍ରକ୍ରିୟାରେ ହସ୍ତକ୍ଷେପ ଭଳି ଗମ୍ଭୀର ଅଭିଯୋଗ ଉଠାଇଛନ୍ତି । ପିସିଆଇ ଏବଂ ଏହାର ସୁଟିଂ ବୈଷୟିକ କମିଟିର କେତେକ ଅଧିକାରୀଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଛି । କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମନ୍ତ୍ରୀ ପ୍ରତିବାଦକାରୀଙ୍କ କଥା ଶୁଣିଛନ୍ତି ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି । ତେବେ ଏ ନେଇ କୌଣସି ଚୂଡ଼ାନ୍ତ ସମାଧାନ ଘୋଷଣା ହୋଇନାହିଁ । ଏହାର ଦିନକ ପୂର୍ବରୁ ଭାରତୀୟ ପାରା କ୍ରୀଡ଼ାବିତଙ୍କୁ ବିଦାୟୀ ସମାରୋହରେ ମଧ୍ୟ ସୁଟରମାନେ ପ୍ରତିବାଦ କରିଥିଲେ । ଏହି ଘଟଣା ଭାରତୀୟ ପାରା ସୁଟିଂ ପ୍ରଶାସନ ଓ ଦଳ ଚୟନର ସ୍ୱଚ୍ଛତାକୁ ନେଇ ନୂଆ ପ୍ରଶ୍ନ ଉଠାଇଛି ।

# ଦମୟନ୍ତୀଙ୍କୁ ସ୍ୱର୍ଣ୍ଣ, ସୋନାଲିଙ୍କୁ ରୌପ୍ୟ



ଭୁବନେଶ୍ୱର, ୯ ।୧୦(ସବ୍ୟୁ): ନୂଆଦିଲ୍ଲୀଠାରେ ଅକ୍ଟୋବର ୩ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ* ୨ୟ ବୋସିଆ ଫେଡେରେସନ୍ କପ୍-୨୦୨୬* ରେ ଓଡ଼ିଶାର ଦୁଇ ପାରା ବୋସିଆ କ୍ରୀଡ଼ାବିତ୍ ଦମୟନ୍ତୀ ଓଝା ଓ ସୋନାଲି ଓଝା ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦେଶର ୧୬ଟି ରାଜ୍ୟରୁ ୪୪ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର BC4 ମହିଳା ବ୍ୟକ୍ତିଗତ ବର୍ଗରେ ଦମୟନ୍ତୀ ଓଝା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସୋନାଲି ଓଝା ରୌପ୍ୟ ପଦକ ଜିତିଛନ୍ତି । ଉଭୟ କ୍ରୀଡ଼ାବିତ୍ଙ୍କ ଏହି ସଫଳତା ଓଡ଼ିଶାର ପାରା କ୍ରୀଡ଼ା କ୍ଷେତ୍ର ପାଇଁ ଏକ ଗର୍ବର ବିଷୟ । ଏହି ଗୌରବମୟ ସଫଳତା ପାଇଁ ପାରା ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା (PSAO)ର ସଭାପତି ଶ୍ରୀ କମଳା କାନ୍ତ ରଥ ଉଭୟ କ୍ରୀଡ଼ାବିତ୍ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଦୁହିଁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଅଧିକ ସଫଳତା ହାସଲ କରି ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଛନ୍ତି ।




ସୂଚନା


classifiedsamaya@gmail.com







# ସିଇଓର ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ

ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ଭାରତୀୟ କ୍ରିକେଟରେ ଆଘାତ ସମସ୍ୟା ଲାଗି ରହିଛି । ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସର ବାର୍ଷିକ ରିପୋର୍ଟ ଆଧାରରେ ଭାରତୀୟ କ୍ରିକେଟରଙ୍କ ଆଘାତ ଓ ରିଆବ ପ୍ରକ୍ରିୟା ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହୋଇଛି । ପୂର୍ବତନ ଅଧିନାୟକ ରୋହିତ ଶର୍ମା ଆଇପିଏଲ-୨୦୨୬ ପରେ ହାମଷ୍ଟ୍ରିଂ ଇଞ୍ଜୁରୀରୁ ମୁକୁଳିବା ପାଇଁ ବାଙ୍ଗାଲୋରରେ ରିହାବରେ ରହିଥିଲେ । କିନ୍ତୁ ବିସିସିଆଇ ଏହି ସୂଚନାକୁ ଗୋପନ ରଖିଥିଲା । ଏପ୍ରିଲ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ବିସିସିଆଇର ୨୦ ଜଣ କେନ୍ଦ୍ରୀୟ ଚୁକ୍ତିପ୍ରାପ୍ତ ଓ ୧୨ ଜଣ ଟାର୍ଗେଟ ଇଣ୍ଡିଆ ଏ ବର୍ଗର ଖେଳାଳିଙ୍କୁ ମିଶାଇ ମୋଟ ୩୨ ଜଣ ରିହାବରେ ରହି ଇଞ୍ଜୁରୀ ମୁକ୍ତ ହୋଇଛନ୍ତି । ଜୁଲାଇ ୨୦୨୫ ମାଞ୍ଚେଷ୍ଟର ଟେଷ୍ଟ ସମୟରେ ଇଂଲଣ୍ଡ ବୋଲର କ୍ରିସ ୱକ୍ସଙ୍କ ୟର୍କର ବଲ ବାଜି ପନ୍ତଙ୍କ ଗୋଡ ହାଡ ଭାଙ୍ଗି ଯାଇଥିଲା । ଗୋଟିଏ ସମ୍ବେଦନଶୀଳ ଘଟଣା ବ୍ୟତୀତ ଅନ୍ୟ ଖେଳାଳିମାନେ ମାଂଶପେଶୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା, ହର୍ସିତ ରାଣା ଏବଂ ନୀତିଶ କୁମାର ରେଡ୍ଡୀ ବିଗତ ୧୮ ମାସ ମଧ୍ୟରେ ଅତିକମରେ ୪ ମାସ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ବିତାଇଛନ୍ତି । ଏହାଛଡା ଯଶପ୍ରୀତ ବୁମରା, ୱାଶିଂଟନ ସୁନ୍ଦର ଓ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ବାରମ୍ବାର ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି । ଖେଳାଳିଙ୍କ ଆଘାତ ଓ ରିହାବ ସୁବିଧା ପାଇଁ ବିସିସିଆଇ ୨୦୨୬-୨୭ ବାର୍ଷିକ ବଜେଟ ୯୨ କୋଟିରୁ ୧୨୭ କୋଟିକୁ ବୃଦ୍ଧି କରିଛି । ମାର୍ଚ୍ଚ ୨୦୨୫ରେ ନୀତିନ ପଟେଲ ଇସ୍ତଫା ଦେବା ପରେ ସ୍ପୋର୍ଟ୍ସ ସାଇନ୍ସ ଆଣ୍ଡ ମେଡିସିନ ମୁଖ୍ୟ ପଦବୀ ଖାଲି ପଡିଛି ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି